# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ଜୁନ୍ ୧୬/୨୦୨୧ (୧୨ ପୃଷ୍ଠା) | Dhenkanal, Wednesday, June 16/2021 | ★★★★★

୧୭ଶ ଭାଗ ୧୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଚା' ପତି ପ୍ରେମୀ ଆଲିଆ**

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ବିଭିନ୍ନ ସହରକୁ ଯାଇ ଚା' ପତି କିଣିବାକୁ ଭଲ ପାଆନ୍ତି।

୧୦

୧୨

**ଭାରତୀୟ ଦଳକୁ ଫେରିଲେ ଉମେଶ**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ଭାରତୀୟ କ୍ରିକେଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଭେଟେରାନ ସିଡ୍ଷ୍ଟର ଉମେଶ ଯାଦବ।





ସର୍ବସାଧାରଣଙ୍କ ପାଇଁ ଖୋଲାଯିବା ପୂର୍ବରୁ ନୂଆଦିଲ୍ଲୀସ୍ଥିତ କୁତବ୍ ମିନାର କମ୍ପ୍ଲେକ୍ସକୁ ମଙ୍ଗଳବାର ବିଶୋଧନ କରାଯାଉଛି।

# ବିକ୍ଷୋଭ ଆତଙ୍କବାଦ ନୁହେଁ

**ସମ୍ବିଧାନ ପ୍ରଦତ୍ତ ବିକ୍ଷୋଭ ଅଧିକାର ଓ ଆତଙ୍କବାଦୀ କାର୍ଯ୍ୟକଳାପ ମଧ୍ୟରେ ରହିଥିବା ସୀମାରେଖାକୁ ରାଷ୍ଟ୍ର ଅସ୍ପଷ୍ଟ କରିଦେଇଛି। ଏପରି ଅସ୍ପଷ୍ଟତା ବଢ଼ି ଚାଲିଲେ ଗଣତନ୍ତ୍ର ବିପଦରେ ପଡ଼ିଯିବ।**

**- ଦିଲ୍ଲୀ ହାଇକୋର୍ଟ**

## ଦିଲ୍ଲୀ ଦଙ୍ଗାର ୩ ଅଭିଯୁକ୍ତଙ୍କୁ ଜାମିନ



ନତାଶା ନରୱାଲ



ଦେବାଙ୍ଗନା କଳିତା



ଆସିଫ୍ ଇକ୍ବାଲ୍ ତନ୍ହା

## ବିକ୍ଷୋଭ ପ୍ରଦର୍ଶନ ମୌଳିକ ଅଧିକାର: ହାଇକୋର୍ଟ

**ନୂଆଦିଲ୍ଲୀ,୧୫।୬**

ବିକ୍ଷୋଭ ପ୍ରଦର୍ଶନ କରିବା ସମ୍ବିଧାନ ପ୍ରଦତ୍ତ ନାଗରିକଙ୍କ ମୌଳିକ ଅଧିକାର। ଏହାକୁ ଆତଙ୍କବାଦୀ କାର୍ଯ୍ୟ ଭାବେ ଅଭିହିତ କରାଯାଇପାରିବ ନାହିଁ ବୋଲି ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ବେଳେ ପୋଲିସ ଗିରଫ କରିଥିବା ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍ୟୁ) ଛାତ୍ରୀ ଦେବାଙ୍ଗନା କଳିତାଙ୍କ ସମେତ ୩ ଜଣଙ୍କୁ ସାମ୍ପ୍ରଦାୟିକ ହିଂସା ମାମଲାରେ ହାଇକୋର୍ଟ ଜାମିନ ଦେଇଛନ୍ତି।

୨୦୨୦ ଫେବୃଆରୀରେ ପୂର୍ବ ଦିଲ୍ଲୀରେ ସିଏଏ ବିରୋଧୀ ବିକ୍ଷୋଭ ବେଳେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା। ଏହି ଦଙ୍ଗା ପାଇଁ ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗରେ ଅନ୍ୟମାନଙ୍କ ସହ ଦେବାଙ୍ଗନାଙ୍କୁ ଗତବର୍ଷ ମେ'ରେ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ବଳରେ ଗିରଫ କରାଯାଇଥିଲା। 'ପିଞ୍ଜରା ତୋଡ଼' ଆନ୍ଦୋଳନ ସହ ଜଡ଼ିତ ଦେବାଙ୍ଗନା କଳିତା ଓ ନତାଶା ନରୱାଲ ଜେଏନ୍ୟୁର ପିଏଚ୍.ଡି ଗବେଷଣା ଛାତ୍ରୀ ହୋଇଥିବାବେଳେ ଆସିଫ୍ ଇକ୍ବାଲ୍ ତନ୍ହା ହେଉଛନ୍ତି ଜାମିଆ ମିଲିଆ ଇସ୍ଲାମିଆ ୟୁନିଭର୍ସିଟିର ସ୍ନାତକ ଛାତ୍ର। ବର୍ଷେରୁ ଅଧିକ ସମୟ ଧରି ଜେଲରେ ରହିବା ପରେ ଏମାନଙ୍କୁ ଜାମିନ ମିଳିଛି। ଜଷ୍ଟିସ୍ ସିଦ୍ଧାର୍ଥ ମ୍ରିଦୁଲ ଏବଂ ଅନୁପ ଜୟରାମ ଭମ୍ଭାନୀଙ୍କୁ ନେଇ ଗଠିତ ଖଣ୍ଡପୀଠ ୩ ଜଣଙ୍କୁ ୫୦ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ୍ ଓ ୨ ଜଣ ଲେଖାଏ ସ୍ଥାନୀୟ ଜାମିନଦାର ବଳରେ ଜାମିନ ପ୍ରଦାନ କରିଛନ୍ତି। ଏହାସହ ଅଭିଯୁକ୍ତମାନଙ୍କୁ ସେମାନଙ୍କ ପାସ୍ପୋର୍ଟ ଦାଖଲ କରିବାକୁ ଏବଂ ମାମଲାରେ ବ୍ୟାଘାତ ସୃଷ୍ଟି ହେବା ଭଳି କାର୍ଯ୍ୟ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ୟୁଏପିଏ ଧାରା ୧୫,୧୭ କିମ୍ବା ୧୮ ଅନୁସାରେ ଅପରାଧ ବିବେଚନା ହେବା ଭଳି କୌଣସି କାର୍ଯ୍ୟ ଏମାନେ କରିନାହାନ୍ତି। ଆତଙ୍କବାଦ ନିରୋଧୀ ଆଇନ ୟୁଏପିଏରେ ଉଲ୍ଲେଖ କରାଯାଇଥିବା ସଂଜ୍ଞାଗତ ଶବ୍ଦ ଓ ବାକ୍ୟଗୁଡ଼ିକୁ ବ୍ୟବହାର କରିବା ସମୟରେ କୋର୍ଟ ମଧ୍ୟ ସତର୍କ ହେବା ଜରୁରୀ। ଏପରି କି ପାରମ୍ପରିକ ବର୍ବର ଅପରାଧ ମଧ୍ୟ ଆତଙ୍କବାଦଠାରୁ ଭିନ୍ନ। ଏହି ବିଷୟ ନ ବୁଝି ୟୁଏପିଏ ଆଇନ ବଳରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ଅନୁଚିତ। ଶାନ୍ତିପୂର୍ଣ୍ଣ ଉପାୟରେ ବିନା ଅସ୍ତ୍ରରେ ବିକ୍ଷୋଭ କରିବା ସମ୍ବିଧାନର ଅନୁଚ୍ଛେଦ ୧୯(୧) (ବି) ଅନୁସାରେ ଏକ ମୌଳିକ ଅଧିକାର। ସମ୍ବିଧାନ ପ୍ରଦତ୍ତ ବିକ୍ଷୋଭ ଅଧିକାର ଓ ଆତଙ୍କବାଦୀ କାର୍ଯ୍ୟକଳାପ ☞ପୃଷ୍ଠା-୪

## ନକଲି ଔଷଧ ଧରିବ ଏସ୍‌ଟିଏଫ୍

**ଭୁବନେଶ୍ୱର,୧୫।୬(ବ୍ୟୁରୋ):** କରୋନା ମହାମାରୀ ଭଳି ଘଡ଼ିସନ୍ଧି ସମୟରେ ରାଜ୍ୟରେ ନକଲି ଔଷଧ କାରବାର ଚାଲିଛି। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍‌କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି ବୋଲି ପୋଲିସ ଡିଜି ଅଭୟ ମଙ୍ଗଳବାର ସୂଚନା ଦେଇଛନ୍ତି। ଏସ୍‌ଟିଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ନକଲି ଔଷଧ କାରବାରର ଖୋଳତାଡ଼ କରାଯିବ। ଏହି କାରବାରରେ କାହାର ହାତ ରହିଛି, ଏହା କେଉଁଠି ପ୍ରସ୍ତୁତ କରାଯାଉଛି, ଓଡ଼ିଶାରେ ପ୍ରସ୍ତୁତ କରାଯାଉଛି ନା ରାଜ୍ୟ ବାହାରୁ ଏହାକୁ ଅଣାଯାଉଛି, ସେସବୁ ଦିଗକୁ ଏସ୍‌ଟିଏଫ୍ ଟିମ୍ ତଦନ୍ତ କରିବ। ତେବେ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ସହ ବିଚାର ବିମର୍ଶ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡିଜି କହିଛନ୍ତି। ଅପରପକ୍ଷରେ ଏନେଇ ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଚିରାଗଙ୍କ ବଂଶୀ


## ବ୍ରିଟେନରେ ଡେଲ୍ଟା ଭାରିଆଣ୍ଟ ଭୟ

### ଲକ୍‌ଡାଉନ୍ ଆଉ ୪ ସପ୍ତାହ ବୃଦ୍ଧି

**ଲଣ୍ଡନ, ୧୫।୬**

ଭାରତରେ ପ୍ରଥମେ ଚିହ୍ନଟ ହୋଇଥିବା କରୋନା ଭୂତାଣୁ ଡେଲ୍ଟା ଭାରିଆଣ୍ଟ ଏବେ ଡେଲ୍ଟା ପ୍ଲସ୍‌ର ରୂପ ନେଇଛି। ଏହି ଷ୍ଟ୍ରେନ୍ ବ୍ରିଟେନରେ ଆତଙ୍କ ସୃଷ୍ଟି କରିବାରୁ ଏହାର ମୁକାବିଲା ପାଇଁ ବୋରିସ୍ ଜନ୍‌ସନ ସରକାର ଅନ୍‌ଲକ୍ ପ୍ରକ୍ରିୟାକୁ ବିଳମ୍ବିତ କରିଛନ୍ତି। କଟକଣା ବୃଦ୍ଧିକୁ ବ୍ରିଟେନବାସୀ ବିରୋଧ କରି ଦୃଢ଼ ପ୍ରତିବାଦ ଜଣାଇଛନ୍ତି।

ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ସୋମବାର କରୋନାଜନିତ କଟକଣାକୁ ଆଉ ୪ ସପ୍ତାହ ବଢ଼ାଇଦେଇଛନ୍ତି। ଭାରତୀୟ ଭାରିଆଣ୍ଟ ଅଧିକ ସଂକ୍ରାମକ ଓ ଘାତକ ହୋଇଥିବାରୁ କଟକଣା ବୃଦ୍ଧି ଜରୁରୀ ଥିଲା ବୋଲି ସେ କହିଛନ୍ତି। ଡେଲି ମେଲ୍ ସମେତ ବ୍ରିଟେନର କେତେକ ଖବରକାଗଜ ସରକାରଙ୍କ ଏହି ନିଷ୍ପତ୍ତିକୁ ଲୋକଙ୍କ ଉପରେ ଦମନଲୀଳା ବୋଲି ଅଭିହିତ କରିଛନ୍ତି। ସେହିପରି 'ଆମେ କେବେ ମୁକ୍ତ ହୋଇପାରିବା' ବୋଲି ସନ୍ ଖବରକାଗଜ ପକ୍ଷରୁ ପ୍ରଶ୍ନ କରାଯାଇଛି। ସୋମବାର ବୋରିସ୍ ଏହି ଘୋଷଣା କରିବା ପୂର୍ବରୁ ଶଟ୍‌ଡାଉନ୍ ବିରୋଧରେ ଡାଉନିଂ ଷ୍ଟ୍ରିଟ୍ ବାହାରେ ବିକ୍ଷୋଭ କରୁଥିବା ବିବିସି ଜର୍ନାଲିଷ୍ଟ ନିକ୍ ୱାଟ୍‌ଙ୍କୁ ଘଉଡ଼ାଯିବା ସହ ଦୁର୍ବ୍ୟବହାର କରାଯାଉଥିବାର ଭିଡିଓ ସାମ୍ନାକୁ ଆସିଛି। ଏପରି କି ତାଙ୍କୁ ଦେଶଦ୍ରୋହୀ ବୋଲି କୁହାଯାଉଥିବା ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଏହି ଭିଡିଓ ଟ୍ୱିଟରରେ ବହୁଳ ପ୍ରସାରିତ ହୋଇଥିବାବେଳେ କରୋନା ଭୂତାଣୁ କିପରି ଲୋକଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିଛି ତାହା ଦେଖିବାକୁ ମିଳିଛି। ସମାଲୋଚକଙ୍କ ମତରେ ବୋରିସ୍ ପୂର୍ବରୁ ରେଡ୍ ଟ୍ରାଭେଲ୍ ଲିଷ୍ଟରେ ଭାରତକୁ ସାମିଲ କରି ସୀମା ନିୟନ୍ତ୍ରଣରେ କଡ଼ା ପଦକ୍ଷେପ ଗ୍ରହଣ କରିବା ଉଚିତ ଥିଲା। ପ୍ରକାଶ ଯେ, ଏପ୍ରିଲ ୨୩ ପର୍ଯ୍ୟନ୍ତ ବ୍ରିଟେନ ଭାରତ ଉପରେ ଯାତ୍ରା କଟକଣା ଜାରିକରିନଥିଲା।




## ଏମ୍‌ସ ପ୍ରବେଶିକା ପରୀକ୍ଷା ସ୍ଥଗିତ

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ବର୍ତ୍ତମାନର କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍‌ସ)ର ପିଜି ପାଠ୍ୟକ୍ରମରେ ନାମଲେଖା ପାଇଁ ହେବାକୁ ଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟାଶନାଲ କମ୍ବାଇନ୍‌ଡ ପ୍ରବେଶିକା ପରୀକ୍ଷା (ଇନିସେଟ୍)-୨୦୨୧କୁ ସ୍ଥଗିତ ରଖାଯାଇଛି। ଠିକ୍ ସମୟରେ ପରୀକ୍ଷା ପାଇଁ ନୂତନ ତାରିଖ ଘୋଷଣା କରାଯିବ ବୋଲି ମଙ୍ଗଳବାର ଏମ୍‌ସ ନୂଆଦିଲ୍ଲୀ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। କରୋନା ପାଇଁ ଏମ୍‌ସ ପ୍ରବେଶିକା ପରୀକ୍ଷାକୁ ଏକମାସ ସ୍ଥଗିତ ରଖିବାକୁ ଗତ ୧୧ ତାରିଖରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏମ୍‌ସ ପ୍ରବେଶିକା ପରୀକ୍ଷା ଜୁନ୍ ୧୬ରେ ଅନୁଷ୍ଠିତ ହେବାର ଥିଲା। ଏମ୍‌ସ ସମେତ ପୁଡୁଚେରୀସ୍ଥିତ ଜବାହରଲାଲ ଇନ୍‌ଷ୍ଟିଚ୍ୟୁଟ୍ ☞ପୃଷ୍ଠା-୪

## ପ୍ରେମ ପାଇଁ ୫ ଘଣ୍ଟାର ଆତଙ୍କ



ବନ୍ଧୁକଧାରୀ ଯୁବକ ବିକ୍ରମ ପଣ୍ଡାଙ୍କୁ ପୋଲିସ କାବୁ କରି ନେଉଛନ୍ତି।

### ବନ୍ଧୁକଧାରୀ ଯୁବକଙ୍କୁ କାବୁ କଲା ପୋଲିସ

**ବଲାଙ୍ଗୀର ଅଫିସ, ୧୫।୬**

ଏକତରଫା ପ୍ରେମକୁ ନେଇ ବଲାଙ୍ଗୀର ସହରରେ ମଙ୍ଗଳବାର ସକାଳେ ଦେଖିବାକୁ ମିଳିଛି ୫ଘଣ୍ଟାର ଆତଙ୍କ। ଜଣେ ବନ୍ଧୁକଧାରୀ ଯୁବକ ଅନ୍ୟ ଜଣେ ବ୍ୟକ୍ତିଙ୍କ ଘରେ ପଶି ତିନିଜଣଙ୍କୁ ବନ୍ଧକ ରଖି ଆତଙ୍କରାଜ ଚଳାଇଥିଲେ। ଏହାପରେ ଏସ୍‌ପି ନୀତିନ କୁଶଲକରଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା 'ଅପରେଶନ୍ ବଲାଙ୍ଗୀର'। ପୋଲିସ ଟିମ୍ ୫ଘଣ୍ଟାର ଉଦ୍ୟମ ପରେ ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ବନ୍ଧକ ତିନି ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଅଭିଯୁକ୍ତ ଜଣକ ହେଲେ ବଲାଙ୍ଗୀର ସହର ତାଳପାଲିପଡ଼ାର ବିକ୍ରମ ପଣ୍ଡା (୩୫)।

ମଙ୍ଗଳବାର ସକାଳ ସାଢ଼େ ୮ଟାରେ ବଲାଙ୍ଗୀର ସହରର ଶାନ୍ତିପଡ଼ାସ୍ଥିତ ଦିବ୍ୟଲୋଚନ ହୋତାଙ୍କ ଉପର ମହଲା ଘରକୁ ଅଭିଯୁକ୍ତ ଯୁବକ ବିକ୍ରମ ପଶି ଯାଇଥିଲେ। ସେ ଏକ ଏୟାର ବ୍ୟାଗ୍ ଧରିଥିଲେ। ତୁମ ଭାଣିଜୀଙ୍କୁ ଡାକ ବୋଲି ଦିବ୍ୟଲୋଚନଙ୍କୁ କହିବା ସହ ତାଙ୍କ ବ୍ୟାଗ୍‌ରୁ ବନ୍ଧୁକ କାଢ଼ି ମାରିଦେବାକୁ ଧମକ ଦେଇଥିଲେ। ☞ପୃଷ୍ଠା-୪

## ସିଏମ୍‌ସି ଟିକାକରଣ ପ୍ରହସନ

**ସୁପ୍ରିୟା ପ୍ରିୟଦର୍ଶିନୀ**
**କଟକ ଅଫିସ,୧୫।୬**

ସହରରେ ଟିକାକରଣ ବ୍ୟାପକ ଭାବରେ କରାଯାଇଛି ବୋଲି କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ଡିଣ୍ଡିମ ପିଟାଯାଉଛି। ବିଦେଶ ଯିବାକୁ ଥିବା ଛାତ୍ରୀଛାତ୍ର, ଦିବ୍ୟାଙ୍ଗ, ବସ୍ତିବାସିନ୍ଦା ଏବଂ ବୃଦ୍ଧାବୃଦ୍ଧଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ, ଘରେ ଘରେ ସ୍କ୍ରିନିଂ, ଟେଷ୍ଟିଂ ସହ ଟିକା ପ୍ରଦାନ ଆଦି ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ସିଏମ୍‌ସି କମିଶନର ଅନନ୍ୟା ଦାସ ଗଣମାଧ୍ୟମ ନିକଟରେ ପ୍ରକାଶ କରି କଟକବାସୀଙ୍କୁ ସାନ୍ତ୍ୱନା ଦେଇଚାଲିଛନ୍ତି। ହେଲେ ବାସ୍ତବ ଚିତ୍ର ଭିନ୍ନ।

କଟକ ଜିଲା କୋଭିଡ୍ ନୋଡାଲ ଅଧିକାରୀ ଉମେଶ ରାୟଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଗତ ଜାନୁୟାରୀ ୧୬ ରୁ ଆରମ୍ଭ ହୋଇଥିବା ଟିକାକରଣ ପ୍ରକ୍ରିୟାରେ ଜୁନ୍ ୧୧ତାରିଖ ସୁଦ୍ଧା ଜିଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ମିଶାଇ ୬ଲକ୍ଷ ୭୩ହଜାର ୯୦୭ ଜଣ ଟିକା ନେଇଛନ୍ତି। ସେମାନଙ୍କ ମଧ୍ୟରୁ ସହରାଞ୍ଚଳରେ ୩ ଲକ୍ଷ ୪୮ ହଜାର ୮୭୪ ଡୋଜ୍ ପ୍ରଦାନ କରାଯାଇଥିବାବେଳେ ଗ୍ରାମାଞ୍ଚଳରେ ୩ଲକ୍ଷ ୨୫ହଜାର ୩୩ଜଣ ଟିକା ନେଇଛନ୍ତି। ତେବେ ପ୍ରଥମ ଡୋଜ୍ ୫ଲକ୍ଷ ୭୩ହଜାର ୮୧ଜଣ ନେଇଥିବାବେଳେ ଦ୍ୱିତୀୟ ଡୋଜ୍ ମାତ୍ର ୧ଲକ୍ଷ ୮୨୬ଜଣ ନେଇଛନ୍ତି। ଲୋକମାନେ ଦ୍ୱିତୀୟ ଡୋଜ୍ ନେବାପାଇଁ ଟିକାକେନ୍ଦ୍ର ବୁଲିବୁଲି ନୟାନ୍ତ ହେଉଥିଲେ ମଧ୍ୟ ଟିକା ପାଇପାରୁ ନାହାନ୍ତି। ସେହିଭଳି ଗତ ୯ତାରିଖରୁ ବିଦେଶ ଯିବାକୁ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ସିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା କୁହାଯାଉଥିଲେ ମଧ୍ୟ ଏଯାବତ୍ କେତେଜଣ ଟିକା ନେଲେଣି ସେନେଇ କୌଣସି ତଥ୍ୟ ଦେଇପାରିବେ ନାହିଁ ବୋଲି ସିଏମ୍‌ସିର ଯୁଗ୍ମ କମିଶନର ସୁମିତା ସରକାର କହିଛନ୍ତି। ଏପରି କି ସିଏମ୍‌ସି ପକ୍ଷରୁ ସହରରେ ଲୋକଙ୍କୁ ଟିକା ଦେବା ପାଇଁ କି କି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି, ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳୁନାହିଁ। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥା କରିବାକୁ ବାରମ୍ବାର ଦାବି ଆସୁଥିଲେ ମଧ୍ୟ ଏନେଇ ପଦକ୍ଷେପ ନିଆଯାଇ ନାହିଁ। ଅନ୍ୟପକ୍ଷରେ ୱାର୍ଡସ୍ତରରେ ଟିକାକରଣର ବ୍ୟବସ୍ଥା ମଧ୍ୟ ହୋଇ ନାହିଁ। ସାହିରେ କରାଯାଇଥିବା ଟିକାକେନ୍ଦ୍ରରେ ଅନ୍ୟ ଅଞ୍ଚଳର ଲୋକ ଆସି ଟିକା ନେଉଛନ୍ତି। ହେଲେ ସ୍ଥାନୀୟ ଲୋକ ଟିକା ନେବାରୁ ବଞ୍ଚିତ ହୋଇଛନ୍ତି ବୋଲି ବିଭିନ୍ନ ୱାର୍ଡ ବାସିନ୍ଦା ଅଭିଯୋଗ କରିଛନ୍ତି। ସିଏମ୍‌ସିର ଅଦୂରଦର୍ଶିତା ପାଇଁ ସରକାରୀ ତଥା ବେସରକାରୀ ଟିକା କେନ୍ଦ୍ରଗୁଡ଼ିକରେ ବିଭିନ୍ନ ସମୟରେ ସମସ୍ୟା ଦେଖାଦେଇଛି। ଗତ ମେ' ୨୫ରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ହୋଇଥିବା ଅସ୍ଥାୟୀ ଟିକା କେନ୍ଦ୍ରକୁ ଆସିଥିବା ଲୋକଙ୍କୁ ଟିକା ନ ମିଳିବାରୁ ଉତ୍ତେଜନା ଦେଖାଦେଇଥିଲା। ସେହିଭଳି ଗତ ମାସରେ ସିଡିଏ ସେକ୍ଟର ୬ ସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆସିଥିବା ଲୋକଙ୍କୁ ଟିକା ଦିଆ ନ ଯାଇ ଅନ୍ୟ ସ୍ଥାନକୁ ପଠାଯାଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ମଧ୍ୟ ପାଇଥିଲା। ଏପରି କି ସିଏମ୍‌ସି ଦ୍ୱାରା ଅନୁମୋଦିତ ଘରୋଇ ହସ୍ପିଟାଲରେ ଟିକାକରଣକୁ ନେଇ ଅନେକ ସମୟରେ ସମସ୍ୟା ଦେଖିବାକୁ ମିଳିଛି। ସ୍ଲଟ୍ ବୁକିଂ କରି ଅନ୍ୟ ଜିଲାରୁ ୧୫୦ରୁ ଊର୍ଦ୍ଧ୍ୱ ଲୋକ ଗତ ୮ତାରିଖରେ ଏକ ଘରୋଇ ହସ୍ପିଟାଲକୁ ଟିକା ନେବାକୁ ଆସିଥିଲେ। ☞ପୃଷ୍ଠା-୪

### ସ୍ୱତନ୍ତ୍ର ବ୍ୟବସ୍ଥା, ସଚେତନତା ଭୁଲିଯାଇଛି



**ଭାରତ ଉପରେ ଯାତ୍ରା କଟକଣା ବଢ଼ାଇଲା ଫିଲପାଇନ୍ସ**

କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଫିଲିପାଇନ୍ସ ସରକାର ଭାରତରୁ ଯାତାୟାତ ଉପରେ କଟକଣା ଅବଧିକୁ ଜୁନ୍ ୩୦ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ନେପାଳ, ଓମାନ ଏବଂ ୟୁଏଇ ପାଇଁ ମଧ ଫିଲିପାଇନ୍ସ ଏହି କଟକଣା ବଢ଼ାଇଛି। କରୋନାର ଦ୍ୱିତୀୟ ଲହରବେଳେ ଗତ ଏପ୍ରିଲ ୨୯ରେ ଏହି ଦେଶ ଭାରତରୁ ଯାତାୟାତ ଉପରେ କଟକଣା ଲଗାଇଥିଲା।

## ସଂକ୍ଷେପରେ

### ୫ ଏମ୍‌ପିଙ୍କୁ ଏଲ୍‌ଜେପିରୁ ବିଦାକଲେ ଚିରାଗ



**ନୂଆଦିଲ୍ଲୀ,୧୫।୬:** ଚିରାଗ ପାଶ୍ୱାନଙ୍କ ନେତୃତ୍ୱାଧୀନ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ରେ କନ୍ଦଳ ଓ ଫାଟ ବଢ଼ିବାରେ ଲାଗିଛି। ଚିରାଗଙ୍କ ଗୋଷ୍ଠୀ ମଙ୍ଗଳବାର ୫ ବିଦ୍ରୋହୀ ଏମ୍‌ପିଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ଏଲ୍‌ଜେପି ପ୍ରତିଷ୍ଠାତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ରାମବିଳାସ ପାଶ୍ୱାନଙ୍କ ସାନଭାଇ ପଶୁପତି କୁମାର ପାରସଙ୍କ ଗୋଷ୍ଠୀ ଚିରାଗଙ୍କୁ ଦଳର ଅଧ୍ୟକ୍ଷ ପଦରୁ ବାହାର କରିଦେବା ପରେ ଏହି କାର୍ଯ୍ୟାନୁଷ୍ଠାନ ହେଉଛି ତାଙ୍କର ପ୍ରଥମ ପ୍ରତିକ୍ରିୟା। ଉଭୟ ପକ୍ଷ ବର୍ତ୍ତମାନ ଏଲ୍‌ଜେପିର ଲଗାମ ନିଜ ହାତରେ ରଖିବାକୁ ଉଦ୍ୟମ ଚଳାଇଛନ୍ତି। ଦୁଇ ଗୋଷ୍ଠୀ ଦଳର ପ୍ରତିନିଧିତ୍ୱ କରୁଥିବା ଦାବି କରୁଥିବାରୁ ଏହି ବିଷୟ ଏବେ ନିର୍ବାଚନ କମିଶନଙ୍କ ପାଖରେ ପହଞ୍ଚିବ। ପଶୁପତିଙ୍କ ଗୋଷ୍ଠୀର ୫ ଏମ୍‌ପି ସୋମବାର ଅଲଗା ହୋଇଥିଲେ। ସେମାନେ ପଶୁପତିଙ୍କୁ ଲୋକ ସଭାରେ ଦଳର ନେତା ବାଛିବା ସହ ବାଚସ୍ପତିଙ୍କୁ ଏହି ବିଷୟ ଅବଗତ କରାଇଥିଲେ। ଲୋକ ସଭା ସେକ୍ରେଟାରିଏଟ୍ ପଶୁପତିଙ୍କୁ ଗୃହରେ ଏଲ୍‌ଜେପି ନେତା ରୂପେ ସ୍ୱୀକୃତି ଦେଇଛି। ଏହା ଉପରେ ଚିରାଗ ଟୁଇଟ୍ କରି ଲେଖିଛନ୍ତି, ଦଳ ହେଉଛି ମା' ସଦୃଶ। ଦଳ ସହ ବିଶ୍ୱାସଘାତ କରିବା ଅନୁଚିତ। ସେ ଦଳ ଓ ପରିବାରକୁ ଏକାଠି କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏଥିରେ ବିଫଳ ହୋଇଛନ୍ତି। ଗଣତନ୍ତ୍ରରେ ଜନସାଧାରଣ ସର୍ବେସର୍ବା। ଯେଉଁମାନେ ଏଲ୍‌ଜେପି ଉପରେ ଆସ୍ଥା ପ୍ରକଟ କରିଛନ୍ତି ସେମାନଙ୍କୁ ଧନ୍ୟବାଦ। ଦଳର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ୫ ବିଦ୍ରୋହୀ ଏମ୍‌ପି ପଶୁପତି କୁମାର ପାରସ, ଚୌଧୁରୀ ମେହବୁବ୍ ଅଲି କାଇସର, ଚନ୍ଦନ କୁମାର, ବୀଣା ଦେବୀ ଓ ପ୍ରିନ୍ସ ରାଜଙ୍କୁ ବହିଷ୍କାର କରାଯାଇଛି। ଏହି ଅବସରରେ ଚିରାଗ କାକା ପଶୁପତିଙ୍କ ନିକଟକୁ ଲେଖିଥିବା ଏକ ପତ୍ର ଶେୟାର କରିଛନ୍ତି।

### ହଜ୍ ପାଇଁ ସବୁ ଆବେଦନ ବାତିଲ

**ନୂଆଦିଲ୍ଲୀ, ୧୫।୬:** ଆସନ୍ତା ଜୁଲାଇରେ ସାଉଦି ଆରବରେ ଆରମ୍ଭ ହେବାକୁ ଥିବା ହଜ୍ ଯାତ୍ରାରେ ସାମିଲ ପାଇଁ ହୋଇଥିବା ସମସ୍ତ ଆବେଦନକୁ ଭାରତର ହଜ୍ କମିଟି ବାତିଲ କରିଦେଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସାଉଦି ଆରବ କେବଳ ନିଜର ଦେଶର ସର୍ବାଧିକ ୬୦ ହଜାରଙ୍କୁ ମୁସଲମାନଙ୍କୁ ଏହି ପବିତ୍ର ଯାତ୍ରାରେ ସାମିଲ ହେବାକୁ ଅନୁମତି ଦେଇଛି। ତେଣୁ ଭାରତରୁ ସାଉଦି ଆରବ ଯାଇ ହଜ୍‌ରେ ସାମିଲ ଆବେଦନକୁ ଉକ୍ତ କମିଟି ବାତିଲ କରିଛି। ଗତବର୍ଷ ମଧ କେନ୍ଦ୍ର ସରକାର କୋଭିଡ୍ ସଂକ୍ରମଣ ଯୋଗୁ ଭାରତୀୟ ମୁସଲମାନଙ୍କୁ ହଜ୍ ଯାତ୍ରାକୁ ନ ପଠାଇବାକୁ ନିଷ୍ପତ୍ତି ନେଇଥିଲେ।

### '୧୫୦ ଟଙ୍କାରେ କୋଭାକ୍ସିନ ଡୋଜ୍ ଯୋଗାଇହେବନି'

**ହାଇଦ୍ରାବାଦ, ୧୫।୬:** ଭାରତ ବାୟୋଟେକ୍ ପକ୍ଷରୁ ପ୍ରସ୍ତୁତ କରୋନା ଟିକା କୋଭାକ୍ସିନର ଗୋଟିଏ ଡୋଜ୍‌କୁ କେନ୍ଦ୍ର ସରକାର ୧୫୦ ଟଙ୍କାରେ କିଣୁଛନ୍ତି। ତେବେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ମୂଲ୍ୟରେ ଟିକା ଯୋଗାଣ ହୋଇପାରିବନି ବୋଲି ଭାରତ ବାୟୋଟେକ୍ କହିଛି। ଟିକା ପାର୍ଶ୍ୱ ପ୍ରତିକ୍ରିୟାଜନିତ କ୍ଷତି ପାଇଁ କେନ୍ଦ୍ର ସରକାରଙ୍କଠାରୁ କମ୍ପାନୀ କୌଣସି ସୁରକ୍ଷା ମାଗି ନ ଥିବା କଥା ମଧ କମ୍ପାନୀ ଉଠାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି, ସରକାର ଲୋକଙ୍କୁ ମାଗଣାରେ ଟିକା ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ମାତ୍ର ୨୫% ଟିକା ଘରୋଇ ହସ୍ପିଟାଲଗୁଡ଼ିକୁ ଦେବାକୁ ନିର୍ଦ୍ଦେଶ ରହିଛି। ଏହି କାରଣରୁ ପ୍ରାଇଭେଟ୍ ହସ୍ପିଟାଲଗୁଡ଼ିକରେ ଏବେ ସୁଦ୍ଧା ମୋଟ ଉତ୍ପାଦନର ମାତ୍ର ୧୦% ଟିକା ଯୋଗାଣ ହୋଇଛି। ଉଭୟ ଘରୋଇ ହସ୍ପିଟାଲ ଓ କେନ୍ଦ୍ର ସରକାରଙ୍କୁ ଯୋଗାଣ ହେଉଥିବା ଡୋଜ୍‌ର ହାରାହାରି ମୂଲ୍ୟ ୨୫୦ ଟଙ୍କାରୁ ମଧ କମ୍ ରହୁଛି। କମ୍ପାନୀ ନିଜ ସମ୍ବଳରୁ ୫ ଶହ କୋଟି ଟଙ୍କା ଖର୍ଚ୍ଚ କରିଛି। ଅନ୍ତର୍ଜାତୀୟ ସ୍ତରରେ କୋଭିଡ୍ ଭାକ୍ସିନର ମାର୍କେଟ ପ୍ରାଇସ୍ ୭୩୦ ଟଙ୍କାରୁ ୨,୭୦୦ ପର୍ଯ୍ୟନ୍ତ ରହୁଛି। ତେଣୁ ଦୀର୍ଘ ଦିନ ପର୍ଯ୍ୟନ୍ତ ଏତେ କମ୍ ମୂଲ୍ୟରେ ଟିକା ଯୋଗାଣ କଷ୍ଟକର ହୋଇପଡ଼ିବ ବୋଲି ଭାରତ ବାୟୋଟେକ୍ କହିଛି।

## ବନ୍ଦ ହେବ ୱିଣ୍ଡୋଜ୍ ୧୦





ଜୁନ୍ ୨୪ରେ ଅପରେଟିଂ ସିଷ୍ଟମ୍ ୱିଣ୍ଡୋଜ୍‌ର ନୂଆ ଭର୍ସନ ଆସିଯିବ। ପରେ ୨୦୨୫ ଅକ୍ଟୋବରରେ ମାଇକ୍ରୋସଫ୍ଟ ପକ୍ଷରୁ ୱିଣ୍ଡୋଜ୍ ୧୦ ସପୋର୍ଟକୁ ବନ୍ଦ କରିଦିଆଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସପୋର୍ଟ ପେଜ୍‌ରେ କମ୍ପାନୀ ଏ ବାବଦରେ ଅପଡେଟ୍ ଦେଇଛି। ୨୦୧୫ ଜୁଲାଇ ୨୯ରେ ମାଇକ୍ରୋସଫ୍ଟ ପକ୍ଷରୁ ୱିଣ୍ଡୋଜ୍ ୧୦ ହୋମ୍ ଏବଂ ପ୍ରୋ ଅପରେଟିଂ ସିଷ୍ଟମ ସପୋର୍ଟ ଆରମ୍ଭ କରିଥିଲା। ଓଏସ୍ ପରି ୧୦ ବର୍ଷର ଟାଇମ୍ ଲାଇନ ପରେ ୱିଣ୍ଡୋଜ୍ ୧୦କୁ ମଧ ବନ୍ଦ କରିଦିଆଯିବ। ଡେଭେଲପର ଏବଂ କ୍ରିଏଟରଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବାକୁ ଖୁବଶୀଘ୍ର ଅତ୍ୟାଧୁନିକ ୱିଣ୍ଡୋଜ୍ ଅପଡେଟ୍ ଆସିବ ବୋଲି ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଦେଲା କହିଛନ୍ତି।

## ଜୁଲାଇ ୨୭ରେ 'ବେଲ୍ ବଟମ୍'



ଖିଲାଡି ବୟ ଅକ୍ଷୟ କୁମାରଙ୍କ ଅଭିନୀତ ସ୍ପାଏ ଥ୍ରିଲର 'ବେଲ୍ ବଟମ' ଆସନ୍ତା ଜୁଲାଇ ୨୭ରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବାକୁ ସ୍ଥିର ହୋଇଛି। ଅକ୍ଷୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏ ସମ୍ପର୍କିତ ଖବର ଉପରେ ମଙ୍ଗଳବାର ଏକ ଭିଡିଓ ପୋଷ୍ଟ କରିଛନ୍ତି। ଗତ ଏପ୍ରିଲରେ ଏହି ଫିଲ୍ମ ରିଲିଜ ହେବାକୁ ସ୍ଥିର କରାଯାଇଥିବାବେଳେ କରୋନା ଯୋଗୁ ତାହା ସ୍ଥଗିତ ରହିଥିଲା। ଏଥିରେ ଅକ୍ଷୟଙ୍କ ସମେତ ବାନୀ କପୁର, ହୁମା କ୍ୟୁରେଶୀ, ଲାରା ଦତ୍ତ ପ୍ରମୁଖ ରହିଛନ୍ତି। ରଞ୍ଜିତ ଏମ୍. ତିୱାରି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି।

# ୨୪କୁ ନଜର, ୨୨ ପାଇଁ ଛାନିଆ

**୫ ରାଜ୍ୟରେ ବିଧାନସଭା ନିର୍ବାଚନ: ଘର ସଜାଡ଼ିବାକୁ ଭାଜପାର ଉଦ୍ୟମ**



ନରେନ୍ଦ୍ର ମୋଦି



ଯୋଗୀ ଆଦିତ୍ୟନାଥ

**ଉତ୍ତରପ୍ରଦେଶରେ ନିକଟରେ ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅଖିଳେଶ ଯାଦବଙ୍କ ନେତୃତ୍ୱାଧୀନ ସମାଜବାଦୀ ପାର୍ଟି ଶାସକ ଭାଜପାକୁ ପରାସ୍ତ କରିଥିଲା। ୨୦୨୨ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଏହି ପରିଣାମକୁ ସେମିଫାଇନାଲ କୁହାଯାଉଛି। ସେହିପରି ଆଗାମୀ ବିଧାନସଭା ନିର୍ବାଚନ ୨୦୨୪ ଲୋକ ସଭା ଭୋଟକୁ ବହୁଳ ପ୍ରଭାବିତ କରିବ ବୋଲି ମତଦାତା, ନେତା ଓ ବିଶ୍ଳେଷକ କହିଲେଣି। ଦିଲ୍ଲୀରେ କ୍ଷମତା ହାସଲ ପାଇଁ ୟୁପି ହିଁ ଏକମାତ୍ର ରାସ୍ତା। ତେଣୁ ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ତଥା ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଏହି ରାଜ୍ୟ ଉପରେ କେନ୍ଦ୍ରର ମୋଦି ସରକାରଙ୍କ ଧ୍ୟାନ କେନ୍ଦ୍ରୀଭୂତ ହୋଇଛି। କରୋନା ଭାଇରସ୍‌ର ଦ୍ୱିତୀୟ ଲହର ପ୍ରକୋପ କମିବା ମାତ୍ରେ ସାଙ୍ଗଠନିକ କାର୍ଯ୍ୟକୁ ଜୋର୍ ଦେବା ପାଇଁ ଭାଜପା ନିଷ୍ପତ୍ତି ନେଇଛି।**

**ନୂଆଦିଲ୍ଲୀ,୧୫।୬**

୫ ରାଜ୍ୟରେ ବିଧାନସଭା ଭୋଟ କରାଇବାକୁ ନିଶ୍ଚିତ ବୋଲି ଦୁଇ ସପ୍ତାହ ତଳେ ଭାରତର ନିର୍ବାଚନ କମିଶନ (ଇସିଆଇ) ଘୋଷଣା କରିବା ପରଠୁ ଜାତୀୟ ରାଜନୀତିରେ ଉଷ୍ମତା ବଢ଼ିବାରେ ଲାଗିଛି। ଗୋଆ, ମଣିପୁର, ପଞ୍ଜାବ, ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶ(ୟୁପି)ରେ ୨୦୨୨ ଫେବୃୟାରୀ–ମାର୍ଚ୍ଚ ଆଡ଼କୁ ବିଧାନସଭା ନିର୍ବାଚନ ହେବ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହାକୁ ସେମିଫାଇନାଲ କୁହାଯାଉଛି। କରୋନା ଭାଇରସ୍‌ର ମୁକାବିଲାରେ ବିଫଳ ହୋଇଥିବା କେନ୍ଦ୍ର ସରକାର ଏଥିପାଇଁ ଘର ସଜାଡ଼ିବା ଆରମ୍ଭ କରିଛନ୍ତି, ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାରାଥନ ବୈଠକରୁ ସ୍ପଷ୍ଟ ହୋଇଛି।

ନିର୍ବାଚନମୁହାଁ ରାଜ୍ୟଗୁଡ଼ିକ ପାଇଁ ରଣନୀତି ପ୍ରସ୍ତୁତି ଲାଗି ଭାଜପା ଚିନ୍ତନ ବୈଠକ ଓ ଜନ ସମ୍ବାଦ କାର୍ଯ୍ୟକ୍ରମ ଆୟୋଜନ କରିବ। ସମସ୍ତ ରାଜ୍ୟକୁ ଜୁନ୍ ୨୧ରୁ ୩୦ ଭିତରେ ଭର୍ଚୁଆଲି କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିବାକୁ କୁହାଯାଇଛି। ଏହାସହ ପ୍ରଶିକ୍ଷଣ ଶିବିର ଓ ଅନ୍ୟ କାର୍ଯ୍ୟଗୁଡ଼ିକୁ ମଧ ତ୍ୱରାନ୍ୱିତ କରାଯିବ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ୫ ରାଜ୍ୟର ଦଳୀୟ ଶାଖାଗୁଡ଼ିକୁ ଜୁଲାଇ ୧୦ ସୁଦ୍ଧା ପ୍ରଥମ ଚିନ୍ତନ ବୈଠକ କରି ରଣନୀତି ସ୍ଥିର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଭାଜପା ପକ୍ଷରୁ ଛୋଟ ଛୋଟ ଟିମ୍ ଗଠନ କରି ଦିଲ୍ଲୀ ପଠାଯିବ। ନଡ୍ଡା ସେମାନଙ୍କ ସହ ପୃଥକ୍ ଭାବେ ଆଲୋଚନା କରି ନିର୍ବାଚନ ରଣନୀତିକୁ ଚୂଡ଼ାନ୍ତ ରୂପ ଦେବେ। ଦଳର ସମ୍ପୃକ୍ତ ପ୍ରଭାରୀ ଓ ସମ୍ପାଦକମାନେ ଜୁଲାଇ ୩୧ ପୂର୍ବରୁ ନିଜ ନିଜ ଦାୟିତ୍ୱରେ ଥିବା ରାଜ୍ୟକୁ ଗସ୍ତ କରିବେ। ଏହା ବ୍ୟତୀତ ଜୁନ୍ ୧୮ରେ କରୋନା ମହାମାରୀ ଉପରେ ଏକ ଭର୍ଚୁଆଲ ସେସନ୍ କରାଯିବ। ଏଥିରେ କୋଭିଡ୍ ଚ୍ୟାଲେଞ୍ଜ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସଙ୍କଟର ମୁକାବିଲା ଆଦି ସମ୍ପର୍କରେ ଆଲୋଚନା ହେବ। ପରେ ଏହା ଉପରେ ଏକ ଫିଲ୍ମ ମଧ କରାଯିବ, ଯାହାକୁ ଜୁଲାଇ ୧୦ ସୁଦ୍ଧା ମଣ୍ଡଳସ୍ତରରେ ଆଞ୍ଚଳିକ ଭାଷାରେ ପ୍ରସ୍ତୁତ କରିବାକୁ କୁହାଯାଇଛି।

ଉପରୋକ୍ତ ରାଜ୍ୟଗୁଡ଼ିକ ମଧ୍ୟରୁ ୟୁପି, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁରରେ ଭାଜପା ସରକାର ଚାଲିଥିବାବେଳେ ପଞ୍ଜାବରେ କଂଗ୍ରେସ କ୍ଷମତାସୀନ ଅଛି। ୟୁପିରେ ଯୋଗୀ ସରକାର କୋଭିଡ୍ ପରିଚାଳନାରେ ବିଫଳ ହୋଇ ଲୋକଙ୍କ ଆସ୍ଥା ହରାଇଥିବା ଦର୍ଶାଇ ବିରୋଧୀ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) କଡ଼ା ସମାଲୋଚନା କରୁଛନ୍ତି। ଏହି ବିଫଳତା ସାଙ୍ଗକୁ ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମତଭେଦ ପଦାରେ ପଡ଼ିଲାଣି। ଏଥିଲାଗି କେବଳ ୨୦୨୨ ବିଧାନସଭା ଭୋଟ ନୁହେଁ, ବରଂ ୨୦୨୪ ସାଧାରଣ ନିର୍ବାଚନ ପାଇଁ ମଧ ମୁଣ୍ଡବ୍ୟଥା ବଢ଼ିପାରେ ବୋଲି ଭାଜପା ଆଶଙ୍କା କରୁଛି। ଯୋଗୀ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିବାରୁ ୟୁପି କ୍ୟାବିନେଟରେ ଅଦଳବଦଳ ନେଇ ଚର୍ଚ୍ଚା ଜୋର୍ ଧରିଛି। ସେହିପରି ଉତ୍ତରାଖଣ୍ଡର ତୀରଥ ସିଂ ରାୱତ୍ ସରକାର କାମ କମ୍, ବିବାଦୀୟ ମନ୍ତବ୍ୟକୁ ନେଇ ଅଧିକ ଚର୍ଚ୍ଚାରେ ରହୁଛନ୍ତି। ତାଙ୍କ ନେତୃତ୍ୱରେ ଆଗାମୀ ବିଧାନସଭା ନିର୍ବାଚନ ଜିତିବା ଭାଜପା ପାଇଁ ସହଜ ହୋଇ ନ ପାରେ। ତେଣୁ ଉତ୍ତରାଖଣ୍ଡରେ ବି ଗୈରିକ ଦଳ ଘର ସଜାଡ଼ିବା ଆରମ୍ଭ କରିଛି। ଅନ୍ୟପକ୍ଷେ ୩ ବିବାଦୀୟ କୃଷି ଆଇନକୁ ନେଇ ଭାଜପାଠାରୁ ଦୂରେଇଯାଇଥିବା ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ପଞ୍ଜାବରେ ମାୟାବତୀଙ୍କ ଦଳିତ ଭୋଟ ବ୍ୟାଙ୍କ ଉପରେ ନଜର ପକାଇଛି। ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନରେ ଏସ୍‌ଏଡି ୯୭ ଏବଂ ବିଏସ୍‌ପି ୨୦ ଆସନରେ ଲଢ଼ିବା ପାଇଁ ଶନିବାର ମେଣ୍ଟ ଘୋଷଣା କରିଛନ୍ତି। ତେଣୁ ଏହି କଂଗ୍ରେସ ଶାସିତ ରାଜ୍ୟକୁ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ହାତରୁ ଛଡ଼ାଇନେବା ଭାଜପା ପାଇଁ ଅସମ୍ଭବ ହୋଇପାରେ। ଅନ୍ୟପକ୍ଷେ ଗୋଆରେ ୨୦୧୨ରୁ ଭାଜପା କ୍ଷମତାରେ ରହିଛି। ୨୦୨୨ ବିଧାନସଭା ଭୋଟ ବେଳେ ୧୦ ବର୍ଷ ଶାସନର କ୍ଷମତା ବିରୋଧୀ ହାୱା ପ୍ରମୋଦ ସାୱନ୍ତ ସରକାରଙ୍କ ପାଇଁ ଅଡୁଆ ସାଜିପାରେ। ୨୦୧୭ରେ ଅନୁଷ୍ଠିତ ମଣିପୁର ବିଧାନସଭା ନିର୍ବାଚନରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇ ସୁଦ୍ଧା ଭାଜପାର ପେଞ୍ଚ ଯୋଗୁ ସରକାର ଗଠନ କରି ପାରି ନ ଥିଲା। ଏହି ଉତ୍ତର–ପୂର୍ବ ରାଜ୍ୟରେ ୨୦୦୨ରୁ ୨୦୧୭ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥିବା କଂଗ୍ରେସ ଭେଟେରାନ୍ ଓକ୍‌ରାମ ଇବୋବି ସିଂ ଆଗାମୀ ନିର୍ବାଚନରେ ଏହାର ପ୍ରତିଶୋଧ ନେବା ପାଇଁ ଗୋଟି ଚଳାଇବା ଆରମ୍ଭ କରିଦେଇଛନ୍ତି। ଇତିମଧ୍ୟରେ ସୁରଟ ମହାନଗର ନିଗମ ନିର୍ବାଚନରେ ୧୨୦ ଆସନରୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୨୭ଟିରେ ବିଜୟୀ ହେବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଦୁଇଥର ଗୁଜରାଟ ଗସ୍ତ କଲେଣି। ଆଗାମୀ ବିଧାନସଭା ନିର୍ବାଚନରେ ଗୁଜରାଟର ସମସ୍ତ ୧୮୨ ଆସନରେ ଏଏପି ପ୍ରାର୍ଥୀ ଦେବ ବୋଲି ସୋମବାର କେଜ୍‌ରିୱାଲ ଘୋଷଣା କରିଛନ୍ତି। ଏହା ପୂର୍ବରୁ ଆସନ୍ତା ବର୍ଷ ନିର୍ବାଚନ ହେବାକୁ ଥିବା ସମସ୍ତ ରାଜ୍ୟରେ ଏଏପି ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କେଜ୍‌ରିୱାଲ ସଙ୍କେତ ଦେଇଥିଲେ। ହିମାଚଳ ପ୍ରଦେଶରେ ୨୦୨୨ ଅକ୍ଟୋବର ଓ ଗୁଜରାଟରେ ଡିସେମ୍ବର ଆଡ଼କୁ ଭୋଟ ହେବ। ସେହିପରି ୨୦୨୨ ଜୁଲାଇରେ ରାଷ୍ଟ୍ରପତି ଓ ଅଗଷ୍ଟରେ ଉପରାଷ୍ଟ୍ରପତି ନିର୍ବାଚନ ହେବ। ଏସବୁ ଦୃଷ୍ଟିରୁ ରାଜ୍ୟଗୁଡ଼ିକର ଭାଜପା ଏମ୍‌ପିଙ୍କୁ କେନ୍ଦ୍ର କ୍ୟାବିନେଟରେ ସ୍ଥାନ ଦେବା ଲାଗି ମୋଦି ସରକାର ବିଚାର କରୁଥିବା କୁହାଯାଉଛି।



ଇଟିଟି–ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚାକିରି ଦାବିରେ ପଟିଆଲାସ୍ଥିତ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରେନ୍ଦ୍ର ସିଂଙ୍କ ବାସଭବନ ଆଗରେ ମଙ୍ଗଳବାର ବିକ୍ଷୋଭ କରୁଥିବା ଟିଚର୍ସ ୟୁନିୟନର ଜଣେ ସଦସ୍ୟଙ୍କୁ ପୋଲିସ ଉଠାଇ ନେଉଛି।

## ୩.୪୫%କୁ ଖସିଲା ପଜିଟିଭ୍ ହାର

**ନୂଆଦିଲ୍ଲୀ, ୧୫।୬**

- ଦିନକରେ ୨,୭୨୬ ମୃତ
- ୬୦,୪୭୧ ନୂଆ ସଂକ୍ରମିତ ଚିହ୍ନଟ



ଦେଶରେ କରୋନାର ଦୈନିକ ସଂକ୍ରମଣ ହାର ଗତ ୭୫ ଦିନରେ ସର୍ବନିମ୍ନ ରହିଛି। ଗତ ୨୪ ଘଣ୍ଟାରେ ୬୦,୪୭୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୯୫,୭୦,୮୮୧କୁ ବୃଦ୍ଧି ପାଇଛି। ତେବେ ଦୈନିକ ପଜିଟିଭ ହାର ୩.୪୫କୁ ଖସିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ମେ' ୭ରେ ଦୈନିକ ସଂକ୍ରମଣ (୪.୧୪ ଲକ୍ଷ) ସର୍ବାଧିକ ରହିଥିବାବେଳେ ଏବେ ତାହା ୮୫% ହ୍ରାସ ପାଇଛି ବୋଲି କେନ୍ଦ୍ର ସରକାର କହିଛନ୍ତି। ସେହିପରି ମୃତ୍ୟୁ ସଂଖ୍ୟାରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହୋଇଛି। ଦିନକରେ ୨,୭୨୬ ଜଣ ଆକ୍ରାନ୍ତ ଜୀବନ ଯାଇଥିବାବେଳେ ମୋଟ ମୃତ୍ୟୁସଂଖ୍ୟା ୩,୭୭,୦୩୧ରେ ପହଞ୍ଚିଛି। ସକ୍ରିୟ ମାମଲା ମଧ ହ୍ରାସ ପାଇ ୯,୧୩,୩୭୮ରେ ପହଞ୍ଚିଛି ଯାହା କି, ମୋଟ ସଂକ୍ରମଣର ୩.୦୯ ପ୍ରତିଶତ। ସେହିପରି ଜାତୀୟ ଆରୋଗ୍ୟ ହାର ୯୫.୬୪ ପ୍ରତିଶତକୁ ବୃଦ୍ଧି ପାଇଛି।

### ଟିକାରେ ଜଣଙ୍କ ମୃତ୍ୟୁ ହୋଇଛି: କେନ୍ଦ୍ର

କୋଭିଡ୍ ଟିକାଜନିତ ପାର୍ଶ୍ୱ ପ୍ରତିକ୍ରିୟାରେ ଦେଶରେ ଜଣଙ୍କର ମୃତ୍ୟୁ ଘଟିଥିବା କେନ୍ଦ୍ର ସରକାର ନିଶ୍ଚିତ କରିଛନ୍ତି। ଜଣେ ୬୮ ବର୍ଷୀୟ ପୁରୁଷ ଗତ ମାର୍ଚ୍ଚ ୮ରେ ଭାକ୍ସିନ୍ ଶଟ୍ ନେବା ପରେ ଆନାଫିଲାକ୍ସିସ୍ (ଏକ ପ୍ରକାର ଆଲର୍ଜି)ରେ ଗୁରୁତର ହୋଇପଡ଼ିଥିଲେ। ଏଥିଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା କେନ୍ଦ୍ର ପକ୍ଷରୁ କୁହାଯାଇଛି। ଟିକାକରଣ ପରେ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା କମିଟି (ଏଇଏଫ୍‌ଆଇ)ର ମୁଖ୍ୟ ଡା. ଏନ୍. କେ. ଅରୋରା ଏହି ମୃତ୍ୟୁ ଟିକାଜନିତ ବୋଲି ସ୍ପଷ୍ଟ କରିଛନ୍ତି। ଜାନୁୟାରୀ ୧୯ ଓ ୧୬ ଫେବୃୟାରୀରେ ଟିକା ନେଇଥିବା ଦୁଇ ଜଣଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିଲେ ହେଁ ସେମାନେ ଆରୋଗ୍ୟ ହୋଇଛନ୍ତି। ମୋଟ ୩୧ ଜଣଙ୍କ ମୃତ୍ୟୁର କାରଣ ଉପରେ ଉକ୍ତ କମିଟି ଯାଞ୍ଚ କରିଥିଲା।

## ପାକ୍ ଆମ୍ବ ଫେରାଇଦେଲେ ଚାଇନା, ଆମେରିକା

**ଇସ୍‌ଲାମାବାଦ,୧୫।୬**



**ଇମ୍ରାନଙ୍କ ମ୍ୟାଙ୍ଗୋ ଡିପ୍ଲୋମାସି**

ବୈଶ୍ୱିକ ମହାମାରୀ କରୋନା କାଳରେ ସଂକ୍ରମଣକୁ ନେଇ ସାରା ବିଶ୍ୱ ଚିନ୍ତିତ। ଏଭଳି ସମୟରେ ପାକିସ୍ତାନ ଆମ୍ବ ପଠାଇ ସବୁ ଦେଶ ସହ ସମ୍ପର୍କ ସୁଧାରିବାରେ ଲାଗିଛି। ଆର୍ଥିକ ଅନଟନ ଦେଇ ଗତି କରୁଥିବା ଇମ୍ରାନ ସରକାର ମ୍ୟାଙ୍ଗୋ ଡିପ୍ଲୋମାସି ଆପଣାଇଛନ୍ତି। ସେ ବିଶ୍ୱର ୩୨ ଦେଶକୁ ଅନୱର ରଟ୍ଟୋଲ ଏବଂ ସିନ୍ଧାରୀ କିସମର ଆମ୍ବ ଉପହାର ଦେଇଥିଲେ। କିନ୍ତୁ ପାକିସ୍ତାନର ପରମ ମିତ୍ର ଚାଇନାକୁ ଏହା ଭଲ ଲାଗିଲାନାହିଁ। ଚାଇନା ପାକିସ୍ତାନକୁ ସେହି ଆମ୍ବ ଫେରାଇ ଦେଇଛି। ଆମ୍ବ ଫେରାଇଥିବା ଦେଶଗୁଡ଼ିକ ମଧ୍ୟରେ ଆମେରିକା, କାନାଡା, ନେପାଳ, ଇଜିପ୍ଟ ଓ ଶ୍ରୀଲଙ୍କା ମଧ ଅଛି। ଏହି ଦେଶଗୁଡ଼ିକ କ୍ୱାରାଣ୍ଟାଇନ୍ ନିୟମ ଆଳରେ ଆମ୍ବକୁ ଗ୍ରହଣ କରିନାହାନ୍ତି। କରୋନା ସଂକ୍ରମଣ ପରେ ପାକିସ୍ତାନ ଆର୍ଥିକ ସଙ୍କଟ ସାମ୍ନା କରୁଛି। ତେଣୁ ପଡ଼ୋଶୀ ଦେଶ ଅନ୍ୟ ରାଷ୍ଟ୍ରକୁ ଆମ୍ବ ପଠାଇ ନିଜ ସମ୍ପର୍କ ମଜଭୁତ କରିବାକୁ ଚାହୁଁଥିଲା। ପାକିସ୍ତାନ ରାଷ୍ଟ୍ରପତି ଡକ୍ଟର ଆରିଫ ଅଲ୍‌ଭିଙ୍କ ପକ୍ଷରୁ ୩୨ ଦେଶର ରାଷ୍ଟ୍ରମୁଖ୍ୟଙ୍କ ପାଖକୁ ଆମ୍ବ ପଠାଯାଇଥିଲା। ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟର ସୂଚୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ନାମ ମଧ ଥିଲା। କିନ୍ତୁ ଫ୍ରାନ୍ସ ଏହି ରଣନୀତି ଉପରେ କୌଣସି ପ୍ରତିକ୍ରିୟା ଦେଇନାହିଁ।

## ଇଟାଲୀ ମରିନ୍‌ଙ୍କ ବିରୋଧରେ ମାମଲା ବନ୍ଦ

**ନୂଆଦିଲ୍ଲୀ,୧୫।୬**



ମସିମିଲିଆନୋ ଲଟୋର ଏବଂ ସଲ୍‌ଭାଟୋର ଗିରୋନ୍।

୨୦୧୨ରେ ଇଟାଲୀର ୨ ନୌସୈନିକଙ୍କ ଦ୍ୱାରା କେରଳ ଉପକୂଳରେ ୨ ଦୁଇଜଣ ଭାରତୀୟ ମତ୍ସ୍ୟଜୀବୀଙ୍କ ହତ୍ୟା ମାମଲାର ଶୁଣାଣିକୁ ମଙ୍ଗଳବାର ସୁପ୍ରିମକୋର୍ଟ ବନ୍ଦ କରିଦେଇଛନ୍ତି। ଏହାସହ ଦୁଇ ମୃତକଙ୍କ ପରିବାରକୁ ୧୦ କୋଟି ଟଙ୍କା କ୍ଷତିପୂରଣ ଦେବା ନେଇ ସୁନିଶ୍ଚିତ କରିବାକୁ କେରଳ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୨ ଫେବୃୟାରୀ ୧୫ରେ କେରଳର ୨ ମତ୍ସ୍ୟଜୀବୀ ଜେଲେଷ୍ଟାଇନ୍ ଏବଂ ଅଜିଶ ପିଙ୍କୁ ନିନ୍ଦାକାର ହାର୍ବରକୁ ମାଛ ଧରିବାକୁ ଯାଇଥିଲେ। ଦୁହେଁ ସେଣ୍ଟ ଆଣ୍ଟୋନି ବୋଟ୍‌ରେ ଲାକ୍ଷାଦ୍ୱୀପ ଆଡ଼କୁ ଗଭୀର ସମୁଦ୍ରରେ ମାଛ ଧରିବାକୁ ଯାଇ ଫେରିବାବେଳେ ସିଙ୍ଗାପୁରରୁ ଇଜିପ୍ଟ ଯାଉଥିବା ଅଏଲ୍ ଟ୍ୟାଙ୍କର ଏମ୍‌ଭି ଏନ୍‌ରିକା ଲେକ୍ସି ସହ ମୁହାଁମୁହିଁ ହୋଇଥିଲେ। ଏହା ଏକ ଇଟାଲୀୟ ଜାହାଜ ଥିଲା। ସେଥିରେ ୧୯ ଭାରତୀୟଙ୍କ ସମେତ ୩୪ କ୍ରିଉ ମେମ୍ବର ଥିଲେ। ଜାହାଜରେ ମୁତୟନ ଇଟାଲୀର ଦୁଇ ମରିନ୍ ସଲ୍‌ଭାଟୋର ଗିରୋନ୍ ଏବଂ ମସିମିଲିଆନୋ ଲଟୋର ଉଭୟଙ୍କୁ ଗୁଳିକରି ହତ୍ୟା କରିଥିଲେ। ଇଟାଲୀ ସରକାର ଏଥିପାଇଁ ୧୦ କୋଟି ଟଙ୍କା କ୍ଷତିପୂରଣ ଦେଇଛନ୍ତି। ଏହାସହ ୨ ହତ୍ୟା ଅଭିଯୁକ୍ତଙ୍କ ବିରୋଧରେ ଇଟାଲୀରେ ଆପରାଧିକ ମାମଲା ଚଳାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାକୁ ବନ୍ଦ କରି

**୨ ମୃତ କେରଳୀ ମତ୍ସ୍ୟଜୀବୀଙ୍କ ପରିବାରକୁ ମିଳିବ ୪ କୋଟି ଲେଖାଏ: ସୁପ୍ରିମକୋର୍ଟ**

ଦୁଇ ଇଟାଲୀୟ ନୌସୈନିକଙ୍କ ବିରୋଧରେ ଏଫ୍‌ଆଇଆର୍‌କୁ ରଦ୍ଦ କରିଛନ୍ତି। କହିଛନ୍ତି, ଅନ୍ତର୍ଜାତୀୟ ଆଇନ ଅନୁସାରେ ଭାରତ କ୍ଷତିପୂରଣ ପାଇଛି। ଏହି ରାଶି ଯୁକ୍ତିଯୁକ୍ତ ଓ ପର୍ଯ୍ୟାପ୍ତ। ଇଟାଲୀ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ନିଜ କୋର୍ଟରେ ମାମଲା ଚଳାଇବ। ସୁପ୍ରିମକୋର୍ଟ ରେଜେଷ୍ଟ୍ରିରେ ଜମା ଥିବା ଏହି ଅର୍ଥକୁ କେରଳ ହାଇକୋର୍ଟକୁ ସ୍ଥାନାନ୍ତର କରାଯିବ। ହାଇକୋର୍ଟ ୧୦ କୋଟିରୁ ୪ କୋଟି ଟଙ୍କା ଲେଖାଏ ମୃତକଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ନାମରେ ଜମା କରିବେ। ବୋଟ୍ ମାଲିକଙ୍କୁ ୨ କୋଟି ଟଙ୍କା ଦିଆଯିବ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୭୧,୭୪,୦୧୭ | ୩୮,୨୯,୫୭୧ | ୧୬,୧୪,୫୧,୧୩୪ |
| ଭାରତ | ୨,୯୬,୧୭,୦୫୮ | ୩,୭୭,୦୬୧ | ୨,୮୩,୪୫,୨୬୧ |
| ଓଡ଼ିଶା | ୮,୫୯,୫୨୬ | ୩୩୮୮(+୫୩) | ୮,୧୧,୭୮୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# ବେଦାନ୍ତ ପାଉଁଶ ଡମ୍ପିଂ ବିରୋଧରେ ମହିଳା ଏକାଠି



ପାଉଁଶ ଡମ୍ପିଂକୁ ବିରୋଧ କରି ଗ୍ରାମର ମହିଳାମାନେ ଏକାଠି ହୋଇଛନ୍ତି।

## ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ଜୋରଦାର

**ଝାରସୁଗୁଡ଼ା ଅଫିସ,୧୫।୬**

ଝାରସୁଗୁଡ଼ା ଭୁର୍କାମୁଣ୍ଡାଠାରେ ଥିବା ବେଦାନ୍ତ କମ୍ପାନୀର ପାଉଁଶ ଡମ୍ପିଂ ଜିଲାବାସୀଙ୍କୁ ଅତିଷ୍ଠ କରିଛି। ପରିସ୍ଥିତି ଏପରି ହୋଇଛି ଯେ ଏହା ବିରୋଧରେ ଝାରସୁଗୁଡ଼ା ବ୍ଲକ୍ ଦଲ୍‌କି ପଞ୍ଚାୟତ କୁରେବଗା ଗ୍ରାମର ମହିଳା ଏକାଠି ହୋଇଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ସେମାନେ ଆନ୍ଦୋଳନ ଜୋରଦାର କରିବେ ବୋଲି ଚେତାବନୀ ଦେଇଛନ୍ତି।

ବେଦାନ୍ତ କମ୍ପାନୀରୁ ନିର୍ଗତ ପାଉଁଶ ଝାରସୁଗୁଡ଼ା ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଡମ୍ପିଂ କରାଯାଉଛି। ଯଦି ଏଭଳି ଚାଲୁରହିବ ତେବେ ବର୍ଷ କେଇଟା ପରେ ଜିଲା ପାଉଁଶ ପାହାଡ଼ର ସ୍ତୂପ ପାଲଟିବ ବୋଲି ପରିବେଶବିତ୍ ପୂର୍ବାନୁମାନ କଲେଣି । ଏଥିରେ ଜଙ୍ଗଲ, ଚାଷଜମି, ଗୋଚର ଜମି, ନଦୀନାଳ, କଟା, ବନ୍ଧ ଓ ପୋଖରୀ ଆଦି ପ୍ରଭାବିତ ହେବାରେ ଲାଗିଛି। ଏହି ପାଉଁଶ ଗୁଣ୍ଡ ପବନରେ ଉଡି ବାୟୁମଣ୍ଡଳ ପ୍ରଦୂଷିତ କରୁଛି। ଜୀବଜଗତ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି। ଏଥିରେ ଜିଲାବାସୀ ଅତିଷ୍ଠ ହୋଇ ଜିଲା ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏ ନେଇ ଜିଲାର ବିଭିନ୍ନ ସ୍ଥାନରେ ଲୋକେ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଏଭଳି ସ୍ଥିତି ଦଲ୍‌କି ପଞ୍ଚାୟତ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତର କୁମୁଡାପାଲି ଓ କୁରେବଗା ଗ୍ରାମ ମଝିରେ ବେଦାନ୍ତ କମ୍ପାନୀର ପାଉଁଶ ଡମ୍ପିଂ ହେଉଛି। ଏହି ଅଞ୍ଚଳର କିଛିଅଂଶ ଝାରସୁଗୁଡ଼ା ବ୍ଲକ୍‌ରେ ଆସୁଥିବାବେଳେ ଆଉ କିଛିଅଂଶ ଝାରସୁଗୁଡ଼ା ପୌରାଞ୍ଚଳରେ ଆସୁଛି । ଏହି ଡମ୍ପିଂ ପାଉଁଶ ଏବେ ବର୍ଷାପାଣିରେ ବୋହିଆସି କୁରେବଗା ଗ୍ରାମର ଏକ ପୋଖରୀରେ ମିଶୁଛି। ଫଳରେ ପୋଖରୀର ପାଣି ପ୍ରଦୂଷିତ ହେଉଛି । କୁରେବଗା ଗ୍ରାମ ଓରାମପଡାରେ ଏକମାତ୍ର ଗଭୀର ନଳକୂପ ରହିଛି। ନଳକୂପରେ କୌଣସି ସମସ୍ୟା ଦେଖାଦେଲେ ପଡାବାସୀ ପୋଖରୀ ପାଣି ଉପରେ ନିର୍ଭର କରନ୍ତି। ଏପରି କି ଏହାକୁ ପାନୀୟଜଳ ଭାବେ ବ୍ୟବହାର କରିଥାନ୍ତି। ପୋଖରୀ ପାଣି ବ୍ୟବହାର କରି ଲୋକେ ଚର୍ମରୋଗ ଓ ପେଟରୋଗରେ ଆକ୍ରାନ୍ତ ହେଉଥିବା ପଡାବାସୀ ଅଭିଯୋଗ କରୁଛନ୍ତି। ଏଭଳି ସ୍ଥିତିରେ ପଡାର ଶତାଧିକ ମହିଳା ମଙ୍ଗଳବାର ପାଉଁଶ ଡମ୍ପିଂ ସ୍ଥଳକୁ ଆସି ଏହାକୁ ବିରୋଧ କରିଥିଲେ । ଫଳରେ ପାଉଁଶ ଡମ୍ପିଂ ବନ୍ଦ ହୋଇଥିଲା । ଆଗକୁ ଯଦି ଏହା ଜାରି ରହେ ତା'ହେଲେ ପଡାବାସୀ ଆନ୍ଦୋଳନକୁ ଜୋରଦାରକରି ଆଇନ ହାତକୁ ନେବାକୁ ବାଧ୍ୟହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବେଦାନ୍ତ କମ୍ପାନୀ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଶୁଭନାରାୟଣ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, କମ୍ପାନୀର ଯେଉଁ ପାଉଁଶ ବାହାରୁଛି ତାହାକୁ ଡମ୍ପିଂ ପାଇଁ ଠିକାଦାରଙ୍କୁ ଦିଆଯାଉଛି। ଠିକାଦାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ନେଇ ଡମ୍ପିଂ କରୁଛନ୍ତି। ଏଥିରେ କୌଣସି ବେଆଇନ କାର୍ଯ୍ୟ କରାଯାଉନାହିଁ।

# ବ୍ଲାକ୍ ଫଙ୍ଗସ: ଔଷଧ ପାଇଁ କେନ୍ଦ୍ର ଉପରେ ନିର୍ଭର କରିବନି ଓଡ଼ିଶା

**ଭୁବନେଶ୍ୱର,୧୫।୬(ବ୍ୟୁରୋ)**

ରାଜ୍ୟ ସରକାର ମ୍ୟୁକୋରମାଇକୋସିସ୍ (ବ୍ଲାକ୍ ଫଙ୍ଗସ) ଚିକିତ୍ସା ପାଇଁ କେନ୍ଦ୍ର ଉପରେ ଆଉ ନିର୍ଭର କରିବେ ନାହିଁ। ରାଜ୍ୟ ସରକାର ନିଜେ ସିଧାସଳଖ ଏଥିପାଇଁ ଔଷଧ କ୍ରୟ କରିବେ। ଔଷଧ ନିର୍ମାତା କମ୍ପାନୀଗୁଡ଼ିକଠାରୁ ସିଧାସଳଖ କ୍ରୟ କରାଯାଉଥିବାରୁ ରାଜ୍ୟରେ ଜୀବନ ରକ୍ଷାକାରୀ ଔଷଧ ଅଭାବ ପୂରଣରେ ଉନ୍ନତି ଦେଖା ଦେଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତଥାପି ଆମ୍ଫୋଟେରିସିନ ବି ଇଞ୍ଜେକ୍ସନ କେନ୍ଦ୍ର ସରକାରଙ୍କ ରସାୟନ ଓ ରାସାୟନିକ ସାର ମନ୍ତ୍ରଣାଳୟ ଦ୍ୱାରା ଖରିଦ କରାଯାଉଛି। ଫଳରେ ରାଜ୍ୟର ରୋଗୀମାନଙ୍କୁ ଆବଶ୍ୟକତା ସମୟରେ ମିଳିପାରୁ ନାହିଁ। ରାଜ୍ୟରେ ବ୍ଲାକ୍ ଫଙ୍ଗସ ରୋଗ ପରିସ୍ଥିତିରେ ଉନ୍ନତି ଦେଖାଦେଇଛି। ଯଦିଓ ଏବେ ବି ଔଷଧ ପାଇଁ ଆମେ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭର କରୁଛୁ ତେବେ ଅନ୍ୟ ସଂସ୍ଥା ଦ୍ୱାରା ମଧ୍ୟ ରାଜ୍ୟ ସରକାର ଔଷଧ କ୍ରୟ କରୁଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। ରାଜ୍ୟରେ ମ୍ୟୁକୋରମାଇକୋସିସ୍ ମାମଲା ହ୍ରାସ ପାଇବାରେ ଲାଗିଛି। ଏହି ରୋଗ ପାଇଁ ସ୍ୱତନ୍ତ୍ର ହସ୍ପିଟାଲର ବ୍ୟବସ୍ଥା କରାଯାଇଛି। ବ୍ଲାକ୍ ଫଙ୍ଗସ ରୋଗୀଙ୍କ ପାଇଁ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ବୁର୍ଲାସ୍ଥିତ ଭିମ୍‌ସାରଠାରେ ରାଜ୍ୟ ସରକାର ୩୦ ବେଡ୍ ଲେଖାଏ ବ୍ୟବସ୍ଥା କରିଛନ୍ତି। ପ୍ରତ୍ୟେକ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଏଥିପାଇଁ ୪ଟି ବେଡ୍ ସଂରକ୍ଷିତ ରଖାଯାଇଛି ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ରାଜ୍ୟରେ ଏ ପର୍ଯ୍ୟନ୍ତ ୮୨ ଜଣ ବ୍ଲାକ୍ ଫଙ୍ଗସ ରୋଗୀ ଚିହ୍ନଟ ହୋଇଥିବା ବେଳେ ୭ ଜଣଙ୍କର ମୃତ୍ୟୁ ହୋଇଛି।



# ବଡ଼ବାପାଙ୍କୁ କଚାଡ଼ି ମାରିଲେ ପୁତୁରା

**କପ୍ତିପଦା,୧୫।୬(ଡି.ଏନ୍.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଦେବଳା ପଞ୍ଚାୟତର ବଡ଼ଝାଡ଼ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପାଟିତୁଣ୍ଡ ନ କରିବା ପାଇଁ ଆକଟ କରିବାରୁ ବଡ଼ବାପାଙ୍କୁ ଟେକିନେଇ ପୁତୁରା କଚାଡ଼ି ମାରିବା ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ ମଙ୍ଗଲା ସିଂ(୬୦)। ପୋଲିସ ଅଭିଯୁକ୍ତ ପୁତୁରା ପୀତାମ୍ବର ସିଂ(୩୦)ଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୬୬/୨୧) ରୁଜୁ ହୋଇଛି। ସକାଳେ ପୀତାମ୍ବର ଘରେ ପାଟିତୁଣ୍ଡ କରୁଥିବାରୁ ବଡ଼ବାପା ମଙ୍ଗଲା ତାଙ୍କୁ ଆକଟ କରିଥିଲେ। ଏଥିରେ ସେ ରାଗିଯାଇ ତାଙ୍କୁ ଟେକି ନେଇ କଚାଡ଼ି ଦେବାରୁ ଘଟଣାସ୍ଥଳରେ ମଙ୍ଗଲାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନା ପଠାଇଛି। ମୃତକଙ୍କ ଦୁଇ ପୁଅ କର୍ଣ୍ଣାଟକରେ କାମ କରୁଥିବା ବେଳେ ଘରେ ତାଙ୍କର ବୋହୂ ରହୁଛନ୍ତି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ଆସୁଛି ରଥଯାତ୍ରା



ପୁରୀ ବଡ଼ଦାଣ୍ଡସ୍ଥିତ ଅସ୍ଥାୟୀ ରଥଖଳାରେ ମଙ୍ଗଳବାର ଭୋଇସେବକମାନେ ନନ୍ଦିଘୋଷ ରଥରେ ଚାରିନାହାକା ଲଗାଉଛନ୍ତି। ଧାର୍ଯ୍ୟ ସମୟର ୯ଦିନ ପୂର୍ବରୁ ଚକ-ଅଖ ସଂଯୋଗ ଶେଷ ହୋଇଛି।

# ଶ୍ରୀମନ୍ଦିର ହେବ ଆଲୋକୀକରଣ

- ଚୂଡ଼ାରୁ ତଳ ଭାଗ ପର୍ଯ୍ୟନ୍ତ ଝଲସିବ
- ଅନୁଧ୍ୟାନ କଲା ଏଏସ୍‌ଆଇ ବୈଷୟିକ ଟିମ୍

**ପୁରୀ ଅଫିସ,୧୫।୬**

ଶ୍ରୀମନ୍ଦିରକୁ ଆଲୋକୀକରଣ କରାଯିବ। ରଙ୍ଗବେରଙ୍ଗ ଆଲୋକରେ ଶ୍ରୀମନ୍ଦିର ଚୂଡ଼ାରୁ ତଳ ଭାଗ ପର୍ଯ୍ୟନ୍ତ ଝଲସିବ। ଏନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ)ର ପାଞ୍ଚଜଣିଆ ବୈଷୟିକ ଟିମ୍ ମଙ୍ଗଳବାର ଶ୍ରୀମନ୍ଦିର ଭିତରକୁ ଯାଇ ଆଲୋକୀକରଣ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ନାଟମଣ୍ଡପ, ଭୋଗମଣ୍ଡପ, ଜଗମୋହନ, ବେହରଣ ଦ୍ୱାର, ସାତପାହାଚ, ଘଣ୍ଟିଦ୍ୱାର, ମାଜଣା ମଣ୍ଡପ ପାଇଁ ସ୍ୱତନ୍ତ୍ର ଆଲୋକ ବ୍ୟବସ୍ଥା ହେବ। ଅଁଳାବେଢ଼ା, ଦଧିନଉତି, ନୀଳଚକ୍ରକୁ ଭିନ୍ନ ଭିନ୍ନ ଆଲୋକରେ ଆଲୋକିତ କରାଯିବ। ସହରଠାରୁ ଅନେକ ଦୂରରୁ ମଧ୍ୟ ବଡ଼ଦେଉଳର ଆଲୋକୀକରଣକୁ ସ୍ପଷ୍ଟ ଭାବେ ଦେଖି ହେବ। ମୁଖ୍ୟତଃ ବହିଃଭାଗରୁ ଏହି ଆଲୋକୀକରଣ କରାଯିବ। ଏହାଦ୍ୱାରା ମନ୍ଦିରର ଅନେକ ପାର୍ଶ୍ୱ ଦୃଶ୍ୟମାନ ହୋଇପାରିବ। ଏଏସ୍‌ଆଇ ପକ୍ଷରୁ ପ୍ରଥମ ଥର ପାଇଁ ଶ୍ରୀମନ୍ଦିର ଭିତରେ ଇଲୁମିନିସେନ୍ ବା ସିଙ୍ଗଲ ଟାଇପ୍ ବଲ୍‌ବ ଲଗାଯାଇ ଆଲୋକୀକରଣ କରାଯିବା ନେଇ ବୈଷୟିକ ଟିମ୍ ସ୍ଥିର କରିଛି। ଆସନ୍ତା ଜୁଲାଇ ୪ରୁ ୫ ତାରିଖ ମଧ୍ୟରେ ଏହି କାର୍ଯ୍ୟ ଆରମ୍ଭ ହେବ ଓ ରଥଯାତ୍ରା ପୂର୍ବରୁ ଶେଷ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ସରକାରଙ୍କ ଅଧୀନ ୱାଟ୍‌କସ୍ କମ୍ପାନୀ ଏହି କାର୍ଯ୍ୟ କରିବ ବୋଲି ସୂଚନା ମିଳିଛି। ଏଏସ୍‌ଆଇର ଜଣେ ଅଧିକାରୀ କହିଛନ୍ତି, ଆଲୋକୀକରଣ ପାଇଁ ପ୍ରାୟ ଦେଢ଼ କୋଟି ଟଙ୍କା ଖର୍ଚ୍ଚ ହେବ। ପାଞ୍ଚକୋଶ ଦୂରରୁ ଶ୍ରୀମନ୍ଦିର ସ୍ପଷ୍ଟ ଭାବେ ଦୃଶ୍ୟମାନ ହେବା ସହ ଉନ୍ନତ ଆଲୋକୀକରଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ମନ୍ଦିର ବାହାରୁ ଭିତରକୁ ଆଲୋକୀକରଣ ଲାଗି ବ୍ୟବସ୍ଥା ହେଉଛି। ଏଭଳି ବ୍ୟବସ୍ଥାକୁ 'ଫେକେଡ୍ ଲାଇଟିଂ' କୁହାଯାଏ। କୋଣାର୍କସ୍ଥିତ ସୂର୍ଯ୍ୟ ମନ୍ଦିରରେ ଏଭଳି ଆଲୋକୀକରଣ କରାଯାଇଛି। ଏବେ ବଡ଼ଦେଉଳରେ ଏଭଳି ବ୍ୟବସ୍ଥା ହେବ। ରଥଯାତ୍ରା ଭିତରେ ଏହାକୁ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲେ ସୁଦ୍ଧା ପ୍ରକୃତ ପକ୍ଷେ କେତେ ସମୟ ଲାଗିବ ସେନେଇ ଏବେଠୁ କହିବା କଷ୍ଟ। ଏଥିପାଇଁ ୬ରୁ ୭ଜଣ ଦକ୍ଷ ତଥା ଅଭିଜ୍ଞତାସମ୍ପନ୍ନ ଇଞ୍ଜିନିୟରଙ୍କ ସମେତ ଟେକ୍ନିସିଆନ୍ ଓ ଇଲେକ୍ଟ୍ରିସିଆନ୍‌ଙ୍କୁ ନିୟୋଜିତ କରାଯିବ। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨ରୁ ୩ଦିନ ମଧ୍ୟରେ କେବୁଲ୍ ବିଛାଇବା କାର୍ଯ୍ୟ ଆରମ୍ଭ ହେବାର ଯୋଜନା ରହିଛି।



ଏଏସ୍‌ଆଇର ବୈଷୟିକ ଟିମ୍ ଶ୍ରୀମନ୍ଦିର ପରିସରରେ ଆଲୋକୀକରଣ ବ୍ୟବସ୍ଥାର ଅନୁଧ୍ୟାନ କରୁଛନ୍ତି।

# ଶିବପାର୍ବତୀଙ୍କ ହାତଗଣ୍ଠି ପଡ଼ିଲା

## ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା

**ସମ୍ବଲପୁର,୧୫।୬ (ବ୍ୟୁରୋ)**

ପାରମ୍ପରିକ ରୀତିନୀତିରେ ଜଗତ୍‌ଜନନୀ ମାତା ପାର୍ବତୀ ଓ ମହାଦେବଙ୍କ ବିବାହ ମଙ୍ଗଳବାର ମଧ୍ୟରାତ୍ରିରେ ସମ୍ପନ୍ନ ହୋଇଛି। ସମ୍ବଲପୁର ସହରର ସର୍ବପୁରାତନ ବାଲିବନ୍ଧା ସୋମନାଥ ବାବା, ନନ୍ଦପଡା ବମବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଲୋକନାଥ ବାବା, ଠାକୁରପଡା ଗୁପ୍ତେଶ୍ୱର ବାବା, ବୁଢ଼ାରଜା ମହାଦେବ, ଦୁର୍ଗାପାଲି ଗୁଡେଶ୍ୱର ବାବା ରୌପ୍ୟ ଓ ସ୍ୱର୍ଣ୍ଣ ଅଳଙ୍କାରରେ ଆଭୁଷଣ ହୋଇ ବରବେଶରେ ସଜ୍ଜିତ ହୋଇଥିଲେ। ଅନୁରୂପ ଭାବେ ଦେବୀ ପାର୍ବତୀ ସ୍ୱର୍ଣ୍ଣ ଅଳଙ୍କାର, ପାଟବସ୍ତ୍ରରେ ସଜ୍ଜିତ ହୋଇ ମହାଦେବଙ୍କ ଅପେକ୍ଷାରେ ରହିଥିଲେ। ବରପକ୍ଷ ମହାଦେବ ଓ କନ୍ୟାପକ୍ଷ ପାର୍ବତୀଙ୍କୁ ସୁସଜ୍ଜିତ ବିବାହ ମଣ୍ଡପକୁ ନେଇ ଉପବିଷ୍ଟ କରାଇଥିଲେ। ପଣ୍ଡିତମାନଙ୍କ ମହାମନ୍ତ୍ର ଉଚ୍ଚାରଣରେ ଗୁଞ୍ଜରିତ ହୋଇଥିଲା ଅଞ୍ଚଳ। ଧାର୍ଯ୍ୟ ଲଗ୍ନ ଅନୁସାରେ ଶିବପାର୍ବତୀଙ୍କ ବିବାହ ଓ ପାଣିଗ୍ରହଣ ଶେଷ ହୋଇଥିଲା। ବେଲପତ୍ର ଓ ପଦ୍ମଫୁଲରେ ମାତା ପାର୍ବତୀ ଓ ଶିବଙ୍କ ହସ୍ତବନ୍ଧନ ହୋଇଥିଲା। ଲୋକାଚାର ଅନୁସାରେ କନ୍ୟା ମାତାପିତା ଶଙ୍ଖରେ ପାଣି ଧାରଣ କରି ହସ୍ତବନ୍ଧନରେ ଢ଼ାଳି କନ୍ୟାଦାନ କରିବାକୁ ସଂକଳ୍ପ କରିଥିଲେ। ଚଳିତ ବର୍ଷ କରୋନା ମହାମାରୀ ଯୋଗୁ ନିରାଡମ୍ବର ଭାବେ ବିବାହ ଉତ୍ସବ ହୋଇଛି।



ବାଲିବନ୍ଧା ସୋମନାଥ ବାବାଙ୍କ ବରବେଶ।

# ନାଟୋ ଏଜେଣ୍ଡାରେ ଚାଇନା



ନାଟୋ ସଦସ୍ୟ ରାଷ୍ଟ୍ରର ମୁଖ୍ୟମାନେ ।

**ବ୍ରସେଲ୍ସ, ୧୫।୬**

ବେଲଜିୟମର ରାଜଧାନୀ ବ୍ରସେଲ୍ସରେ ନର୍ଥ ଆଣ୍ଟଲାଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ)ର ଶିଖର ସମ୍ମିଳନୀ ଭବିଷ୍ୟତରେ ସୃଷ୍ଟି ହେବାକୁ ଥିବା ଚ୍ୟାଲେଞ୍ଜର ସାମ୍ନା କରିବାକୁ ଗୁରୁତ୍ୱ ଦେଇ ଶେଷ ହୋଇଛି। ବିସ୍ତାରବାଦୀ ନୀତି ଧରିଥିବା ଚାଇନା ସହ ମୁକାବିଲା ପାଇଁ ନାଟୋର ସଦସ୍ୟ ଥିବା ୟୁରୋପୀୟ ଏବଂ ଉତ୍ତର ଆମେରିକାର ୩୦ ଦେଶ ଆଲୋଚନା କରିଛନ୍ତି। ଆମେରିକା ରାଷ୍ଟ୍ରପତି ହେବା ପରେ ପ୍ରଥମ କରି ଜୋ ବାଇଡେନ୍ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ନାଟୋ-୨୦୩୦ ଏଜେଣ୍ଡା ସହ ସମସ୍ତ ସଦସ୍ୟ ସହମତ ହୋଇଥିବା ସମ୍ମିଳନୀ ଶେଷରେ ସୋମବାର ଜାରି ଏକ ବିବୃତିରେ କୁହାଯାଇଛି। ପ୍ରତିରକ୍ଷା ସମେତ ପ୍ରଯୁକ୍ତି କ୍ଷେତ୍ର, ସାଇବର ଏବଂ ସ୍ପେସ୍ ଅପରେଶନକୁ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ଥର ପାଇଁ ନାଟୋ ଏଜେଣ୍ଡା କେନ୍ଦ୍ରରେ ଚାଇନାକୁ ରଖାଯାଇଛି। ଚାଇନାର ମହତ୍ୱାକାଂକ୍ଷା, ଅନ୍ତର୍ଜାତୀୟ ଶୃଙ୍ଖଳା ବିରୋଧରେ ଆକ୍ରମଣାତ୍ମକ ଆଚରଣ ଏବଂ ସୁରକ୍ଷା ସହ ଜଡିତ କ୍ଷେତ୍ରଗୁଡିକ ପାଇଁ ଏହି ଦେଶ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଅସ୍ୱଷ୍ଟ ନୀତି ଏବଂ ସୂଚନାରେ ସ୍ୱଚ୍ଛତା ନ ରଖି ଚାଇନା ଚିନ୍ତାର କାରଣ ପାଲଟିଥିବା ବିବୃତିରେ କୁହାଯାଇଛି। ନାଟୋ ସେକ୍ରେଟାରୀ ଜେନେରାଲ ଜେନ୍ସ ଷ୍ଟୋଲେନବର୍ଗ କହିଛନ୍ତି, ଚାଇନା ସହ ଆମେ ଶୀତଳ ଯୁଦ୍ଧ ଚାହୁଁନାହୁଁ କି ଚାଇନା ଆମର ଶତ୍ରୁ ନୁହେଁ। କିନ୍ତୁ ଆମ ନିରାପତ୍ତା ଉପରେ ଚାଇନା ବିପଦ ସୃଷ୍ଟି କଲେ ମିଳିତ ମଞ୍ଚ ଭାବେ ସମସ୍ତଙ୍କୁ ଏକାଠି ହୋଇ ସମାଧାନର ସୂତ୍ର ବାହାର କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ସଂକ୍ରମଣ ହାର ୫.୯୯%କୁ ଖସିଲା

## ଦିନକରେ ୩,୪୦୫ ଚିହ୍ନଟ, ୪୨ ମୃତ

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ରାଜ୍ୟରେ କ୍ରମାଗତ ଭାବେ ସଂକ୍ରମଣ ହାର ହ୍ରାସ ପାଉଛି। ଦୈନିକ ସଂକ୍ରମଣ ୪ ହଜାର ତଳକୁ ଖସିବା ସହ ସଂକ୍ରମଣ ହାର ୬ ପ୍ରତିଶତ ତଳକୁ ଚାଲି ଆସିଛି। ଗତ ୨୪ ଘଣ୍ଟାରେ ୫୬,୮୦୭ ନମୁନା ପରୀକ୍ଷା ହୋଇଥିବାବେଳେ ୩,୪୦୫ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୫.୯୯% ରହିଛି। ରାଜ୍ୟରେ ଅଧିକାଂଶ ଜିଲାରେ ସଂକ୍ରମଣ ହାର କମୁଥିଲେ ମଧ୍ୟ ଯାଜପୁର ଜିଲା ସ୍ଥିତି ଏବେ ବି ଉଦ୍‌ବେଗଜନକ ରହିଛି। ଏବେ ଯାଜପୁର ଓ ଖୋର୍ଦ୍ଧା ଜିଲାକୁ ଛାଡ଼ି ଦେଲେ ବାକିସବୁ ଜିଲାରେ ସଂକ୍ରମଣ ୧୦% ତଳକୁ ରହିଛି। ଯାଜପୁରରେ ସର୍ବାଧିକ ସଂକ୍ରମଣ ହାର ୨୨.୩୩% ରହିଥିବାବେଳେ ଖୋର୍ଦ୍ଧାରେ ୧୦.୯୫% ରହିଛି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୫୦୦ ଥିବାବେଳେ ଯାଜପୁର ୩୯୧, ବାଲେଶ୍ୱର ୨୯୬, କଟକ ୨୩୦, ମୟୂରଭଞ୍ଜ ୧୮୭, ଅନୁଗୋଳ ୧୮୩, ଭଦ୍ରକ ୧୭୯, ପୁରୀ ୧୪୧, ଜଗତ୍‌ସିଂହପୁରରୁ ୧୨୯ଜଣ ରହିଥିବାବେଳେ ଝାରସୁଗୁଡ଼ାରୁ ସର୍ବନିମ୍ନ ୯ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮,୫୯,୫୨୬ରେ ପହଞ୍ଚିଛି।

ରାଜ୍ୟରେ କରୋନା ସଂକ୍ରମଣ କମିବା ପରେ ହସ୍ପିଟାଲ ଉପରୁ ମଧ୍ୟ ଚାପ କମିବାରେ ଲାଗିଛି। ଏହା ଏକ ଭଲ ସଙ୍କେତ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ହସ୍ପିଟାଲଗୁଡ଼ିକରେ ବର୍ତ୍ତମାନ ପର୍ଯ୍ୟାପ୍ତ ପରିମାଣରେ ଶଯ୍ୟା ରହିଛି। ଆଇସିୟୁ ଓ ଭେଣ୍ଟିଲେଟରରେ ୫୬ ପ୍ରତିଶତ ରୋଗୀ ଅଛନ୍ତି। ସାଧାରଣ ବେଡ୍‌ର ବ୍ୟବହାର ବହୁତ କମିଛି। ଯେଉଁଠି ଅଧିକ ପଜିଟିଭ୍ ବାହାରୁଛନ୍ତି, ସେଠାରେ ସର୍ଭେଲାନ୍ସ କରାଯାଉଛି। ଅଧିକ ଟେଷ୍ଟ କରି ଆଇସୋଲେଟ୍ କରାଯାଉଛି। ପଜିଟିଭ୍ ହାର ଅଧିକ ଥିବା ଜିଲାରେ ମଧ୍ୟ ସମାନ ପ୍ରଣାଳୀ ପ୍ରୟୋଗ କରାଯାଉଛି। ଟେଷ୍ଟିଂ, ଟ୍ରାକିଂ ସହ ଘରକୁ ଘର ବୁଲି ସର୍ଭେ କରାଯାଉଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ଅପରପକ୍ଷେ ରାଜ୍ୟରେ ମୃତ୍ୟୁ କମୁନି। ଦିନକରେ ଆଉ ୪୨ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ କଟକ, ଖୋର୍ଦ୍ଧା, ପୁରୀ ଓ ଝାରସୁଗୁଡ଼ାରେ ସର୍ବାଧିକ ୪ଜଣ ଲେଖାଏ ଥିବାବେଳେ ରାୟଗଡ଼ା, କଳାହାଣ୍ଡି, ଜଗତ୍‌ସିଂହପୁର, ବରଗଡ଼ରେ ୩ଜଣ ଲେଖାଏ, ଗଞ୍ଜାମ, କେନ୍ଦୁଝର, ମାଲକାନଗିରି ଓ ସୁନ୍ଦରଗଡ଼ରେ ୨ଜଣ ଲେଖାଏ ଏବଂ ସମ୍ବଲପୁର, ନୂଆପଡ଼ା, କେନ୍ଦ୍ରାପଡ଼ା, ଦେବଗଡ଼, ବଲାଙ୍ଗୀର ଓ ବାଲେଶ୍ୱରରେ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୩,୩୮୮କୁ ବୃଦ୍ଧି ପାଇଛି।

### ୧୦% ତଳେ ୨୮ ଜିଲା



### ଯାଜପୁରରେ ସ୍ଥିତି ଉଦ୍‌ବେଗଜନକ

**ଆଜିର ମନ୍ତବ୍ୟ**

“ଗଲୱାନ୍ ସଂଘର୍ଷକୁ ବର୍ଷେ ପୂରିଛି। ସୀମାରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ କେନ୍ଦ୍ର ସରକାର କି ପଦକ୍ଷେପ ନେଇଛନ୍ତି ଦେଶବାସୀଙ୍କୁ ଜଣାନ୍ତୁ।
– ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବ୍ରାଉନସୁଗାର ଜବତ, ୨ ଗିରଫ

**ପୁରୀ ଅଫିସ, ୧୫।୬**

ବ୍ରାଉନସୁଗାର ବିକ୍ରି ପାଇଁ ଯାଉଥିବାବେଳେ ୨ଜଣ ଯୁବକଙ୍କୁ ମଙ୍ଗଳବାର ପୁରୀ ତାଳବଣିଆ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱର ନନ୍ଦନକାନନ ଥାନା ଅଞ୍ଚଳର ଶଙ୍କର ଦାସ ଓ ପୁରୀ ବାସେଳିସାହି ଥାନା ଅଧୀନ ଜଗନ୍ନାଥ ବସ୍ତି ଅଞ୍ଚଳର ପଞ୍ଚୁ ବେହେରା। ପୋଲିସ ଦୁହିଁଙ୍କଠାରୁ ୬ଗ୍ରାମ ୯୭୦ ମିଲିଗ୍ରାମ ବ୍ରାଉନସୁଗାର, ଗୋଟିଏ ବାଇକ ଓ ନଗଦ ଏକ ହଜାର ଟଙ୍କା ଜବତ କରିଛି। ଏ ନେଇ କେସ୍ ନଂ. ୭୯/୨୧ ରୁଜୁ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୭୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ବାଲିଘାଟ ଛକରେ ପୋଲିସ ଚେକିଂ କରୁଥିବାବେଳେ ଏହି ଯୁବକ ଦ୍ୱୟ ଏକ ବାଇକ ଯୋଗେ ପୁରୀ ସହରକୁ ଆସୁଥିଲେ। ଏହି ସମୟରେ ଦୁହେଁ ପୋଲିସ ହାତରେ ଧରାପଡ଼ିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହନା କିଛି ତୋତେ ଦେଖି ମୋର ହାଡ଼ ଜଳୁଛି।**
ପରସ୍ପର ମଧ୍ୟରେ ଅହି ନକୁଳ ସମ୍ପର୍କ। ଜଣଙ୍କର ଛାଇ ପଡ଼ିଲେ ଅନ୍ୟ ଜଣଙ୍କର ନାହି ଡିଏଁ। ଯାହା ସଙ୍ଗେ ଯାହାର ପଡ଼ି ନ ଥାଏ ତା'ର ଉପସ୍ଥିତିକୁ ସହ୍ୟ କରି ନ ପାରି ରାଗରେ ଜଳିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାନ ଥିଲେ ସୁନା ନାହିଁ ସୁନା ଥିଲେ କାନ ନାହିଁ।**
ଈଶ୍ୱର ସମସ୍ତଙ୍କୁ ସବୁ ଜିନିଷ ପରିପୂର୍ଣ୍ଣ କରି ଦେଇ ନଥାନ୍ତି। କାହାର ବହୁ କୁଟୁମ୍ବ ପରିବାର ଅଥଚ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ହେଉଛି ତ ପୁଣି କାହାର ଅଚଳାଚଳ ସମ୍ପତ୍ତି ଅଛି କିନ୍ତୁ ସେସବୁ ଭୋଗ କରିବାକୁ କେହି ନାହାନ୍ତି। ଈଶ୍ୱରଙ୍କ ସୃଷ୍ଟିରେ ଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟ କରି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଜଳବାୟୁ ଆଧାରିତ ସମାଧାନରୁ ହେବ ମ୍ୟାଲେରିଆ ମୁକ୍ତି

**ଭୁବନେଶ୍ୱର,୧୫।୬(ବ୍ୟୁରୋ)**



କେବଳ ପାଣିପାଗ ନୁହେଁ, ଡେଙ୍ଗୁ ଓ ମ୍ୟାଲେରିଆ ଭଳି ଭୂତାଣୁବାହିତ ରୋଗ ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଅଧ୍ୟୟନ କରିବ। ମ୍ୟାଲେରିଆଜନିତ ମୃତ୍ୟୁ ସହିତ ତାପମାତ୍ରା ଓ ବର୍ଷାର ଭୂମିକା ଉପରେ ଅଧ୍ୟୟନ ହେବ। ଭାରତୀୟ ପାଣିପାଗ ବିଭାଗ, ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍‌ଆର) ମିଳିତ ଭାବେ ଏହା ଉପରେ ଅନୁଧ୍ୟାନ କରିବେ।

ଆଇଏମ୍‌ଡି ଦୁଇ ସପ୍ତାହ ଆଗରୁ ତାପମାତ୍ରା, ବର୍ଷା ଆଦି ଜଳବାୟୁ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଆସୁଛି। ଏଥିସହିତ ଭାରତୀୟ ପାଣିପାଗ ବିଭାଗ ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗର ସମ୍ଭାବ୍ୟ ଜିଲାର ତାଲିକା ମଧ୍ୟ ପ୍ରସ୍ତୁତ କରିଛି। ସମଗ୍ର ଦେଶର ଜଳବାୟୁ ସମ୍ବନ୍ଧୀୟ ତଥ୍ୟ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରାଯାଇ ଆସୁଛି। ତେବେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ହେଲେ ଭୂତାଣୁବାହିତ ରୋଗ ସମ୍ପର୍କରେ ଆଗୁଆ ସୂଚନା ମିଳିପାରିବ ବୋଲି ଆଇଏମ୍‌ଡି ଡାଇରେକ୍ଟର ଜେନେରାଲ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। କେନ୍ଦ୍ର ସରକାରଙ୍କ ଉକ୍ତ ଦୁଇଟି ଏଜେନ୍ସି ସହିତ ଓଡ଼ିଶା ସରକାର ଏବଂ ଏନ୍‌ଜିଓ ମିଶି ଉକ୍ତ ପ୍ରକଳ୍ପ ପାଇଁ କାମ କରିବେ।

ଜାତୀୟ ଭୂତାଣୁ ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ନ୍ୟାଶନାଲ ଭେକ୍ଟର ବର୍ନଡିଜିଜ୍ କଣ୍ଟ୍ରୋଲ ପ୍ରୋଗ୍ରାମ) ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୭ରେ ଦେଶରେ ୮,୪୪,୫୫୮ ମ୍ୟାଲେରିଆ ମାମଲା ରେକର୍ଡ କରାଯାଇଥିଲା ବେଳେ ୧୯୪ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୦ରେ ଏହା ୧,୮୧,୮୩୧ ମାମଲା ହୋଇଥିବା ବେଳେ ୬୩ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୧ ମାର୍ଚ୍ଚ ସୁଦ୍ଧା ୧୮,୫୬୮ ମ୍ୟାଲେରିଆ ମାମଲା ହୋଇଥିବା ବେଳେ ୬୩ ଜଣଙ୍କ ମୃତ୍ୟୁ ହୋଇଛି।

■ ମ୍ୟାଲେରିଆ ମୃତ୍ୟୁ ସହ ଜଳବାୟୁର ଭୂମିକା ନେଇ ଅଧ୍ୟୟନ ହେବ

■ ଆଇସିଏମ୍‌ଆର ସହ ହାତ ମିଳାଇଲା ଆଇଏମ୍‌ଡି

ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ତାପମାତ୍ରା ଓ ବର୍ଷାରେ ହେଉଥିବା ଭିନ୍ନତା ଯୋଗୁ ଭୂତାଣୁବାହିତ ରୋଗ ପ୍ରଭାବିତ ହୋଇଥାଏ। ଏହା ମଶାଙ୍କଠାରେ ଥିବା ରୋଗ ବିକାଶ, ସେମାନଙ୍କ କାମୁଡ଼ିବା, ବଞ୍ଚିବା ଓ ପ୍ରଜନନ ହାରକୁ ପ୍ରଭାବିତ କରିଥାଏ, ଯାହାକି ରୋଗର ଭାର ଓ ବିସ୍ତାର ସହିତ ଜଡ଼ିତ। ପାଣିପାଗ ବିଭାଗ ହେଲ୍‌ଥ ବୁଲେଟିନ୍‌ରେ ଏ ନେଇ ଅଧିକ ସୂଚନା ପ୍ରଦାନ କରିବା ସହ ଜଳବାୟୁ ପାରାମିଟରରେ ସାମିଲ କରାଯିବ। ଏହା ଏନ୍‌ସେଫାଲାଇଟିସ୍ ରୋଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଡେଙ୍ଗୁ ଓ ମ୍ୟାଲେରିଆ ପାଇଁ ବିଭାଗର ସ୍ୱାସ୍ଥ୍ୟ ଜଳବାୟୁ ସମ୍ପର୍କିତ ସୂଚନା ପ୍ରଦାନ କରାଯାଉଛି। ଏନ୍‌ସେଫାଲାଇଟିସ୍ ବିଷୟରେ କାର୍ଯ୍ୟ କରିବା ଲାଗି ବିହାର, ଉତ୍ତର ପ୍ରଦେଶ ସରକାରଙ୍କ ସହ ଆଇଏମ୍‌ଡି କାର୍ଯ୍ୟ କରିବ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି। ଯଦିଓ ଏ ନେଇ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଏନ୍‌ଡିଏମ୍‌ଏ) ରାଜ୍ୟଗୁଡ଼ିକୁ ଚିଠି ଲେଖିଛନ୍ତି, ତେବେ ଏ ପର୍ଯ୍ୟନ୍ତ ଏ ନେଇ କୌଣସି ରାଜ୍ୟ ସରକାର ଆଗେଇ ଆସିନାହାନ୍ତି। ଆଇଏମ୍‌ଡି ସମସ୍ତ ପ୍ରକାର ତଥ୍ୟ ଯୋଗାଇ ଦେବା ସହ ସହଯୋଗ କରିବାକୁ ପ୍ରସ୍ତୁତ ରହିଛି। ଏନ୍‌ଜିଓ ଏବଂ ଓଡ଼ିଶା ସରକାରଙ୍କୁ ନେଇ କାର୍ଯ୍ୟ କରାଯିବ। ପର୍ଯ୍ୟାୟ କ୍ରମେ ଏହାକୁ ଅନ୍ୟ ରାଜ୍ୟ ସହ କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଇଛି। ପରବର୍ତ୍ତୀ ସମୟରେ ଏହା ସମଗ୍ର ଦେଶରେ କାର୍ଯ୍ୟକାରୀ କରାଯିବ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପ୍ରେମ ପାଇଁ ୫...

ଏତିକି ବେଳେ ଘର ଭିତରେ ଦିବ୍ୟଲୋଚନଙ୍କ ସ୍ତ୍ରୀ ଓ ତାଙ୍କ ନାବାଳକ ପୁଅ ଆଶୁତୋଷ ରହିଥିଲେ। ସେମାନେ ଭୟଭୀତ ହୋଇପଡିଥିଲେ। କିନ୍ତୁ କୌଶଳକ୍ରମେ ଅଭିଯୁକ୍ତଙ୍କୁ ଚକ୍‌ମା ଦେଇ ଦିବ୍ୟଲୋଚନ, ତାଙ୍କ ସ୍ତ୍ରୀ ଓ ପୁଅ ଅନ୍ୟ ଏକ ଘରକୁ ପଶିଯାଇ ଘର କବାଟ ବନ୍ଦ କରିଦେଇଥିଲେ। ବନ୍ଧୁକଧାରୀ ଯୁବକ ଜଣକ ଉକ୍ତ ଘର ବାହାରେ ଦୀର୍ଘ ସମୟ ଧରି ଅଟକି ରହି କବାଟ ଖୋଲିବାକୁ ଧମକ ଦେଉଥିଲେ। ଘର ଭିତରୁ ଦିବ୍ୟଲୋଚନ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ବିକ୍ରମ ଘର ଭିତର ପଟୁ ମୁଖ୍ୟ ପ୍ରବେଶପଥ କବାଟ ବନ୍ଦ କରିଦେଇଥିଲେ। ଏଭଳି ପରିସ୍ଥିତିରେ ଏସ୍‌ପି କୁଶଲକର, ଏସ୍‌ଡିପିଓ ତୋଫାନ୍ ବାଗ, ଟାଉନ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ, ୩ ଏପିଆର ସେକ୍‌ସନ୍ ପୋଲିସ, ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହ ଉକ୍ତ ଘରକୁ ଘେରାବନ୍ଦୀ କରିଥିଲେ। ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲେ ମଧ୍ୟ ସେ ମାନି ନ ଥିଲେ। ପୋଲିସ ବିକ୍ରମଙ୍କ ମା', ଭାଇ ଓ ତାଙ୍କ ୪ ଜଣ ସାଙ୍ଗଙ୍କୁ ଉକ୍ତ ଘରକୁ ନେଇ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେ ଗୁଳି କରି ନିଜକୁ ଓ ଅନ୍ୟମାନଙ୍କୁ ମାରି ଦେବେ ବୋଲି ଧମକ ଦେଇଥିଲେ। ବିକ୍ରମଙ୍କୁ ବୁଝାଶୁଝାରେ ବିଫଳ ହେବାପରେ ପୋଲିସ ଟିମ୍ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ମଧ୍ୟାହ୍ନ ସାଢ଼େ ୧୨ଟାରେ ଉକ୍ତ ଉପର ମହଲା କୋଠାରୁ ବନ୍ଧକ ତିନି ସଦସ୍ୟଙ୍କୁ ଝରକା ପଟରୁ ଉଦ୍ଧାର କରିଥିଲେ। ଏହାପରେ ବିକ୍ରମଙ୍କୁ କାବୁ କରିବା ଯୋଜନା କରାଯାଇଥିଲା। ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ପିନ୍ଧି ଏସ୍‌ପିଙ୍କ ଉପସ୍ଥିତିରେ ଉଭୟ ପଟୁ ପୋଲିସ ଟିମ୍ ଚଢ଼ାଉ କରି ଘର ଭିତରେ ପଶି ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ବିକ୍ରମ ପୋଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଟାଉନ୍ ଥାନାରେ ରଖି ପଚରାଉଚରା କରାଯାଉଛି। ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରି ବିକ୍ରମ ଏଭଳି କାଣ୍ଡ ଭିଆଇଥିବା ଏସ୍‌ପି ପ୍ରକାଶ କରିଛନ୍ତି। ଅପରେଶନ୍ ବଲାଙ୍ଗୀର ସଫଳ ହୋଇଥିବାରୁ ସେ ସମସ୍ତ ପୋଲିସ ଟିମ୍‌କୁ ଧନ୍ୟବାଦ ଦେଇଛନ୍ତି।

### ନକଲି ଔଷଧ...

ପଙ୍କଜ ଏବଂ ଡ୍ରଗ୍ସ କଣ୍ଟ୍ରୋଲର ଅନନ୍ଦା ଶଙ୍କର ଦାଶ ଆଲୋଚନା କରିଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ କ୍ରାଇମବ୍ରାଞ୍ଚ ସହ ଯୋଗାଯୋଗରେ ଅଛୁ, ତଦନ୍ତରେ ଯାହା ଆବଶ୍ୟକ ହେବ ଆମେ ସହଯୋଗ କରିବୁ ବୋଲି ଡ୍ରଗ୍ସ କଣ୍ଟ୍ରୋଲର ଦାଶ କହିଛନ୍ତି। ସୂଚନା ଅନୁଯାୟୀ, କରୋନା ସଂକ୍ରମଣରେ ଜନସାଧାରଣ ଅଣନିଃଶ୍ୱାସୀ ହୋଇପଡ଼ିଥିବାବେଳେ ରାଜ୍ୟରେ ନକଲି ଔଷଧ କାରବାର ଏବେ ଚିନ୍ତା ବଢ଼ାଇଛି। କରୋନା ସଂକ୍ରମିତଙ୍କ ପାଇଁ ବ୍ୟବହାର କରାଯାଉଥିବା ଫାଭିପିରାଭିର ଟାବଲେଟ୍(ଫାବିମାକ୍ସ-୪୦୦), ଆଜିଥ୍ରୋମାଇସିନ୍, ଭିଟାମିନ୍-ସି ଆଦି ୯ ପ୍ରକାର ନକଲି ଔଷଧ ଏବେ ଓଡ଼ିଶା ବଜାରରେ କାରବାର ହେଉଛି। ଗତ ୧୧ତାରିଖରେ କଟକରୁ ବିପୁଳ ପରିମାଣର ନକଲି ଔଷଧ ଜବତ କରାଯିବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଇତିମଧ୍ୟରେ ଭୁବନେଶ୍ୱର, ବଲାଙ୍ଗୀର, ଝାରସୁଗୁଡ଼ା, ବାରିପଦା, ସମ୍ବଲପୁର, ରାଉରକେଲା, ବୌଦ୍ଧରୁ ବହୁ ନକଲି ଔଷଧ ଠାବ କରାଯାଇଛି।

### ବିକ୍ଷୋଭ ଆତଙ୍କବାଦ...

ମଧ୍ୟରେ ରହିଥିବା ସୀମାରେଖାକୁ ରାଷ୍ଟ୍ର ଅସ୍ପଷ୍ଟ କରିଦେଇଛି। ଏପରି ଅସ୍ପଷ୍ଟତା ବଢ଼ି ଚାଲିଲେ ଗଣତନ୍ତ୍ର ବିପଦରେ ପଡ଼ିଯିବ ବୋଲି ୮୩ ପୃଷ୍ଠା ସମ୍ବଳିତ ରାୟରେ ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟ ରାୟର ଅବତାରଣା କରି ହାଇକୋର୍ଟ କହିଛନ୍ତି, ଏକ ଆତଙ୍କବାଦୀ କାର୍ଯ୍ୟକଳାପର ପରିଧି ଓ ପହଞ୍ଚ ସାଧାରଣ ଅପରାଧଠାରୁ ଅଧିକ ହୋଇଥିବା ଜରୁରୀ। କେବଳ ସାଧାରଣରେ ଶାନ୍ତି ଭଙ୍ଗ ଓ ଆଇନର ଅବମାନନାକୁ ଆତଙ୍କବାଦୀ କାର୍ଯ୍ୟ କୁହାଯାଇପାରିବ ନାହିଁ। ଆତଙ୍କବାଦୀ କାର୍ଯ୍ୟକଳାପକୁ ୟୁଏପିଏ ଅଧୀନକୁ ଆଣିବା ଉଦ୍ଦେଶ୍ୟରେ ପାର୍ଲାମେଣ୍ଟରେ ୟୁଏପିଏ ପ୍ରଣୟନ ଏବଂ ୨୦୦୪ ଓ ୨୦୦୮ରେ ସଂଶୋଧନ କରାଯାଇଥିଲା। ଭାରତର ପ୍ରତିରକ୍ଷା ସମ୍ପର୍କିତ ପ୍ରସଙ୍ଗ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ଲାଗୁ କରିବା ଅନୁଚିତ। କିନ୍ତୁ ଦିଲ୍ଲୀ ପୋଲିସ ପକ୍ଷରୁ ଦାଖଲ ଚାର୍ଜଶିଟ୍‌ରେ ଅଭିଯୁକ୍ତମାନଙ୍କ କ୍ଷେତ୍ରରେ ଏପରି କିଛି କରିଥିବା ଭଳି ଅଭିଯୋଗ ନାହିଁ। ଅଦାଲତଙ୍କ ମତରେ ଚାର୍ଜଶିଟ୍ ଓ ସେଥିରେ ସଂଲଗ୍ନ କୌଣସି ବିଷୟ ନିର୍ଦ୍ଦିଷ୍ଟ ଭାବେ ଆତଙ୍କବାଦୀ କାର୍ଯ୍ୟକଳାପକୁ ସୂଚାଉନାହିଁ ବୋଲି ହାଇକୋର୍ଟ କହିଛନ୍ତି।

### ଏମ୍ସ ପ୍ରବେଶିକା...

ଅଫ୍ ସ୍ନାତକୋତ୍ତର ମେଡିକାଲ୍ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ(ଜେଆଇପିଏମ୍‌ଇଆର୍), ବାଙ୍ଗାଲୋରସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ୍ ନ୍ୟୁରୋ ସାଇନ୍ସ (ଏନ୍‌ଆଇଏମ୍‌ଏଚ୍‌ଏଏନ୍‌ଏସ୍)ରେ ପିଜି ନାମଲେଖା ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥାନ୍ତା। କିନ୍ତୁ ପରୀକ୍ଷାକୁ ସ୍ଥଗିତ ରଖିବା ପାଇଁ ସୁପ୍ରିମକୋର୍ଟରେ ଏକାଧିକ ଡାକ୍ତରୀ ଦଳ ପିଟିଶନ ଦାୟର କରିଥିଲେ। ପରୀକ୍ଷା ପରିଚାଳନା କରୁଥିବା ଦିଲ୍ଲୀ ଏମ୍ସକୁ ଏଥିପାଇଁ ନିର୍ଦ୍ଦେଶ ଦେବାକୁ ସେମାନେ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଜଷ୍ଟିସ ଇନ୍ଦିରା ବାନାର୍ଜୀ ଏବଂ ଜଷ୍ଟିସ ଏମ.ଆର. ଶାହଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ।

### ସିଏମ୍‌ସି ଟିକାକରଣ...

ହେଲେ ସେଠାରେ ହସ୍ପିଟାଲ କର୍ତ୍ତୃପକ୍ଷ ଟିକା ଦିଆଯାଉନାହିଁ କହି ସେମାନଙ୍କୁ ଫେରାଇ ଦେଇଥିଲେ। ଘରୋଇ ହସ୍ପିଟାଲ ପକ୍ଷରୁ ଟିକା ଦିଆଯାଉଛି ବୋଲି ଲୋକଙ୍କୁ ମେସେଜ୍ ଆସୁଛି। କିନ୍ତୁ ଟିକା ନେବା ପାଇଁ ଆସିବା ବେଳେ ଟିକାକରଣ ବନ୍ଦ ଥିବା ଦେଖିବାକୁ ମିଳୁଛି। ଫଳରେ ଲୋକମାନେ ଫେରିବାକୁ ବାଧ୍ୟ ହେଉଛନ୍ତି। ବିଶେଷକରି ଟିକା ନେବା ପାଇଁ ସିଏମ୍‌ସି ପକ୍ଷରୁ ଲୋକଙ୍କୁ ସଚେତନ କରାଇବା ପାଇଁ ବିଧିବଦ୍ଧ ବ୍ୟବସ୍ଥା କରାଯାଇ ନାହିଁ। ବର୍ତ୍ତମାନ ସ୍ଥିତିରେ ସହରବାସୀଙ୍କ ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଆଉ ଏକ ସମସ୍ୟା ପାଲଟିଛି। ଅନ୍‌ଲାଇନ ପଞ୍ଜୀକରଣ କରି ମଧ୍ୟ ଲୋକ ଟିକାକେନ୍ଦ୍ରରୁ ଟିକା ନ ନେଇ ଫେରୁଥିବା ଦେଖିବାକୁ ମିଳିଛି। ଏସବୁକୁ ଅନୁଧ୍ୟାନ କଲେ କଟକ ସହରରେ ଟିକାକରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ମନେହେଉଛି। ଏ ନେଇ ସିଏମ୍‌ସି କମିଶନର ଦାସଙ୍କୁ ଯୋଗାଯୋଗ କରିବାକୁ ଗତ ୧୨ତାରିଖରେ ତାଙ୍କ ମୋବାଇଲ ନମ୍ବର ୯୪୩୭୧୬୪୨୪୦କୁ କଲ୍ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଏପରି କି ମେସେଜ ପଠାଯାଇଥିଲେ ମଧ୍ୟ ସେ ତାହାର ଉତ୍ତର ଦେଉ ନାହାନ୍ତି।



“ସହରରେ ପ୍ରାୟ ୫୦ ହଜାର ବସ୍ତି ବାସିନ୍ଦା ରହିଛନ୍ତି। ସେଥିମଧ୍ୟରୁ ମାତ୍ର ୫୦୦ରୁ ୧୦୦୦ ଲୋକଙ୍କୁ ଟିକା ଦିଆଯାଇଛି। ବସ୍ତି ଲୋକଙ୍କ ମଧ୍ୟରେ କରୋନା ସମ୍ପର୍କରେ ଯେଉଁଭଳି ଭାବେ ସଚେତନତା ସୃଷ୍ଟି କରାଯିବା କଥା, ସେଭଳି ହେଉନାହିଁ କିମ୍ବା କୌଣସି ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଉନାହିଁ।
– ବୃନ୍ଦାବନ ଦାସ ଆଜାଦ,ସଭାପତି, ଅଖିଳ ଓଡ଼ିଶା ଝୋପଡିପଟି ମହାସଂଘ



“ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଟିକାକରଣ ବ୍ୟବସ୍ଥା କରାଗଲା। କିନ୍ତୁ ସିଏମ୍‌ସି ପକ୍ଷରୁ ଏନେଇ ପୂଜା କମିଟିକୁ କୌଣସି ସୂଚନା ଦିଆଗଲାନାହିଁ। ଏପରିକି ସ୍ଥାନୀୟ ଲୋକଙ୍କୁ ଟିକା ଦେବା ପାଇଁ କିଛି ବ୍ୟବସ୍ଥା କରାଗଲାନାହିଁ। ସିଏମ୍‌ସିର ଏପରି ମନମୁଖୀ କାର୍ଯ୍ୟ ପାଇଁ ଅସନ୍ତୋଷ ବୃଦ୍ଧି ପାଉଛି।
– ଉତ୍ତମ ବେହେରା, ସଭାପତି, କଲେଜଛକ ପୂଜା ପ୍ରତିଷ୍ଠାନ



“ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଟିକାକେନ୍ଦ୍ର କରାଯାଉ ବୋଲି ବାରମ୍ବାର ଦାବି କରାଯିବା ସତ୍ତ୍ୱେ ସିଏମ୍‌ସି ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କରାଯାଇନାହିଁ। ଏଥିସହ ଅନ୍‌ଲାଇନ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଥିବାରୁ ବହୁ ବରିଷ୍ଠ ନାଗରିକ ଟିକା ନେବାରୁ ବଞ୍ଚିତ ରହିଛନ୍ତି।
– ବିଷ୍ଣୁମୋହନ ଦାସ ସାମନ୍ତ,ସାଧାରଣ ସମ୍ପାଦକ,ବରିଷ୍ଠ ନାଗରିକ ମହାସଂଘ



“ବିଭିନ୍ନ ୱାର୍ଡରେ ଟିକାକେନ୍ଦ୍ର ଖୋଲାଯାଇଛି। ହେଲେ ଉକ୍ତ ୱାର୍ଡର ଲୋକେ କିପରି ଯାଇ ସେଠାରେ ଟିକା ନେଇପାରିବେ, ସେନେଇ କୌଣସି ସୁବିଧା କରାଯାଇନାହିଁ।
– ସସ୍ମିତା ସେଠୀ, ଖାନନଗର ବାସିନ୍ଦା



“କେବଳ ୨ଦିନ ପାଇଁ ଆମ ଅଞ୍ଚଳର ଲୋକେ ଟିକା ନେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପ୍ରାୟ ୬୦ ପ୍ରତିଶତ ଲୋକ ଟିକା ନେବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ସିଏମ୍‌ସିରେ ଅଭିଯୋଗ କଲେ ମଧ୍ୟ ଶୁଣିବାକୁ କେହି ନାହାନ୍ତି।
– ସୁଶାନ୍ତ କୁମାର ସାହୁ, ସାମାଜିକ କର୍ମୀ,ବାଙ୍କାବଜାର



“ଆମ ସମ୍ପ୍ରଦାୟର କିଛି ଶିକ୍ଷିତ ଲୋକ ଟିକା ନେଇଛନ୍ତି। ଟିକା ନେବା ପାଇଁ ଲୋକଙ୍କୁ ସଚେତନ କରାଇବା ଦିଗରେ ସିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଇନାହିଁ। ସଚେତନତା ଅଭାବରୁ ପ୍ରାୟ ୮୦ ପ୍ରତିଶତ ଲୋକ ଟିକା ନେବାରୁ ବଞ୍ଚିତ ରହିଛନ୍ତି।
ସେଖ୍ ମୁନ୍ତାକିମ୍ ବକ୍ସ,ସଭାପତି, କଦମ ରସୁଲ ଡେଭଲପମେଣ୍ଟ କମିଟି

classifieds Everyday 0674-2580101, 2549302




**BRIDE WANTED**

Kaibarta (Odia), BrideGroom (IAS Faculty in Delhi), Searching Very Fair, Suitable Bride. Mob: 9990161440. D-20893

**GROOM WANTED**

Kaibarta Bride, Very Fair, +2Arts, Searching for suitable BrideGroom in Bhubaneswar. Mob: 9990161440. D-20877

ବିଧବା, ଗୁଡ଼ିଆ, 58ବୟସ୍କା Block Officeରେ କାର୍ଯ୍ୟରତ ଏକାକୀ ରହୁଥିବା ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 7606067313. D-67598

Master's qualified Govt. Bank ଚାକିରିଆ ସୁନ୍ଦର ଖଣ୍ଡାୟତ divorcee 46 ବୟସ୍କା ଝିଅଙ୍କ ପାଇଁ ବରପାତ୍ର ଦରକାର। 7608010434. D-67599




**SALE**

Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner-9090963952. D-70849




Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20835

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ରଙ୍କ କେନ୍ଦ୍ରରେ ବୃହସ୍ପତିଙ୍କ ଗଜକେଶରୀ ଯୋଗ ପ୍ରଭାବରୁ କର୍ମକ୍ଷେତ୍ର, ପାରିବାରିକସ୍ଥିତି ଓ ବାଣିଜ୍ୟବ୍ୟବସାୟର ଶୁଭଫଳ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ବନ୍ଧୁ ମିଳନରୁ ଖୁସୀ ରହିବେ। ବନ୍ଧୁଙ୍କ ଉପରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତିରେ, ସାଂଗଠନିକ କ୍ଷେତ୍ରରେ ପ୍ରଶଂସିତ ହେବେ।

**ବୃଷ**
ବୁଧ ରାହୁଙ୍କ ସମ୍ପର୍କ ଯୋଗୁ ଆଜିର କାମଗୁଡ଼ିକ ସମ୍ପନ୍ନ କରିବାରେ ବହୁତ ତକଲିଫ ଭୋଗ କରିବାକୁ ପଡ଼ିବ। ଅବଶ୍ୟ ଯାତ୍ରା, ପରିବହନ, ବାଣିଜ୍ୟ ବ୍ୟବସାୟ କ୍ଷେତ୍ର ମନ୍ଦ ହେବନି। ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ ବ୍ୟକ୍ତିଙ୍କର କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ପୂର୍ବ ସ୍ଥିରୀକୃତ ଯୋଜନା ଅନୁଯାୟୀ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି।

**ମିଥୁନ**
ଚନ୍ଦ୍ର କ୍ଷେତ୍ରସ୍ଥ ମଙ୍ଗଳ ଦ୍ୱିତୀୟଭାବସ୍ଥ ହେତୁ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହୋଇପାରନ୍ତି। ସାମାଜିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବାଦବିବାଦ କ୍ରମେ ଜଟିଳ ହୋଇପାରେ।

**କର୍କଟ**
ଶନି ଓ ମଙ୍ଗଳଙ୍କ ପାରସ୍ପରିକ ଦୃଷ୍ଟି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିବ। ପୁଷ୍ୟା ନକ୍ଷତ୍ର ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୋଗସୂତ୍ର ସ୍ଥାପନ କରି କାର୍ଯ୍ୟ ହାସଲ କରିବେ। ଈର୍ଷାପରାୟଣ ଶତ୍ରୁମାନଙ୍କର ସମସ୍ୟା ସୃଷ୍ଟି ମନକୁ ଭାରାକ୍ରାନ୍ତ କରିପାରେ। ବକେୟା ପ୍ରାପ୍ତିକୁ ଦୃଷ୍ଟିରେ ରଖି ବିନୟ ପୂର୍ଣ୍ଣ କଥା କହିଲେ ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ।

**ସିଂହ**
ରବି ଓ ଶୁକ୍ର ଏକତ୍ର ରହିଥିବାରୁ ପାରିପାର୍ଶ୍ୱିକ କ୍ଷେତ୍ରରେ କେତେକ ବ୍ୟତିକ୍ରମକୁ ସଜାଡି ନେବାରେ ଉଦ୍ୟମ କଲେ ଅବଶ୍ୟ ସଫଳ ହୋଇପାରିବେ। ଆର୍ଥିକ ସ୍ଥିତି ପୂର୍ବ ପରି ରହିବ ଓ ବିଭିନ୍ନ ଯୋଜନା କରିବାର ଚେଷ୍ଟା କରି କେତେକାଂଶରେ ସଫଳ ହେବେ। ସମ୍ପର୍କୀୟ ଜଣେ ବନ୍ଧୁ ପ୍ରତ୍ୟେକ ପ୍ରକାରର ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କନ୍ୟା**
ବୁଧ ଓ ବୃହସ୍ପତି ପରସ୍ପର କେନ୍ଦ୍ରସ୍ଥ ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବୁଝିବିଚାରି ଓ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟର ସହ ଅପେକ୍ଷା କରନ୍ତୁ, କାମ ଯଥାବିଧି ସମ୍ପନ୍ନ ହେବ ଓ ଅର୍ଥ, ସମ୍ମାନ ପାଇବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ କେହି ଈର୍ଷା କରିପାରନ୍ତି।

**ତୁଳା**
ବୃହସ୍ପତିଙ୍କ ଦୃଷ୍ଟିରେ ଶୁକ୍ର ହେତୁ ଆଜିର ଆଲୋଚନା ଫଳପ୍ରଦ ହୋଇପାରିବ। ବ୍ୟବସାୟିକ, ସାମାଜିକ, ଅଭିବୃଦ୍ଧି କ୍ରମଶଃ ବୃଦ୍ଧି ପାଇବାରୁ ସାମୟିକ ଖୁସି ରହିବେ। ବହୁତ ଦିନରୁ ଅପେକ୍ଷା କରିଥିବା ସୁଯୋଗ ଆଜି ପାଇପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ବିଛା**
ଭାଗ୍ୟାଧିପତି ଗୁରୁଦୃଷ୍ଟ ହେତୁ ଆଜିର କାମରେ ସଫଳତା ନିଶ୍ଚିତ। ଜ୍ୟେଷ୍ଠା ନକ୍ଷତ୍ରର କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକିବା କାରଣରୁ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ। ବନ୍ଧୁଙ୍କ ବିପରିତ ଆଚରଣ ଦୁଃଖ ଦେବ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା, ବ୍ୟବସାୟରେ ପ୍ରତିବନ୍ଧକ ଯୋଗୁ ଚିନ୍ତିତ ରହିବେ।

**ଧନୁ**
ଶନି କ୍ଷେତ୍ରସ୍ଥ ବୃହସ୍ପତିଙ୍କ ପ୍ରଭାବରେ ଅତୀତ କଥା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ଅସଜଡା ପାରିବାରିକ ପରିସ୍ଥିତି ସହ କର୍ମକ୍ଷେତ୍ରରେ କଳହ ଲାଗିରହିପାରେ। ବ୍ୟବସାୟରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ଜମିଜମା କାରବାର, କଚେରି ମାମଲା, ରାଜନୈତିକ କ୍ଷେତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ।

**ମକର**
ସପ୍ତମାଧିପତି ଅଷ୍ଟମସ୍ଥ ହେତୁ ପ୍ରିୟଜନ ସହ ଆକସ୍ମିକ ଯୁକ୍ତିତର୍କ ଲାଗିପାରେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଚେଷ୍ଟା କରୁଥିବା କାମରେ ସଫଳତା ମିଳିପାରେ। ବ୍ୟବସାୟୀମାନେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ନିଜର ଲକ୍ଷ୍ୟ ହାସଲ କରିପାରିବେ। ପାରିବାରିକ ଦୃଷ୍ଟିକୋଣରୁ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**କୁମ୍ଭ**
ଚନ୍ଦ୍ର ଷଷ୍ଠସ୍ଥ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହି ନ ପାରେ। ଶତଭିଷା ନକ୍ଷତ୍ର ପାଇଁ ଗତକାଲିର ଯୋଜନା ମୁତାବକ କାମରେ ସୁବିଧା ସୁଯୋଗ ଆପଣାଛାଏ ଜୁଟିଯିବ। ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପାରନ୍ତି। ବ୍ୟବସାୟରେ ସଫଳତା ଓ ସୁବିଧାରେ କାମ ହାସଲ କରିବେ।

**ମୀନ**
କର୍ମାଧିପ ବ୍ୟୟଭାବସ୍ଥ ଯୋଗୁ ଅନ୍ୟମାନଙ୍କ ସାହାଯ୍ୟ, ସହଯୋଗ ଆଶାକରି ନିରାଶ ହେବେ। ଗବେଷଣା, ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ କ୍ଷେତ୍ରରୁ ସମ୍ମାନ ମିଳିବ। ପାରିବାରିକ କ୍ଷେତ୍ର ସମସ୍ୟା ସମାଧାନ ଦିଗକୁ ମୁହାଁଇବ। ନିଜ ପରିସରରେ ଏକ ଛୋଟ ଘଟଣା ଭିନ୍ନ ଆକାର ଧାରଣ କରିବାର ଆଶଙ୍କା ରହିଛି।

ଆଜି ଆଷାଢ଼ ଶୁକ୍ଳ ଷଷ୍ଠୀ ବୁଧବାର, ଶେଷ ରଜ, ଭୂଦାୟ, ଶ୍ରୀମନ୍ଦିରରେ ଶୀତଳଷଷ୍ଠୀ, ଜଳକ୍ରୀଡ଼ା, ଜୁନ୍ ୧୬ ତାରିଖ। ରାଶିନକ୍ଷତ୍ର-ମଘା/ସିଂହ, କର୍କଟ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମଘା ନକ୍ଷତ୍ରେ ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ, ଦିବା ଘ.୦୭.୪୯ମି. ଗତେ ଘ.୧୧.୨୧ମି. ମଧ୍ୟେ, ଘ.୦୧.୫୯ମି. ଗତେ ଘ.୦୫.୩୦ମି. ମଧ୍ୟେ ଅମୃତବେଳା। ଦିବା ଘ. ୧୧.୪୭ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁ କାଳ।

## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ଜଣେ ମୃତ

**ବଇଣ୍ଡା,୧୫।୬(ଡି.ଏନ.ଏ.):** ଅନୁଗୋଳ ଜିଲା ଠାକୁରଗଡ ଥାନା ସାପଘରା ଠାରେ ରବିବାର ରାତିରେ ବାଇକ୍ ଓ ଟ୍ରାକ୍ଟର ମଧରେ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ବାଇକ୍ ଚାଳକ ଆମ୍ବନାଳୀ ଗ୍ରାମର କାଙ୍ଗୁଲା ନାୟକ (୨୨)ଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, କାଙ୍ଗୁଲା ନିଜ ଗ୍ରାମରୁ ପାଇକସାହି ଅଭିମୁଖେ ବାଇକ୍‌ରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର ସହ ମୁହାଁମୁହିଁ ଧକା ହୋଇଥିଲେ। ଗୁରୁତର ଅବସ୍ଥାରେ କାଙ୍ଗୁଲାଙ୍କୁ ପରିବାର ଲୋକେ ଉଦ୍ଧାର କରି ଆଠମଲ୍ଲିକ ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡ଼ିକାଲ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର କାଙ୍ଗୁଲାଙ୍କ ମୃତ୍ୟୁ ହୋଇଛି। ଏ ସଂକ୍ରାନ୍ତରେ ନଂ. ୧୪୨/୨୧ରେ ଏକ ମାମଲା ରୁଜୁ କରି ଠାକୁରଗଡ଼ ପୋଲିସ ତଦନ୍ତ ଚଳାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରାଯାଇଛି।

### ୨୦୦ ଜଣଙ୍କୁ ଟିକା ପ୍ରଦାନ



**ବଇଣ୍ଡା,୧୫।୬(ଡି.ଏନ.ଏ.):** କିଶୋରନଗର ବ୍ଲକର ବିଭିନ୍ନ ଗ୍ରାମରେ ମଙ୍ଗଳବାର କରୋନା ଟିକା ଦିଆଯାଇଛି। ବିଲେଇନାଳି ପଞ୍ଚାୟତ ଗୃହଠାରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ୧୩୦ ଜଣଙ୍କୁ ପ୍ରଥମ ଡୋଜ ଦିଆଯାଇଥିଲା। ସେହିପରି ଗାଁବଇଣ୍ଡା ଠାରେ ୭୦ ଜଣଙ୍କୁ ପ୍ରଥମ ଡୋଜ ଟିକା ଦିଆଯାଇଥିଲା। ଏଥିସହ ବଇଣ୍ଡା ମେଡିକାଲରେ ୪୧ ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିବା ବେଳେ ୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସୋଲଣ୍ଡା ଗ୍ରାମରେ ୧୩୧ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ସେଥିରୁ ୧୧ ଜଣ ସଂକ୍ରମିତ ଥିବା ଜଣାପଡ଼ିଛି। ଆକ୍ରାନ୍ତମାନଙ୍କୁ ଘରେ ସଙ୍ଗରୋଧରେ ରହିବା ସହ ସରକାରଙ୍କ ନିୟମ ମାନି ଚଳିବା ପାଇଁ ପରାମର୍ଶ ଦିଆଯାଇଛି।

### ଭାଜପା ନେତାଙ୍କ ପରଲୋକ

**ବଇଣ୍ଡା,୧୫।୬(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ଜାମୁନାଳୀ



ପଞ୍ଚାୟତ ଗୋଲାସର ଗ୍ରାମର ଭାଜପା ନେତା ସତ୍ୟବାନ ମାଝି (୩୫)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ କରୋନାରେ ଆକ୍ରାନ୍ତ ଥିବାରୁ ତାଳଚେରସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ସରପଞ୍ଚ ସ୍ୱୟଂମ୍ବର ପ୍ରଧାନ ସୂଚନା ଦେଇଛନ୍ତି। ସତ୍ୟବାନ ବଇଣ୍ଡା ଭାଜପା ମଣ୍ଡଳ ଉପସଭାପତି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ଜାମ୍ବୁନାଳୀ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାଗୀରଥି ପ୍ରଧାନ, ଜିଲାପରିଷଦ ସଦସ୍ୟ ଜୟନ୍ତୀ ପ୍ରଧାନ, ବିଶ୍ୱଜିତ ମିଶ୍ର, ରାଜେନ୍ଦ୍ର ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଶିକ୍ଷାବିତ୍‌ଙ୍କ ଦେହାନ୍ତ

**ଖମାର,୧୫।୬:** ପାଲଲହଡା ବ୍ଲକ ଶଙ୍ଖମୁର ଗ୍ରାମର ଶିକ୍ଷାବିତ୍ ପୁରନ୍ଦର ପ୍ରଧାନ



(୭୮)ଙ୍କ ଗତ ୧୨ ତାରିଖରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ରୋଗଗ୍ରସ୍ତ ଥିଲେ। ୫୦ରୁ ଅଧିକ ବର୍ଷ ସେ ଶିକ୍ଷାଦାନରେ ଲିପ୍ତ ରହିଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ପାଲଲହଡ଼ା ଉପଖଣ୍ଡରେ ତାଙ୍କର ପରିଚୟ ଥିଲା। ତାଙ୍କ ନିକଟରେ ପଢ଼ିଥିବା ଅନେକ ଛାତ୍ରୀଛାତ୍ର ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଉଚ୍ଚ ପଦବୀ ଅଳଂକୃତ କରିଛନ୍ତି। ଶିକ୍ଷାବିତ୍ ପୁରନ୍ଦରଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଉପଖଣ୍ଡରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଶଙ୍ଖମୁର ଗ୍ରାମ କମିଟି ଓ ଯୁବକ ସଂଘ ପକ୍ଷରୁ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯାଇଛି।

# ଲିଭିଯିବ ଷ୍ଟ୍ରିଟ୍ ଲାଇଟ୍

ବଇଣ୍ଡା,୧୫।୬
(ପରିକ୍ଷିତ ସାହୁ)

- ଆଠମଲ୍ଲିକ ଉପଖଣ୍ଡରେ ବକେୟା ରହିଛି ୧୩ ଲକ୍ଷ ଟଙ୍କାର ବିଲ୍
- ୬ଟିରୁ ବିଦ୍ୟୁତ୍ ସଂଯୋଗ କଟାଯାଇଛି, ଅନ୍ୟଗୁଡ଼ିକ ଶୀଘ୍ର ବିଚ୍ଛିନ୍ନ ହେବ
- ରାତିରେ ଅନ୍ଧାରରେ ରହିବ ପଞ୍ଚାୟତ, ବଜାର ଓ ଏନ୍ଏସି ଛକ



ରାତିରେ ଜଳୁଛି ଷ୍ଟ୍ରିଟ୍ ଲାଇଟ୍। ଆଲୋକିତ ହେଉଛି ପଞ୍ଚାୟତର ଛକ ଓ ବଜାର ଅଞ୍ଚଳ। ସରକାରୀ ଯୋଜନାରେ ଏହି ଆଲୋକୀକରଣ ବ୍ୟବସ୍ଥା ପରେ ଦାୟିତ୍ୱ ହସ୍ତାନ୍ତର କରାଯାଇଛି ପଞ୍ଚାୟତକୁ। ହେଲେ ୧୨ ଲକ୍ଷ ୯୮ ହଜାର ୫୩୧ ଟଙ୍କାର ବିଦ୍ୟୁତ୍ ବିଲ୍ ପୈଠ କରୁନି ସ୍ଥାନୀୟ ପ୍ରଶାସନ। ଫଳରେ ଆଠମଲ୍ଲିକ ଉପଖଣ୍ଡରେ ଲାଗିଥିବା ୨୯ ଷ୍ଟ୍ରିଟ୍ ଲାଇଟ୍‌ରୁ ୬ଟିର ସଂଯୋଗ କାଟିଦିଆଯାଇଛି। ଶୀଘ୍ର ପଦକ୍ଷେପ ନିଆ ନ ଗଲେ ବାକି ଷ୍ଟ୍ରିଟ୍‌ଲାଇଟ୍‌ଗୁଡ଼ିକୁ ମଧ ଲିଭାଇ ଦେବ ବିଦ୍ୟୁତ୍ ବିଭାଗ।

ଆଠମଲ୍ଲିକ ବ୍ଲକର ପାଇକସାହି ପଞ୍ଚାୟତରେ ଲାଗିଛି ଗୋଟିଏ ଷ୍ଟ୍ରିଟ ଲାଇଟ୍। ଏ ବାବଦରେ ୫୩ ହଜାର ୭୪୨ ଟଙ୍କାର ବିଦ୍ୟୁତ୍ ବିଲ୍ ପଞ୍ଚାୟତ ଉପରେ ବକେୟା ରହିଛି। ମାସ ପରେ ମାସ ଗଡୁଥିଲେ ମଧ ଦେୟ ପୈଠ କରୁନି ପ୍ରଶାସନ। ସେହିପରି ମଇମୁରା ପଞ୍ଚାୟତରେ ଲାଗିଥିବା ଷ୍ଟ୍ରିଟ ଲାଇଟ୍ ବାବଦରେ ୨୬ ହଜାର ୯୮୦ ଟଙ୍କା, ଠାକୁରଗଡ ପଞ୍ଚାୟତ ଗଣେଶ ବଜାରରେ ଲାଗିଥିବା ଷ୍ଟ୍ରିଟ ଲାଇଟ୍ ବାବଦରେ ୨୯ ହଜାର ୯୯୦ ଟଙ୍କା, ଲକ୍ଷ୍ମୀବଜାର ଷ୍ଟ୍ରିଟ ଲାଇଟ୍ ବାବଦରେ ୨୬ ହଜାର ୯୯୦ ଟଙ୍କା ଓ ନାକିଚି ରୋଡ୍ ଷ୍ଟ୍ରିଟ ଲାଇଟ୍ ବିଲ୍ ବାବଦ ୩୫ ହଜାର ୨୫୨ ଟଙ୍କା ବାକି ରହିଛି। ପଞ୍ଚାୟତ କର୍ତ୍ତୃପକ୍ଷ ଦେୟ ଦେଉ ନ ଥିବାରୁ ଉପରୋକ୍ତ ୪ଟି ଷ୍ଟ୍ରିଟ୍ ଲାଇଟ୍‌ରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଆଠମଲ୍ଲିକ ଏନ୍ଏସି କଇଁଦ୍ରାଗଡଠାରେ ଲାଗିଥିବା ଷ୍ଟ୍ରିଟ ଲାଇଟ୍ ବାବଦରେ ୪ ଲକ୍ଷ ୨୪ ହଜାର ୬୨୮ ଟଙ୍କା, ଏନ୍ଏସି ଅଫିସରେ ଲାଗିଥିବା ଷ୍ଟ୍ରିଟ ଲାଇଟ୍ ବାବଦରେ ୨୨ ହଜାର ୬୨୯ ଟଙ୍କା, ଲିପ୍ତଙ୍ଗା ଷ୍ଟ୍ରିଟ ଲାଇଟ୍ ପାଇଁ ୬ ହଜାର ୩୯୦ ଟଙ୍କା, ବରଙ୍ଗା ଷ୍ଟ୍ରିଟ ଲାଇଟ୍ ପାଇଁ ୧୪ ହଜାର ୭୭୦ ଟଙ୍କା, ମାଣିକପଥର ଷ୍ଟ୍ରିଟ୍ ଲାଇଟ୍ ବାବଦରେ ୧୧ ହଜାର ୯୭୨ ଟଙ୍କାର ବିଲ୍ ବାକି ରହିଛି। କିଆକଟା ପଞ୍ଚୟତରେ ଲାଗିଥିବା ଷ୍ଟ୍ରିଟ ଲାଇଟ୍ ବିଲ୍ ବାବଦରେ ୭୦ ହଜାର ୩୯୩ ଟଙ୍କା, ଟୁସର ପଞ୍ଚାୟତରେ ୬ ହଜାର ୬୦୩ ଟଙ୍କା, ମାଧପୁର ପଞ୍ଚାୟତରେ ୯ ହଜାର ୬୭ ଟଙ୍କା ଓ କୁଦଗାଁ ପଞ୍ଚାୟତରେ ଲାଗିଥିବା ଷ୍ଟ୍ରିଟ ଲାଇଟ୍ ବାବଦରେ ୩୫ ହଜାର ୨୫୨ ଟଙ୍କାର ବିଦ୍ୟୁତ୍ ବିଲ୍ ବକେୟା ରହିଛି। କିଶୋରନଗର ବ୍ଲକ ଆମ୍ବପାଳ ପଞ୍ଚାୟତ ଉପରେ ୭୨ ହଜାର ୯୩ ଟଙ୍କା, ଧଉରାପାଲି ପଞ୍ଚାୟତ ଉପରେ ୧୬ ହଜାର ୧୧୦ ଟଙ୍କା, ହିମିତିରା ପଞ୍ଚାୟତ ଉପରେ ୨୯ ହଜାର ୮୫୨ ଟଙ୍କା, ବିଲେଇନାଳି ପଞ୍ଚାୟତ ଉପରେ ୩୩ ହଜାର ୨୩ ଟଙ୍କା, ହଣ୍ଡପା ପଞ୍ଚାୟତ ଉପରେ ୩୧ ହଜାର ୬୨୧ ଟଙ୍କା, କଣ୍ଟେଇକୋଳିଆ ପଞ୍ଚାୟତରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ବାବଦରେ ୬ ହଜାର ୭୬୬ ଟଙ୍କା, ନୁନୁକାପଶି ପଞ୍ଚାୟତ ଉପରେ ୩୧ ହଜାର ୬୪୯ ଟଙ୍କାର ବିଦ୍ୟୁତ୍ ବିଲ୍ ବାକି ରହିଛି। ରଣିଆକଟା ପଞ୍ଚାୟତ ୩୫ ହଜାର ୫୫ ଟଙ୍କା, ବାମୁର ପଞ୍ଚାୟତ ୩୯ ହଜାର ୭୮୧ ଟଙ୍କା, ଅଙ୍ଗପଡା ପଞ୍ଚାୟତ ୧୭ ହଜାର ୮୫୪ ଟଙ୍କା, କଦଳୀମୁଣ୍ଡା ପଞ୍ଚାୟତ ୬୨ ହଜାର ୩୯୯ ଟଙ୍କା, ସଞ୍ଜାମୁରା ପଞ୍ଚାୟତ ୫୧ ହଜାର ୮୮୮ ଟଙ୍କା, ନାକିଚି ପଞ୍ଚାୟତ ୬୩ ହଜାର ୫୫୦ ଟଙ୍କା ଷ୍ଟ୍ରିଟ୍ ଲାଇଟ୍ ବାବଦ ବିଦ୍ୟୁତ୍ ବିଲ୍ ବାକି ରଖିଛନ୍ତି। ବିଲ୍ ପୈଠ କରାଯାଇ ନ ଥିବା ଯୋଗୁ ନାକିଚି ଓ ସଞ୍ଜାମୁରା ଷ୍ଟ୍ରିଟ୍ ଲାଇଟ୍‌ରୁ ସଂଯୋଗ କାଟି ଦିଆଯାଇଛି। ଅନ୍ୟ ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକରୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଗଲେ ଉପଖଣ୍ଡର କେତେକ ପଞ୍ଚାୟତ, ବଜାର ଓ ଏନ୍ଏସି ଅଞ୍ଚଳର ବହୁ ଛକ ରାତିରେ ଅନ୍ଧାରରେ ରହିବ।

### ପଦକ୍ଷେପ ନେଉନି ପଞ୍ଚାୟତ



“ଷ୍ଟ୍ରିଟ ଲାଇଟ୍ ଗୁଡିକର ବିଲ୍ ପଞ୍ଚାୟତ ପକ୍ଷରୁ ଦିଆଯାଉ ନାହିଁ। ଏ ନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ବହୁବାର ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ଚିଠି କରାଯାଇଛି। ହେଲେ ପଦକ୍ଷେପ ନିଆଯାଉ ନାହିଁ। ୬ଟି ଷ୍ଟ୍ରିଟ ଲାଇଟ୍‌ରୁ ସଂଯୋଗ କାଟି ଦିଆଯାଇଛି। ତୁରନ୍ତ ବିଲ୍ ଦେବାକୁ ନିବେଦନ କରାଯାଉଛି।

**-ସିପକ ଦାସ, ଏସ୍‌ଡିଓ, ବଇଣ୍ଡା ବିଦ୍ୟୁତ୍ ବିଭାଗ**

### ସ୍ୱତନ୍ତ୍ର ପାଣ୍ଠିରୁ ଦେୟ ଦିଆଯାଉ



“ପଞ୍ଚାୟତଗୁଡ଼ିକରେ ଷ୍ଟ୍ରିଟ ଲାଇଟ୍ ଲଗାଇବା ବାବଦରେ ସରକାର ବହୁ ଟଙ୍କା ଖର୍ଚ୍ଚ କରିଛନ୍ତି। କିନ୍ତୁ ଏହାର ରକ୍ଷଣାବେକ୍ଷଣ କି ବିଲ୍ ପୈଠ କରାଯାଉ ନାହିଁ। ପଞ୍ଚାୟତ ଓ ଏନ୍ଏସି କର୍ତ୍ତୃପକ୍ଷ ସ୍ୱତନ୍ତ୍ର ପାଣ୍ଠିରୁ ଦେୟ ଦେବା ଦରକାର। ଏହା କରାଗଲେ ସରକାରୀ ଯୋଜନାର ସୁଫଳ ମିଳିବ।

**-ଅଞ୍ଜନ କୁମାର ପ୍ରଧାନ, ଆଠମଲ୍ଲିକ**

### ବିଡିଓଙ୍କୁ ଚିଠି କରାଯାଇଛି



“ଷ୍ଟ୍ରିଟ ଲାଇଟ୍ ବାବଦ ବିଲ୍ ଦେବାକୁ ପଞ୍ଚାୟତ ପକ୍ଷରୁ ବିଡିଓଙ୍କୁ ଚିଠି ମାଧମରେ ଅବଗତ କରାଯାଇଛି। ହେଲେ ବ୍ଲକ ପକ୍ଷରୁ ପଦକ୍ଷେପ ନିଆ ନ ଯିବାରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି। ଶୀଘ୍ର କିଭଳି ବିଲ୍ ପୈଠ କରାଯିବ ସେ ନେଇ ବ୍ଲକ ପ୍ରଶାସନକୁ ପୁନର୍ବାର ଅବଗତ କରାଯିବ।

**-ସତ୍ୟାନନ୍ଦ ରାଉତ, ସରପଞ୍ଚ, ମଇମୁରା**

### ପରିଚାଳନାରେ ପ୍ରଶାସନ ବିଫଳ



“ପଞ୍ଚାୟତରେ ଥିବା ଛକ, ବଜାରର ଆଲୋକୀକରଣ ପାଇଁ ସରକାର ଅର୍ଥ ଖର୍ଚ୍ଚ କରିଛନ୍ତି। ହେଲେ ଏହାର ପରିଚାଳନା କରିବାରେ ପଞ୍ଚାୟତ କର୍ତ୍ତୃପକ୍ଷ ବିଫଳ ହେଉଛନ୍ତି। ଠାକୁରଗଡ ଷ୍ଟ୍ରିଟ୍ ଲାଇଟ୍‌ରୁ ବିଦ୍ୟୁତ୍ ସଂଯୋଗ କାଟିଦିଆଯାଇଥିବାରୁ ବଜାର ଅଞ୍ଚଳ ରାତିରେ ଅନ୍ଧାରରେ ରହୁଛି।

**-ବିଭୁ ପ୍ରସାଦ ସେନାପତି, ଠାକୁରଗଡ**

### ଆଲୋକୀକରଣ ଅର୍ଥ ପାଣିରେ ପଡ଼ିବ



“ସରକାରୀ ଅର୍ଥର ଠିକ୍ ବ୍ୟବହାର କରାଯାଉ ନାହିଁ। ଷ୍ଟ୍ରିଟ ଲାଇଟ୍‌ର ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉନି କି ପ୍ରତି ମାସରେ ବିଦ୍ୟୁତ୍ ବାବଦ ବିଲ୍ ଦିଆଯାଉନି। ବିଭାଗୀୟ କର୍ତ୍ତୃପକ୍ଷ ସଂଯୋଗ ବିଚ୍ଛିନ୍ନ କଲେ ଆଲୋକୀକରଣ ବାବଦ ଖର୍ଚ୍ଚ ହୋଇଥିବା ଅର୍ଥ ପାଣିରେ ପଡ଼ିବା ସାର ହେବ।

**-ସୁଶାନ୍ତ ସାହୁ, ସଞ୍ଜାମୁରା**

ଏହାଦ୍ୱାରା ଜନସାଧାରଣ ରାତିରେ ଯାତାୟାତରେ ଅସୁବିଧାରେ ପଡ଼ିବେ। ଏ ନେଇ କିଶୋରନଗର ବିଡିଓ ଶ୍ୟାମଳ କୁମାର ରାଏ କହିଛନ୍ତି, ଷ୍ଟ୍ରିଟ ଲାଇଟ୍ ବାବଦ ବକେୟା ଥିବା ବିଦ୍ୟୁତ୍ ବିଲ୍ ପୈଠ ନିମନ୍ତେ ପଞ୍ଚାୟତଗୁଡ଼ିକୁ ନିର୍ଦ୍ଦେଶ ଦିଆଯିବ।

### ସାପ କାମୁଡ଼ାରେ ଶିଶୁପୁତ୍ର ମୃତ

ଅନୁଗୋଳ ଅଫିସ, ୧୫।୬

ମା’ କୋଳରେ ଶୋଇଥିବାବେଳେ ସାପ କାମୁଡ଼ାରେ ହଣ୍ଡପା ଅଞ୍ଚଳର ଅଭିମନ୍ୟୁ ବେହେରାଙ୍କ ପୁଅ ଅରବିନ୍ଦ ବେହେରା(୩)ଙ୍କ ମୃତ୍ୟୁ ହୋଇଛି। ଏ ନେଇ ଅନୁଗୋଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, ସୋମବାର ରାତି ପ୍ରାୟ ୩ଟାରେ ଅରବିନ୍ଦ ହଠାତ କାନ୍ଦିଥିଲେ। ଏକ ବିଷଧର ସାପ ବାହାରକୁ ଯାଉଥିବା ଦେଖି ପରିବାର ଲୋକେ ତୁରନ୍ତ ପୁଅକୁ ଛେଣ୍ଡିପଦାସ୍ଥିତ ମାମୁ ଘରକୁ ନେଇଥିଲେ। ସେଠାରେ ଗୁଣିଆଙ୍କ ନିକଟରେ ଝଡ଼ାଫୁଙ୍କା କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ଶିଶୁପୁତ୍ରଙ୍କୁ ମୃତ ଘୋଷଣା କରିଥିଲେ।

### ବିୟର କ୍ୟାନ୍‌ରେ ପଶି ଡାମଣା ଛଟପଟ



ଛେଣ୍ଡିପଦା,୧୫।୬(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବାଗଡିଆ ଗ୍ରାମର ଉମାକାନ୍ତ ବେହେରାଙ୍କ ବାଡିରେ ପଡ଼ିଥିବା ଏକ ବିୟର କ୍ୟାନ୍‌ରେ ମୁଣ୍ଡ ଗଳାଇ ଡାମଣା ସାପ ଦୀର୍ଘ ସମୟ ଧରି ଛଟପଟ ହୋଇଥିଲା। ଉକ୍ତ ଟିଣ ଭିତରୁ ସାପଟିର ମୁଣ୍ଡ ବାହାରି ପାରୁ ନ ଥିବା ଦେଖି ସ୍ଥାନୀୟ ଜନସାଧାରଣ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ହେଲ୍ପଲାଇନ ସଦସ୍ୟ ହିମାଂଶୁ ଶେଖର ଦେହୁରୀ ପହଞ୍ଚି କଇଁଚି ସାହାଯ୍ୟରେ କ୍ୟାନ୍ କାଟି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କର ପ୍ରାକୃତିକ ଆବାସସ୍ଥଳୀରେ ଛାଡି ଦେଇଥିଲେ।

# ରଜରେ ରୋଗୀଙ୍କୁ ନୂଆ ପୋଷାକ



ଉଦ୍ୟମ ଫାଉଣ୍ଡେଶନ ପକ୍ଷରୁ ରୋଗୀମାନଙ୍କ ନିମନ୍ତେ ଖାଦ୍ୟ ପ୍ୟାକେଟ୍ ପ୍ରସ୍ତୁତ କରାଯାଉଛି।

ଅନୁଗୋଳ ଅଫିସ,୧୫।୬

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରୋଗୀମାନଙ୍କୁ ରଜ ଅବସରରେ ନୂଆ ପୋଷାକ ଉପହାର ଦେଇଛି ଉଦ୍ୟମ ଫାଉଣ୍ଡେଶନ। ଫାଉଣ୍ଡେଶନ ପକ୍ଷରୁ ମହିଳା ଓ ପୁରୁଷ ୱାର୍ଡରେ ରୋଗୀମାନଙ୍କୁ ଲୁଗା, ଲୁଙ୍ଗି, ଗାମୁଛା, ସାନିଟାଇଜର ଓ ମାସ୍କ ଆଦି ପ୍ରଦାନ କରାଯାଇଛି। ସେହିପରି ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଓ କରୋନା ସଂକ୍ରମିତଙ୍କ ସହ ଆସିଥିବା ସେମାନଙ୍କ ସମ୍ପର୍କୀୟଙ୍କୁ ଦୈନିକ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଉଛି। ଜିଲାର କେତେଜଣ ବଦାନ୍ୟ ବ୍ୟକ୍ତିମାନଙ୍କ ସହଯୋଗ ଯୋଗୁ ଏପରି କାର୍ଯ୍ୟ କରାଯାଉଥିବା ଫାଉଣ୍ଡେଶନ ସଭାପତି ବାପୁଜୀ ପ୍ରଧାନ ସୂଚନା ଦେଇଛନ୍ତି। ଲକ୍‌ଡାଉନ ସରିବା ଯାଏ ଏହି ସେବା ଜାରି ରହିବ। ଫାଉଣ୍ଡେଶନର ନିର୍ଦ୍ଦେଶକ ବିପ୍ଳବ ଜେନା, ପରାମର୍ଶଦାତା ତଥା ସାମାଜିକ କର୍ମୀ ପିନାକୀ ପ୍ରସାଦ ସିଂ, ରୁକେଶ ରୋଷନ ଦାଶ, ଅନୁପ ପଟ୍ଟନାୟକ, ଏମ.ଡି. ଅସଲମ, ସ୍ୱରୂପ ସାହୁ, ପ୍ରଭାସ ରଞ୍ଜନ ସାହୁ, ରାକେଶ ଦେହୁରୀ, ମହେଶ ସ୍ୱାଇଁ, ସୁଶାନ୍ତ ସାହୁ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି।

### ୧୮୩ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୧୫।୬

ଅନୁଗୋଳ ଜିଲାରୁ ମଙ୍ଗଳବାର ୧୮୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୩୮ହଜାର ୮୨୯ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ବଣ୍ଟଁରପାଳ ବ୍ଲକ ଅଞ୍ଚଳରୁ ସର୍ବାଧିକ ୩୩ଜଣ ଥିବାବେଳେ ତାଳଚେର ବ୍ଲକ ଅଞ୍ଚଳରୁ ୨୨ ଜଣ, କିଶୋରନଗର ବ୍ଲକ ଅଞ୍ଚଳରୁ ୨୧, ପାଲଲହଡା ବ୍ଲକ ଅଞ୍ଚଳରୁ ୨୦, କଣିହାଁ ବ୍ଲକ ଅଞ୍ଚଳରୁ ୧୯, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୧୮, ଆଠମଲ୍ଲିକ ବ୍ଲକ ଅଞ୍ଚଳରୁ ୧୫, ଅନୁଗୋଳ ବ୍ଲକ ଅଞ୍ଚଳରୁ ୧୪, ତାଳଚେର ପୌରାଞ୍ଚଳରୁ ୯, ଅନୁଗୋଳ ପୌରାଞ୍ଚଳରୁ ୮ ଓ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୪ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ୬୮ ଜଣଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୩୮୨ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

# ଜଳଖିଆ ଦୋକାନରେ ଭିଡ଼



ଅନୁଗୋଳ ସହରରେ ଥିବା ଏକ ତେଲଭାଜି ଦୋକାନରେ ଲୋକଙ୍କ ଭିଡ଼।

**କଟକଣା ମାନୁନାହାନ୍ତି ବ୍ୟବସାୟୀ, ଗ୍ରାହକ**

ଅନୁଗୋଳ ଅଫିସ, ୧୫।୬

ଅନୁଗୋଳ ସହରରେ କରୋନା କଟକଣା ମାନୁନାହାନ୍ତି ଅନେକ ବ୍ୟବସାୟୀ। କିଏ ଅତି ଗୋପନରେ ବ୍ୟବସାୟ କରୁଛନ୍ତି ତ ଆଉ କିଏ ପ୍ରଶାସନକୁ ଖାତିର ନ କରି ଦୋକାନରେ ଭିଡ଼ ବଢ଼ାଉଛନ୍ତି। ଶଙ୍କର ସିନେମା ରୋଡ୍‌ରେ ଥିବା ଏକ ତେଲଭାଜି ଦୋକାନରେ ସୋମବାର ସନ୍ଧ୍ୟାରେ ଗହଳି ହୋଇଥିବା ଅଭିଯୋଗ ହୋଇଥିଲା। ସାମାଜିକ ଦୂରତ୍ୱ କଥା ଭୁଲି ଲୋକମାନେ ଚଢ଼ାଚଢ଼ି ହୋଇ ବରା, ପିଆଜି, ଆଳୁଚପ ଆଦି ବୋହି ନେଉଥିବା ଦେଖାଯାଇଥିଲା। କେତେଜଣ ଏ ନେଇ ପ୍ରଶ୍ନ କରିଥିଲେ ମଧ ପୌର ପ୍ରଶାସନ ପକ୍ଷରୁ ସହରରେ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଥିବା ବ୍ୟବସାୟୀଙ୍କ ପକ୍ଷରୁ କୁହାଯାଇଥିଲା। ସହରରେ ଭିଡ଼ ସତ୍ତ୍ୱେ ପୌରପାଳିକା କି ପୋଲିସ ଟିମ୍ ପକ୍ଷରୁ ଠିକ୍‌ଭାବେ ତଦାରଖ କରାଯାଇ ନ ଥିବାରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଯେଉଁମାନେ ପୌର କର୍ତ୍ତୃପକ୍ଷଙ୍କ ନିକଟରୁ ଅନୁମତି ନ ନେଇ ଦୋକାନ ଖୋଲୁଛନ୍ତି, ସେମାନଙ୍କ ଲାଇସେନ୍ସ କାହିଁକି ବାତିଲ କରାଯାଉ ନାହିଁ ବୋଲି ସହରବାସୀ ପ୍ରଶ୍ନ କରିଛନ୍ତି। ଏ ନେଇ ତଦାରଖ କରାଯିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ରାସ୍ତା ମରାମତି ହେଉନି, ଅସନ୍ତୋଷ

ଛେଣ୍ଡିପଦା,୧୫।୬(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ଗ୍ରାମ ଠାରୁ ବକଳା–ପିତାଚରୀ–ବଡମୂଳ ଦେଇ ଯାଇଥିବା ପ୍ରାୟ ୧୨ କିଲୋମିଟର ରାସ୍ତା ମରାମତି ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଅନୁଗୋଳ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଏହାର ନିର୍ମାଣ କାର୍ଯ୍ୟ କରାଯାଇଥିଲା। ଏଥିପାଇଁ ୭ କୋଟି ୯ ଲକ୍ଷ ୭୨ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ବିଭାଗୀୟ ଚୁକ୍ତି ମୁତାବକ ୨୦ ନଭେମ୍ବର ୨୦୧୫ରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୯ ଅକ୍ଟୋବର ୨୦୧୬ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ତେବେ ବକଳା ଗ୍ରାମ ଠାରେ ଦୁଇ ପାର୍ଶ୍ୱରେ ଡ୍ରେନ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ରାସ୍ତା ଉପରେ ବର୍ଷାପାଣି ଜମି ରହୁଛି। ତେଣୁ ରାସ୍ତାର ଅଧିକାଂଶ ସ୍ଥାନରୁ ପିଚୁ ଉଠି ଖାଲଖମାରେ ପରିଣତ ହୋଇଛି। ବିଶେଷକରି ପିତାଚରୀ ଗ୍ରାମଠାରୁ ବଡମୂଳ ପର୍ଯ୍ୟନ୍ତ ପିଚୁ ଉଠିଯାଇଛି। ଏଥିଯୋଗୁ ଜନସାଧାରଣ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଉଭୟ ପାର୍ଶ୍ୱରେ ଥିବା ଲଟାବୁଦା ମାଡି ଆସିବାରୁ ଅଧିକାଂଶ ସମୟ ରାସ୍ତାରେ ଦୁର୍ଘଟଣାମାନ ଘଟୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଯଥାଶୀଘ୍ର ଏହାର ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରି ନାହିଁ।



ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ରାସ୍ତା।

# ସହର ସଫେଇରେ ବାଧା

ଅନୁଗୋଳ ଅଫିସ, ୧୫।୬

- କର୍ମଚାରୀଙ୍କୁ କଲେ ଗାଳିଗୁଲଜ
- ୩ ଜଣଙ୍କ ନାମରେ ଥାନାରେ ଏତଲା

ଅନୁଗୋଳ ସହର ସଫେଇକୁ ନେଇ ସୃଷ୍ଟି ହୋଇଥିବା ବିବାଦ ବଢ଼ୁଛି। କାର୍ଯ୍ୟରେ ଅବହେଳା ପାଇଁ ସଫେଇ ଦାୟିତ୍ୱରେ ଥିବା ଠିକା ସଂସ୍ଥାକୁ ପୌର ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଓ ଜଣେ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରେ ସଫେଇ କର୍ମଚାରୀମାନେ ସୋମବାର କାର୍ଯ୍ୟ ବନ୍ଦ କରିଥିଲେ। ତେବେ ମଙ୍ଗଳବାର ସେମାନେ କାର୍ଯ୍ୟକୁ ଆସିଥିଲେ ମଧ ୩ ଜଣ ଠିକା କର୍ମଚାରୀ କାର୍ଯ୍ୟରତ ସଫେଇ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିଥିଲେ। କାମ ବନ୍ଦ କରିବାକୁ ଧମକ ଦେଇଥିଲେ। ଏ ନେଇ ପୌର କର୍ତ୍ତୃପକ୍ଷ ସମ୍ପୃକ୍ତ ୩ କର୍ମଚାରୀଙ୍କ ବିରୋଧରେ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, କିଛିଦିନ ଧରି ଅନୁଗୋଳ ସହର ଠିକ୍ ଭାବେ ସଫେଇ ହେଉ ନ ଥିଲା। ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଆବର୍ଜନା ନେଇ ସହରବାସୀ ଆପତ୍ତି ଉଠାଇବା ପରେ ପୌର କର୍ତ୍ତୃପକ୍ଷ ଏ ନେଇ ଠିକା ସଂସ୍ଥାକୁ ନୋଟିସ ପଠାଇଥିଲେ। ଅସହଯୋଗ ଅଭିଯୋଗରେ ଜଣେ ସଫେଇ କର୍ମଚାରୀ ମିଥୁନ୍ ବେହେରାଙ୍କୁ କାର୍ଯ୍ୟରୁ ବିରତି ଦେଇଥିଲେ। ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି। ବିଭିନ୍ନ ଆଳ ଦେଖାଇ ସୋମବାର ସଫେଇ କର୍ମଚାରୀମାନେ ପୌର କାର୍ଯ୍ୟାଳୟ ସମ୍ମୁଖରେ ହୋହଲ୍ଲା କରିଥିଲେ। ସଫେଇ କାର୍ଯ୍ୟ ବନ୍ଦ ରଖିଥିଲେ। କାର୍ଯ୍ୟକୁ ନ ଆସିଲେ ଦରମା ବନ୍ଦ କରାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ ଠିକାସଂସ୍ଥାକୁ ଜଣାଇ ଦିଆଯିବା ପରେ ମଙ୍ଗଳବାର ସକାଳେ ସହର ସଫେଇ କାର୍ଯ୍ୟ ଚାଲିଥିଲା। ଏହି ସମୟରେ ସଫେଇ କର୍ମଚାରୀ ମିଥୁନ୍ ବେହେରା, ସୁଜିତ୍ ବେହେରା ଓ ସୁଗ୍ରୀବ ଗୋଛାୟତ ପହଞ୍ଚି କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ନାନା ଧମକ ମଧ ଦେଇଥିଲେ। ଖବରପାଇ ପୌର କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚିବାରୁ ସମ୍ପୃକ୍ତ ୩ କର୍ମଚାରୀ ପଳାଇ ଯାଇଥିଲେ। ଏ ନେଇ କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇଛନ୍ତି। ପୋଲିସ ୩ ଜଣଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିବା ଜଣାପଡ଼ିଛି। ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ଯେଉଁମାନେ କାର୍ଯ୍ୟରେ ବାଧା ଉପୁଜାଉଥିଲେ, ସେମାନଙ୍କ ବିରୋଧରେ ଥାନାରେ ନଂ. ୨୩୧୪/ତା ୧୫।୬।୨୦୨୧ରେ ଅଭିଯୋଗ କରାଯାଇଛି।




ସଫେଇ କର୍ମଚାରୀମାନେ ସହର ସଫେଇ କରୁଛନ୍ତି।

ଧରିତ୍ରୀ
DHARITRI
ବୁଧବାର, ୧୬ ଜୁନ୍, ୨୦୨୧

ଜଣେ ଯାହା କିଛି କାର୍ଯ୍ୟ କରୁ– ସବୁଥିରୁ ଆନନ୍ଦ ପାଇବା ଉଚିତ। ଏପରି କି ଯେଉଁ କାର୍ଯ୍ୟ ତୁଚ୍ଛ ମନେ ହୁଏ, ତା’ପଛରେ ମଧ୍ୟ ଗଭୀର ରହସ୍ୟ ନିହିତ ଥାଏ। –ଶ୍ରୀମା



# ଚିରାଗଙ୍କ ବଂଶ

ଲିଗାସି ବା ବଂଶକୁଳ ସୂତ୍ରରେ ମିଳିଥିବା ଅଧିକାରକୁ ଜଣେ ଠିକ୍ ଭାବେ ଉପଯୋଗ କରିପାରିଲେ ତାଙ୍କର ମର୍ଯ୍ୟାଦା ବଢ଼ିଥାଏ। ଭାରତୀୟ ରାଜନୀତିରେ ଲିଗାସିର ବଡ଼ ଭୂମିକା ରହିଛି। ରହିବା ଉଚିତ ମଧ୍ୟ। କାରଣ ଏହା ରାତାରାତି ଜଣଙ୍କୁ ମିଳି ନ ଥାଏ। ଏହା ପୂର୍ବପୁରୁଷଙ୍କଠାରୁ ଗଡ଼ିଆସିଥାଏ। ହେଲେ ଦାୟାଧିକାରକୁ ଠିକ୍ ଭାବେ ପରିଚାଳନା କରି ନ ପାରିଲେ ସ୍ଥିତି ବିଗିଡ଼ିଯାଏ। ଏହାର ସଦ୍ୟ ଉଦାହରଣ ଭାବେ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ନେତା ଚିରାଗ ପାଶ୍ୱାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏଲ୍‌ଜେପି ପ୍ରତିଷ୍ଠାତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମ ବିଳାସ ପାଶ୍ୱାନଙ୍କର ଗତବର୍ଷ ଅକ୍ଟୋବର ୮ରେ ପରଲୋକ ଘଟିଥିଲା। ବିହାର ବିଧାନସଭା ନିର୍ବାଚନ ଅକ୍ଟୋବର ୨୮ରେ ଆରମ୍ଭ ହେବାକୁ ଥିଲା। ପିତାଙ୍କ ମୃତ୍ୟୁ ପରେ ଚିରାଗ ଧରି ନେଇଥିଲେ ଯେ ଅନୁକମ୍ପାମୂଳକ ଭୋଟ ପାଇ ସେ ବିହାର ସରକାର ଗଠନରେ କିଙ୍ଗ୍ ମେକର ଭୂମିକା ନିର୍ବାହ କରିବେ। ସେହି ସମୟରେ ଚିରାଗଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହନୁମାନ ଆଖ୍ୟା ଦେଇଦେଲେ। ଏତିକିରେ ଉତ୍‌ଫୁଲ୍ଲିତ ହୋଇ ସେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନ୍ୟୂନ କରି ଦେଖିବା ଆରମ୍ଭ କଲେ। ଏଥିସହିତ ଏଲ୍‌ଜେପି ବିହାର ବିଧାନସଭା ନିର୍ବାଚନରେ ଏକାକୀ ଲଢ଼ିବ ବୋଲି ଘୋଷଣା କଲେ। କିନ୍ତୁ ଫଳାଫଳ ତାଙ୍କ ପାଇଁ ଅଶୁଭ ହେଲା। ଦଳ ମାତ୍ର ଗୋଟିଏ ଆସନ ପାଇଲା। ଚିରାଗଙ୍କ ଅଙ୍କକଷା ଠିକ୍ ନ ହେବାରୁ ତାଙ୍କ ସାନବାପା ଲୋକ ସଭା ଏମ୍‌ପି ପଶୁପତି କୁମାର ପାରସ୍ ଏହାର ଫାଇଦା ନେବାକୁ ଆଗେଇ ଆସିଲେ। ଲୋକ ସଭାରେ ଥିବା ୬ ଏମ୍‌ପିଙ୍କ ମଧ୍ୟରେ ଫାଟ ସୃଷ୍ଟି କରି ପାରସ୍ ଅନ୍ୟ ୪ ଜଣଙ୍କୁ ନିଜ ସପକ୍ଷକୁ ନେଇ ୧୪ ଜୁନ୍‌ରେ ନିଜକୁ ଏଲ୍‌ଜେପି ସଂସଦୀୟ ଦଳ ନେତା ଘୋଷଣା କରିଛନ୍ତି। ଏପରି କି ୧୫ ଜୁନ୍‌ରେ ଚିରାଗଙ୍କୁ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦରୁ ବହିଷ୍କାର କରାଗଲା ବୋଲି କହିଛନ୍ତି। କିନ୍ତୁ ଏହାର କିଛି ଘଣ୍ଟା ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଥିବା କହି ଚିରାଗ ତାଙ୍କ ସାନବାପାଙ୍କ ସହିତ ଅନ୍ୟ ୪ ଏମ୍‌ପିଙ୍କୁ ଦଳରୁ ବିଦା କରିଦେଇଛନ୍ତି। ଫଳରେ ଦଳକନ୍ଦଳ ଏବେ ଚରମସୀମାରେ ପହଞ୍ଚିଛି।

ଏହା ଜଣାଶୁଣା ଯେ, ରାମ ବିଳାସ ପାଶ୍ୱାନ ଜଣେ ସୁବିଧାବାଦୀ ରାଜନେତା ଥିଲେ। ତାଙ୍କ ରାଜନୈତିକ ଇତିହାସ ଅତ୍ୟନ୍ତ ଚମତ୍କାର। ଯେକୌଣସି ଦଳ କେନ୍ଦ୍ରରେ ସରକାର ଗଢ଼ିଲା ବେଳକୁ ରାମ ବିଳାସଙ୍କ ନାମ ମନ୍ତ୍ରୀ ତାଲିକାରେ ସ୍ଥାନ ପାଉଥିଲା। ଉଦାହରଣ ସ୍ୱରୂପ ୧୯୮୯ରେ ଭି.ପି. ସିଂଙ୍କ ସରକାରରେ ରାମ ବିଳାସ ମନ୍ତ୍ରୀ ହେବାଠାରୁ ପରବର୍ତ୍ତୀ ସମୟରେ ଏଚ.ଡି. ଦେବେଗୌଡା, ଆଇ.କେ. ଗୁଜରାଲ, ଅଟଳ ବିହାରୀ ବାଜପେୟୀ, ମନମୋହନ ସିଂ ଏବଂ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହେବାରେ ସକ୍ଷମ ହୋଇଥିଲେ। ଏଠାରେ ମନେପଡ଼େ ୧୯୭୭ରେ ସଂସଦୀୟ ନିର୍ବାଚନରେ ହାଜିପୁର ଲୋକ ସଭା ନିର୍ବାଚନମଣ୍ଡଳୀରୁ ଜନତା ପାର୍ଟି ଟିକେଟରୁ ଲଢ଼ି ରାମ ବିଳାସ ଜିତିବା ସହ ରେକର୍ଡ ସୃଷ୍ଟି କରିଥିଲେ। ସେତେବେଳେ ତାଙ୍କ ଭୋଟ ବ୍ୟବଧାନ ସର୍ବାଧିକ ରହିଥିଲା। ସେହି ସଂଖ୍ୟା ଥିଲା ୪,୨୪,୦୦୦।

୨୦୦୦ ମସିହାରେ ରାମ ବିଳାସ ଏଲ୍‌ଜେପି ଗଢ଼ିଥିଲେ। ଏହି ଦଳ ଦଳିତ ଓ ପଛୁଆବର୍ଗଙ୍କ ପାଇଁ ଲଢ଼େଇ କରୁଥିବାରୁ ତାଙ୍କ ପ୍ରତି ଜନ ସମର୍ଥନ ଥିଲା। ତାଙ୍କ ଅବର୍ତ୍ତମାନରେ ଏଲ୍‌ଜେପିରେ ସର୍ବେସର୍ବା ହେବା ପାଇଁ ଦ୍ୱନ୍ଦ୍ୱ ଚାଲିଛି। ଯେଉଁ ଲିଗାସି କଥା କୁହାଯାଉଛି, ଚିରାଗ ପିତାଙ୍କ ଦାୟାଦ ହେବା ସ୍ୱାଭାବିକ। ତଥାପି ତାଙ୍କ ସାନବାପାଙ୍କ ଯୋଗଦାନ ଦଳ ପାଇଁ ଅନେକ ଗୁରୁତ୍ୱ ରଖୁଥିଲା। ରାମ ବିଳାସ କେନ୍ଦ୍ରରେ ମନ୍ତ୍ରୀ ରହି ଦିଲ୍ଲୀରେ ରହୁଥିବା ବେଳେ ବିହାର ଦାୟିତ୍ୱ ପାରସ୍‌ଙ୍କ ଉପରେ ନ୍ୟସ୍ତ ଥିଲା। ଚିରାଗ ୨୦୧୪ ସାଧାରଣ ନିର୍ବାଚନରେ ଏମ୍‌ପି ହେବା ପରେ ତାଙ୍କ ଗୁରୁତ୍ୱ ବୃଦ୍ଧି ପାଇଥିଲା। ଅନ୍ୟପକ୍ଷରେ ରାମ ବିଳାସଙ୍କ ପୁତ୍ର ରାଜନୀତିରେ ପ୍ରବେଶ କରିବା ପରେ ପାରସ୍‌ଙ୍କ ପ୍ରଭାବ ସ୍ୱାଭାବିକ ଭାବେ ହ୍ରାସ ପାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାମ ବିଳାସଙ୍କ ପ୍ରଥମ ସ୍ତ୍ରୀ ଜଣେ ଦଳିତ। ତାଙ୍କ ପିଲାମାନେ ରାଜନୀତିରେ ପ୍ରବେଶ କରିବାର ସୁଯୋଗ ପାଇ ନାହାନ୍ତି। ଚିରାଗ ହେଉଛନ୍ତି ରାମ ବିଳାସଙ୍କ ଦ୍ୱିତୀୟ ସ୍ତ୍ରୀ, ଜଣେ ହରିୟାଣା ମହିଳାଙ୍କ ପୁତ୍ର। ଏହି ଦ୍ୱିତୀୟ ସ୍ତ୍ରୀ ଦଳିତ ନୁହନ୍ତି। ତେବେ ଚିରାଗ ଦଳରେ ଗୁରୁତ୍ୱ ପାଇବା ଓ ପାରସ୍‌ଙ୍କୁ ଅଣଦେଖା କରାଯିବା ଦଳ ପାଇଁ ବିଷମ ସ୍ଥିତି ସୃଷ୍ଟି କରିଛି। ଏଥିସହିତ ଖୁବ୍ ଅଳ୍ପ ସମୟ ମଧ୍ୟରେ ଚିରାଗ ବଡ଼ ହେବା ପାଇଁ ଯେଉଁ ସ୍ୱପ୍ନ ଦେଖିଲେ ସେହି ଅନୁଯାୟୀ ତୃଣମୂଳ ସ୍ତରରେ କାର୍ଯ୍ୟ କରିବାରେ ଅସଫଳ ହେଲେ। ଆଜିର ଯୁବପିଢ଼ି ରାଜନୈତିକ କ୍ଷେତ୍ରରେ ଧୈର୍ଯ୍ୟହରା ହୋଇପଡ଼ୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ପଦବୀ ଧାରଣ କରିବା ଲାଗି ଯେଉଁ ହୋମ୍‌ୱାର୍କର ଆବଶ୍ୟକତା ରହିଛି ତାହା ସେମାନେ କରିବାକୁ ଚାହୁଁ ନାହାନ୍ତି। ଫଳରେ ସେମାନେ ନିଜକୁ ଉଚିତ ଭାବେ ଉପସ୍ଥାପନ କରିପାରୁ ନାହାନ୍ତି ଏବଂ ରାଜନୀତି ମଧ୍ୟ କଳୁଷିତ ହେଉଛି।

ଆଜିର ଭାରତରେ କଂଗ୍ରେସର ଗାନ୍ଧୀ ପରିବାରକୁ ଲକ୍ଷ୍ୟକରି ବଂଶବାଦ ବିରୋଧରେ ଯେଉଁ ମତ ସୃଷ୍ଟି କରିବାର ପ୍ରୟାସ କରାଯାଉଛି, ଭାରତୀୟ ସମାଜ ପାଇଁ ହାନି ଘଟାଇପାରେ। ଏହା ସତ୍ୟ ହୋଇପାରେ ଯେ ରାହୁଲ ଗାନ୍ଧୀ ଜଣେ ଅସଫଳ ରାଜନେତା। କିନ୍ତୁ କୁଳ ବା ବଂଶବାଦ ମଣିଷର ଚରିତ୍ରକୁ ଗଢ଼ିଥାଏ। ଯୋଗ୍ୟ ସନ୍ତାନ ହାସଲ କରିବା ପାଇଁ ମାତାପିତାଙ୍କୁ ଯୋଗ୍ୟ ହେବାକୁ ପଡ଼ିଥାଏ। ଅଜଣା ଅଚିହ୍ନା ଚୌକିଦାରକୁ ଘର ଜଗିବା ପାଇଁ ଛଡ଼ାଯାଏ ନାହିଁ। ରାଜନୀତି ସମେତ ସବୁ କ୍ଷେତ୍ରରେ ବଂଶବାଦର ଗୁରୁତ୍ୱ ରହିଛି। ପୃଥ୍ୱୀରାଜ କପୁରଙ୍କ ପୁତ୍ର ରାଜ, ସମ୍ମି ଓ ଶଶି କେବଳ ନୁହନ୍ତି, ତାଙ୍କ ନାତି ଓ ଅଣନାତି ମଧ୍ୟ ସିନେମା ଜଗତରେ ପ୍ରତିଷ୍ଠିତ। ଧୀରୁଭାଇଙ୍କ ପୁଅ ମୁକେଶ ଓ ଅନିଲ ଶିଳ୍ପଜଗତରେ ସର୍ବାଗ୍ରେ। ସେହିଭଳି ଭାରତରେ ଯାତ୍ରାପାର୍ଟି ମାଲିକଙ୍କ ପୁଅ ମାଲିକ ଏବଂ ଓକିଲ ଓ ଡାକ୍ତରଙ୍କ ପିଲା ମଧ୍ୟ ସେହି ପେସାରେ ଯାଆନ୍ତି। ଯେତେବେଳେ ବଂଶରେ ଦୁର୍ବଳତା ଆସେ ସେତେବେଳେ ସେହି ସନ୍ତାନର ଅଧୋଗତି ଘଟେ ଓ ସେହି ପରିବାର ଧ୍ୱଂସ ପାଇଯାଏ। କିନ୍ତୁ ତାହାର ଅର୍ଥ ନୁହେଁ ଯେ ବଂଶବାଦର ମୂଲ୍ୟ ନାହିଁ।

## ଦୃଷ୍ଟିପତ୍ର

କୋଭିଡ୍–୧୯ ମହାମାରୀ ଦେଶରେ ଅନେକ ପିଲାଙ୍କୁ ଅନାଥ କରିଛି। ଏହି ସଂଖ୍ୟା ପ୍ରତ୍ୟେକ ଦିନ ବଢ଼ିବାରେ ଲାଗିଛି। ଜୁନ୍ ପ୍ରଥମ ସପ୍ତାହରେ ସୁପ୍ରିମକୋର୍ଟଙ୍କୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର୍)ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ ବାପା, ମା’ କିମ୍ବା ଉଭୟଙ୍କୁ କୋଭିଡ୍ ଓ ଅଣ କୋଭିଡ୍ ରୋଗରେ ହରାଇ ଅନାଥ ହୋଇଥିବା ଶିଶୁଙ୍କ ସଂଖ୍ୟା ୩୦,୦୭୧। ମହାରାଷ୍ଟ୍ରରେ ସର୍ବାଧିକ ୭,୦୮୪ ପିଲା ଅନାଥ ହୋଇଥିବା ବେଳେ ତେଲଙ୍ଗାନା, ତାମିଲନାଡୁ, କେରଳ, କର୍ନାଟକ, ଗୁଜରାଟ, ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟରେ ଏମାନଙ୍କ ସଂଖ୍ୟା ମଧ୍ୟ ଅଧିକ। ତେବେ ବିଭିନ୍ନ ରାଜ୍ୟରେ କୋଭିଡ୍‌ଜନିତ ମୃତକଙ୍କ ସଂଖ୍ୟାର ପୁନଃ ଆକଳନ କରାଯାଉଥିବା ହେତୁ ଅନାଥଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଏହି ପିଲାଙ୍କ ପାଇଁ କେନ୍ଦ୍ର କେଉଁ ପ୍ରକାର କଲ୍ୟାଣକାରୀ ଯୋଜନା କରିଛି ସେ ସମ୍ପର୍କରେ ଜାଣିବା ପାଇଁ ସୁପ୍ରିମକୋର୍ଟ ଇଚ୍ଛାପ୍ରକାଶ କରିଥିଲେ। ଏହାପରେ ଓଡ଼ିଶା ସମେତ କେତେକ ରାଜ୍ୟ ସରକାର ସ୍ୱାଧୀନ ଭାବେ, ଏହି ପିଲାଙ୍କ ପାଇଁ ନିଜସ୍ୱ ଯୋଜନା ଘୋଷଣା କଲେଣି। ୨୦୧୮ରେ ୟୁନିସେଫ୍ ତଥ୍ୟରେ ବିଭିନ୍ନ କାରଣରୁ ଅନାଥଙ୍କ ସଂଖ୍ୟା ପାଖାପାଖି ୩ କୋଟି ରହିଥିଲା। କୋଭିଡ୍ ମହାମାରୀ ଏହାକୁ ବଢ଼ାଇ ଦେଇଛି। ମହାମାରୀରେ ଅନାଥଙ୍କ ପାଇଁ ଏବେ ଯେଉଁ କଲ୍ୟାଣକାରୀ ଯୋଜନା କରାଯାଇଛି ତାହା ସ୍ୱାଗତଯୋଗ୍ୟ, କିନ୍ତୁ ଏମାନଙ୍କ ବ୍ୟତୀତ ଜମ୍ମୁ–କଶ୍ମୀର, ଆସାମ, ନାଗାଲାଣ୍ଡ, ମଣିପୁର ଆଦି ରାଜ୍ୟରେ ଅସ୍ୱାଭାବିକ ପରିସ୍ଥିତି ଉପୁଜୁଥିବା ଯୋଗୁ ଅନେକ ପିଲା ଅନାଥ ହେବା ଶୁଣାଯାଉଛି। ୧୮ ବର୍ଷରୁ କମ୍ ଅନାଥ ପିଲାଙ୍କର ଏକ ସ୍ୱତନ୍ତ୍ର ଗଣନା କରାଯିବା ସହ ସରକାରୀ ଏବଂ ସାମାଜିକ ଦୃଷ୍ଟି ପଡ଼ିବାର ଆବଶ୍ୟକତା ରହିଛି। କାରଣ ୩ କୋଟିରୁ ଉର୍ଦ୍ଧ୍ୱ ପିଲାଙ୍କୁ ଯଦି ଭାରତର ସମାଜ ସମ୍ପୂର୍ଣ୍ଣ ଭୁଲିଯାଏ, ତେବେ ସେମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହେବା ସହିତ ଦେଶରେ ସାମାଜିକ ବିଶୃଙ୍ଖଳା ବୃଦ୍ଧିପାଇବାର ଆଶଙ୍କା ରହିଛି।

# କରୋନା ଭୂତାଣୁ କ’ଣ ଚାଇନାରେ ତିଆରି



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ବିଗତ ପ୍ରାୟ ଦୁଇ ବର୍ଷ (୨୦ ମାସ) ଧରି କୋଭିଡ୍–୧୯ ମହାମାରୀ ବିଶ୍ୱର ୨୨୦ ଦେଶରେ ନିୟୁତ ନିୟୁତ (ପ୍ରାୟ ୪ ନିୟୁତ) ଲୋକଙ୍କର ଜୀବନ ନେଇ ସାରିଲାଣି। କୋଟି କୋଟି ଲୋକ ଏଥିରେ ସଂକ୍ରମିତ ହେଲେଣି ଏବଂ ଭୁଶୁଡ଼ି ପଡ଼ିଲାଣି ଅନେକ ଦେଶର ଅର୍ଥନୀତି। ଏ ବିଭୀଷିକା ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ବଳିଯାଇଥିବା କୁହାଯାଉଛି। ତେବେ ଆଜି ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଧାରଣ କରି ହେଉନି, ଚାଇନାର ଉହାନଠାରେ ପ୍ରଥମେ ଏ ମାରାତ୍ମକ ଭୂତାଣୁ ସୃଷ୍ଟି ହେଲା କିପରି। ଏଠାରେ ଅବସ୍ଥିତ ସେ ଦେଶର ପ୍ରତିରକ୍ଷା ବିଭାଗ ଅଧୀନରେ ପରିଚାଳିତ ‘ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି’। ଏଠାରେ ବିବିଧ ନୂତନ ଭୂତାଣୁ ପ୍ରତିରୋଧୀ ଟିକା ଓ ଔଷଧ ପ୍ରସ୍ତୁତ ଲାଗି ଗବେଷଣା ଚାଲିଥିବା କୁହାଯାଉଥିଲା। ଏଣୁ ଚାଇନାର ଚିରଶତ୍ରୁ ଆମେରିକା ମଧ୍ୟ ଏହାକୁ ଆର୍ଥିକ ଏବଂ ବୈଷୟିକ ସାହାଯ୍ୟ ପ୍ରଦାନ କରୁଥିଲା। ତେବେ ପ୍ରକୃତରେ ଏହା ବିଶ୍ୱରେ ନିଷିଦ୍ଧ ହୋଇଥିବା ଜୈବିକ ଅସ୍ତ୍ର ଗୋପନରେ ତିଆରି କରିବା ଲାଗି ଅଭିପ୍ରେତ ବୋଲି ସନ୍ଦେହ ଅନେକ ଦିନୁ ଆରମ୍ଭ ହୋଇଥିଲା। ତେଣୁ ଏହିଠାରେ ହିଁ ଏହି ମାରାତ୍ମକ ଭୂତାଣୁଟି ଜିନୀୟ ପରିବର୍ତ୍ତନ ମାଧ୍ୟମରେ ତିଆରି କରାଯାଇଥିବା ଆମେରିକା, ଇଂଲଣ୍ଡ ସମେତ ବହୁ ଦେଶର ବୈଜ୍ଞାନିକ ମତ ଦେବାକୁ ଲାଗିଲେ। ତେବେ ଏହା ସେଠାର ମାଂସ ବଜାରରେ ବାଦୁଡ଼ିଠାରେ ପ୍ରାକୃତିକ ଭାବେ ସୃଷ୍ଟି ହୋଇଥିବା ଦାବି କରି ଚାଇନା ଏ ପ୍ରଶ୍ନକୁ ଏଡ଼ାଇ ଚାଲିଲା। ଅନ୍ୟପକ୍ଷରେ, କ୍ରମେ ବିଭିନ୍ନ ଆନୁଷଙ୍ଗିକ ଘଟଣାମାନ ବିଚାରକୁ ନେଇ କରାଯାଉଥିବା ଅଧ୍ୟୟନ ଓ ଗବେଷଣାରୁ ଏହା ସେଠାର ବିଜ୍ଞାନାଗାର ମଧ୍ୟରେ କୃତ୍ରିମ ଉପାୟରେ ତିଆରି କରାଯାଇଥିବା ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ଏହାକୁ ଆହୁରି ଅଧିକ ଘନ କରିଛି ସେଠାକୁ ଯାଇ ଏ ବିଷୟରେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ବିଶେଷଜ୍ଞମାନଙ୍କୁ ଚାଇନା ଅନୁମତି ନ ଦେବା। ଏଣୁ କେତେକ ବୈଜ୍ଞାନିକ ନିର୍ଦ୍ଦିଷ୍ଟ ଭାବେ କହିବାକୁ ଲାଗିଲେଣି ଯେ କୋଭିଡ୍–୧୯ ଭୂତାଣୁ ସେଠାର ‘ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି’ର ଗବେଷଣାଗାରରେ ହିଁ ତିଆରି କରାଯାଇଥିଲା ଏବଂ ସମ୍ଭବତଃ ତାହାକୁ ବାଦୁଡ଼ି ଦେହରେ ପରୀକ୍ଷା କରାଯାଇଥିଲା।

ଏଭଳି ମତ ଦେଉଥିବା ବୈଜ୍ଞାନିକମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହେଲେ ଇଂଲଣ୍ଡର ପ୍ରଫେସର ଆଂଗୁସ ଡାଲ୍‌ଗ୍ଲେଇସ ଏବଂ ନରୱେର ଡକ୍ଟର ବିର୍‌ଗର୍ ସୋରେନସେନ। ନିକଟରେ (ମେ ୨୦୨୧ ଶେଷ ସପ୍ତାହରେ) ସେମାନେ ଘୋଷଣା କରିଛନ୍ତି ଯେ, ଏ ଭୂତାଣୁର କୌଣସି ବିଶ୍ୱାସଯୋଗ୍ୟ ପୂର୍ବ ପୁରୁଷ ନାହିଁ। ଏଣୁ ତାହା ‘ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି’ରେ ହିଁ ତିଆରି ହୋଇଛି। ଏହାକୁ ତିଆରି କରିଛନ୍ତି ସେଠାର ‘ଗେନ୍ ଅଫ ଫଙ୍କସନ’ ପ୍ରକଳ୍ପର ବୈଜ୍ଞାନିକମାନେ। ଚାଇନାର ଗୁମ୍ଫାଗୁଡ଼ିକରେ ବାସ କରୁଥିବା ବାଦୁଡ଼ିଠାରେ ଥିବା ଏକ ପ୍ରକାର ଭୂତାଣୁ ନେଇ ତାହାର ଜିନୀୟ ପରିବର୍ତ୍ତନ ଆଣି ତା’ ଦେହରେ ନୂତନ ପ୍ରୋଟିନ ଶୁଣ୍ଢଟିଏ ସୃଷ୍ଟି କରିବା ଫଳରେ ଏହାର ଉତ୍ପନ୍ନ ହୋଇଛି।

ଡାଲ୍‌ଗ୍ଲେଇସ ଏବଂ ସୋରେନସେନ ଭୂତାଣୁ ନମୁନାଗୁଡ଼ିକରେ କିଛି ‘ଅନନ୍ୟ ଅଙ୍ଗୁଳି ଛାପ’ ଆବିଷ୍କାର କରିଛନ୍ତି, ଯାହା କି ସେମାନଙ୍କ ମତରେ କେବଳ ବିଜ୍ଞାନାଗାର ମଧ୍ୟରେ କୃତ୍ରିମ ପରିବର୍ତ୍ତନ ମାଧ୍ୟମରେ ହିଁ ସମ୍ଭବ। ତେବେ, ଏହାର ସଂକ୍ରମଣ ବିଶ୍ୱକୁ ବ୍ୟାପିଗଲା ପରେ ସେଠାର ସରକାର ଏହା ସମ୍ପର୍କରେ ସୂଚନାମାନ ନଷ୍ଟ କରିବାରେ ଲାଗିଛନ୍ତି। ବିଗତ ମେ ୩୦, ୨୦୨୧ ସଂଖ୍ୟା ‘ଦି ଡେଲିମେଲ’ରେ ପ୍ରକାଶିତ ବିବରଣୀ ଅନୁସାରେ ଉପରୋକ୍ତ ବୈଜ୍ଞାନିକ ଦ୍ୱୟ ‘ଦ କ୍ୱାର୍ଟରଲି ରିଭ୍ୟୁ ଅଫ ବାଇଓ ଫିଜିକ୍ସ ଡିସ୍‌କଭରୀ’ ପତ୍ରିକାରେ ୨୨ ପୃଷ୍ଠା ସମ୍ବଳିତ ବୈଜ୍ଞାନିକ ନିବନ୍ଧଟିଏ ପ୍ରକାଶ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଏ ଭୂତାଣୁର ଶୁଣ୍ଢରେ ୪ଟି ଯୁକ୍ତ ଚାର୍ଜ ବିଶିଷ୍ଟ ଆମିନୋ ଅମ୍ଳ ରହିଛି। ଏଣୁ ତାହା ସହଜରେ ମଣିଷର ବିଯୁକ୍ତ ଚାର୍ଜ ଯୁକ୍ତ ଅଙ୍ଗ ସହିତ ଯୋଡ଼ି ହୋଇଯାଉଛି। ଯୁକ୍ତ ଚାର୍ଜବିଶିଷ୍ଟ ଆମିନୋ ଅମ୍ଳ ପରସ୍ପରକୁ ବିକର୍ଷଣ କରନ୍ତି। ଏଣୁ ପ୍ରାକୃତିକ ଭୂତାଣୁ ବା ଅନ୍ୟ ସୂକ୍ଷ୍ମ ଜୀବଙ୍କଠାରେ ଏହା ଗୋଟିଏ ଧାଡ଼ିରେ ୩ଟି ମଧ୍ୟ ଦେଖାଯିବା ବିରଳ। କେବଳ କୃତ୍ରିମ ଉପାୟରେ ହିଁ ଏହା ସମ୍ଭବ। ଅତଏବ ନିଃସନ୍ଦେହରେ କୋଭିଡ୍–୧୯ ଭୂତାଣୁଟି ଏକ ‘ଚିମର (ସଂକର)’ ଏବଂ ତାହା ‘ଗେନ୍ ଅଫ ଫଙ୍କସନ’ ପ୍ରକଳ୍ପ ଦ୍ୱାରା ହିଁ ପ୍ରସ୍ତୁତ।

ଇତିମଧ୍ୟରେ ‘ଡ୍ରାଷ୍ଟିକ’ ନାମକ ଏକ ଆନ୍ତର୍ଜାତିକ ସଙ୍ଗଠନ ଏହାର ଉତ୍ପତ୍ତି ସମ୍ପର୍କରେ ଅନୁଧ୍ୟାନ ଚଳାଇଛି ଇଣ୍ଟରନେଟ ମାଧ୍ୟମରେ କିଛି ସଂପୃକ୍ତ ଗବେଷକ ତଥା ଅନୁଷ୍ଠାନ ସହିତ ସମ୍ପର୍କ ସ୍ଥାପନ କରି। ନିଜର ନାମ ଗୋପନ ରଖି ଟୁଇଟରରେ ‘ଦ ସିକର’ ରୂପେ ପରିଚୟ ପ୍ରଦାନ କରି ଜଣେ ଭାରତୀୟ ମଧ୍ୟ ଏଥିସହିତ ସାମିଲ ହୋଇଛନ୍ତି। ସେମାନେ ଏଥିରୁ ପ୍ରାପ୍ତ ତଥ୍ୟଗୁଡ଼ିକୁ ବିଶ୍ଳେଷଣ କରି ଏ ଭୂତାଣୁ ଚାଇନାର ବିଜ୍ଞାନାଗାରରେ ପ୍ରସ୍ତୁତ ହୋଇଥିବାର ସମ୍ଭାବନା ଉଜ୍ଜ୍ୱଳ ବୋଲି ମତ ଦେଉଛନ୍ତି। ସେହିପରି ପୁଣେର ବୈଜ୍ଞାନିକ ଦମ୍ପତି ଡକ୍ଟର ମୋନାଲି ସି ରାହଲକର (ଅଗରକର ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ) ଏବଂ ଡକ୍ଟର ରାହୁଲ ବାହୁଲିକର (ବିଏଆଇଏଫ ଡେଭେଲପମେଣ୍ଟ ଏଣ୍ଡ ରିସର୍ଚ୍ଚ ଫାଉଣ୍ଡେସନ) ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ଚାଇନାର ଗବେଷକମାନଙ୍କ ପୁରୁଣା ତଥ୍ୟମାନ ସଂଗ୍ରହ କରି ଏ ଦିଗରେ ଅନୁଧ୍ୟାନ ଚଳାଇଛନ୍ତି। ଏମାନେ ମଧ୍ୟ ‘ଡ୍ରାଷ୍ଟିକ’ ସହିତ ସଂପୃକ୍ତ।

ସେମାନଙ୍କ ଦ୍ୱାରା ସଂଗୃହୀତ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଅନୁସାରେ ୨୦୧୨ ମସିହାରେ ଚାଇନାର ଉହାନ ନିକଟବର୍ତ୍ତୀ ମୋଜିଆଙ୍ଗ ଖଣି ଅଞ୍ଚଳର ବାଦୁଡ଼ିଗୁଡ଼ିକ ବାସ କରୁଥିବା ଏକ ଗୁମ୍ଫାକୁ ପରିଷ୍କାର କରିବା ଲାଗି ଛ’ଜଣ ଶ୍ରମିକଙ୍କୁ ନିୟୋଜିତ କରାଯାଇଥିଲା। କିଛିଦିନ ପରେ ସେମାନଙ୍କ ମଧ୍ୟରୁ ତିନିଜଣ ନିମୋନିଆ ଭଳି ଲକ୍ଷଣ ଥିବା ଏକ ନୂତନ ରୋଗରେ ପ୍ରାଣ ହରାଇଥିଲେ। ସେମାନେ ଏକ କବକ ଦ୍ୱାରା ସଂକ୍ରମିତ ହୋଇଥିଲେ ବୋଲି ୨୦୧୩ ମସିହାରେ ମତ ଦେଇଥିଲେ ‘ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି’ର ନିର୍ଦ୍ଦେଶିକା ଡକ୍ଟର ଶି ଝେଂଗଲୀ। ତେବେ ଉପରୋକ୍ତ ଭାରତୀୟ ବୈଜ୍ଞାନିକ ଦମ୍ପତିଙ୍କ ସମେତ ‘ଡ୍ରାଷ୍ଟିକ’ର ଅନ୍ୟମାନେ ଦାବି କରୁଛନ୍ତି ଯେ, ତାହା ଥିଲା ଚିହ୍ନଟ ହୋଇ ନ ଥିବା କରୋନା ଭୂତାଣୁର ଏକ ନୂତନ ରୂପ। ସେମାନେ ଏହାକୁ ନେଇ ବାଢ଼ୁଥିବା ଯୁକ୍ତି ଅନୁସାରେ ଏହି ଖଣି ଶ୍ରମିକଙ୍କଠାରେ ପ୍ରକଟିତ ଲକ୍ଷଣଗୁଡ଼ିକ ମଧ୍ୟରେ ଥିଲା ନିମୋନିଆ ସଦୃଶ୍ୟ ଏବଂ ଶ୍ୱାସକ୍ରିୟାଜନିତ। ପୁନଶ୍ଚ ସେମାନଙ୍କ ଚିକିତ୍ସା ପାଇଁ ବ୍ୟବହୃତ ଔଷଧଗୁଡ଼ିକ ମଧ୍ୟରେ ଏକ ଭୂତାଣୁ ନିରୋଧକ ଥିଲା ବୋଲି ଜଣାପଡ଼ିଛି ଜନୈକ ସ୍ନାତକୋତ୍ତର ଛାତ୍ର ଲି ଜୁଙ୍କ ଲିଖିତ ସନ୍ଦର୍ଭରୁ। ଏହା ବ୍ୟତୀତ ‘ଦ ସନ୍‌ଡେ ଟାଇମ୍ସ’ର ଏକ ବିବରଣୀ ଅନୁସାରେ ୨୦୧୫ ମସିହାରୁ ୨୦୧୭ ମସିହା ମଧ୍ୟରେ ‘ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି’ ଦ୍ୱାରା ପ୍ରକାଶିତ ନିବନ୍ଧଗୁଡ଼ିକ ବିଶ୍ଳେଷଣ କଲେ ଜଣାପଡ଼େ ଯେ, ‘ଗେନ୍ ଅଫ ଫଙ୍କସନ’ ପ୍ରକଳ୍ପର ପରୀକ୍ଷାଗୁଡ଼ିକ ଥିଲା ବିବାଦମାନ ଏବଂ ଭୂତାଣୁକୁ ଅଧିକ ସଂକ୍ରମଣକ୍ଷମ କରିବା ଥିଲା ଏହାର ଭିତିରି ଉଦ୍ଦେଶ୍ୟ ; ଯାହା କି ଜୈବିକ ଅସ୍ତ୍ରରୂପେ ବ୍ୟବହାର କରିହେବ। ଏ ଚିନ୍ତାଧାରାକୁ ଶକ୍ତିଶାଳୀ କରେ ଡକ୍ଟର ଶି ଏବଂ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ୨୦୨୦ ମସିହା ଫେବୃୟାରୀ ମାସରେ ‘ନେଚର’ ଗବେଷଣା ପତ୍ରିକାରେ ପ୍ରକାଶିତ ଏକ ଗବେଷଣା ପତ୍ର। ଏଥିରେ ସେମାନେ ଏକ ନୂତନ ଭୂତାଣୁ (Ra TG 13) ବିଷୟରେ ସୂଚନା ଦେଇଥିଲେ ; ଯାହା କି ଜିନୀୟ ସାମ୍ୟତା ଦୃଷ୍ଟିରୁ କୋଭିଡ୍–୧୯ର ‘ସମ୍ପର୍କୀୟ’। ଏହା ୨୦୦୩ ମସିହାରେ ଉହାନଠାରେ ଦେଖାଯାଇଥିବାର ସେଥିରେ ଉଲ୍ଲେଖ ଥିଲା କିନ୍ତୁ, ତା’ ବିଷୟରେ ବିଶେଷ କିଛି ତଥ୍ୟ ପ୍ରଦାନ କରାଯାଇ ନ ଥିଲା। ଅନ୍ୟପକ୍ଷରେ ଏବର ଗବେଷଣା ସହିତ ସଂପୃକ୍ତ ଅନେକ ବୈଜ୍ଞାନିକ ଇତିମଧ୍ୟରେ ‘ନିଖୋଜ’ ହୋଇଗଲେଣି। ସେମାନଙ୍କୁ ବନ୍ଦୀ କିମ୍ବା ହତ୍ୟା କରାଯାଇଛି ବୋଲି ସନ୍ଦେହ କରାଯାଉଛି।

ଏ ସମସ୍ତ ଅଭିଯୋଗକୁ ଖୋରାକ ଯୋଗାଉଛି ଚାଇନାର ମନୋଭାବ– ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା କିମ୍ବା ଅନ୍ୟ କୌଣସି ଆନ୍ତର୍ଜାତିକ ସଙ୍ଗଠନକୁ ସେ ଦେଶରେ ଏ ଭୂତାଣୁର କିପରି ଉତ୍ପତ୍ତି ଘଟିଲା ଏବଂ ‘ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି’ ତଥା ଏହାର ‘ଗେନ୍ ଅଫ ଫଙ୍କସନ’ ପ୍ରକଳ୍ପ ସମେତ ବିବିଧ ସନ୍ଦେହଜନକ କାର୍ଯ୍ୟକ୍ରମ ସମ୍ପର୍କରେ ଅନୁଧ୍ୟାନ କରିବାକୁ ଦେଉନାହିଁ। କେବଳ ଏହା ମନଗଢ଼ା ମନେହେଉଥିବା ତା’ ନିଜ କଥା ଦୋହରାଇବାରେ ଲାଗିଛି ଯେ, ଭୂତାଣୁଟି ଉହାନର ମାଂସ ବଜାରରେ ବାଦୁଡ଼ିଠାରେ ସୃଷ୍ଟି ହୋଇ ମଣିଷକୁ ସଂକ୍ରମଣ କଲା ଏବଂ ସମସ୍ତେ ଏହାକୁ ଗ୍ରହଣ କରନ୍ତୁ ବୋଲି ଜିଦ୍ ଧରି ବସିଛି। କିନ୍ତୁ ଏହା ମନେହେଉଛି ‘ଚୋର ମୁହଁ ଟାଣ’ ଭଳି। ଏପରିସ୍ଥଳେ, ଏବେ ସାରା ବିଶ୍ୱ ଏକ ହୋଇ ଚାଇନାକୁ ଏ ଦୋଷରେ ଦୋଷୀ ବୋଲି ପ୍ରମାଣକୁ ନିଶ୍ଚିତ କରିବା ଏବଂ ଏହାକୁ ମାନବ ସମାଜ ବିରୋଧରେ କରିଥିବା ଏହି ପାପର ପ୍ରାୟଶ୍ଚିତ୍ତ କରିବାକୁ ବାଧ୍ୟ କରିବା ଏକାନ୍ତ ଆବଶ୍ୟକ।

ଉଷାନିବାସ,୧୨୪/୨୪୪୫, ଖଣ୍ଡଗିରି ବିହାର,
ଭୁବନେଶ୍ୱର, ମୋ:୯୯୩୭୯୮୫୭୬୭

# ସୂଚନା ମହାମାରୀ



ଈପ୍ସିତା ମହାନ୍ତି

ଭାରତ ସମେତ ସମଗ୍ର ବିଶ୍ୱ ଆଜି କୋଭିଡ୍–୧୯ ସହିତ ଅନ୍ୟ ଏକ ମହାମାରୀର ସମ୍ମୁଖୀନ ହୋଇଛି, ଯାହାକୁ ‘ଇନ୍‌ଫୋଡେମିକ୍’ ବା ‘ସୂଚନା ମହାମାରୀ’ କୁହାଯାଉଛି। ଏଥିପ୍ରତି ଆମେ ସମସ୍ତେ ସାବଧାନ ରହିବା ଆବଶ୍ୟକ। କାରଣ ଅପତଥ୍ୟ ଓ ଭ୍ରାନ୍ତସୂଚନା ସର୍ବଦା ଦ୍ରୁତବେଗରେ ପ୍ରଚାରିତ ଓ ପ୍ରସାରିତ ହୋଇଥାଏ। ଡିଜିଟାଲ୍ ମାଧ୍ୟମରେ ବ୍ୟାପୁଥିବା ଭୁଲ ତଥ୍ୟ ତଥା ମନଗଢ଼ା କାହାଣୀ ଲୋକଙ୍କ ସମସ୍ୟା ବଢ଼ାଇ ଚାଲିଛି। ବିଡ଼ମ୍ବନାର ବିଷୟ, ପ୍ରଯୁକ୍ତି ବିଜ୍ଞାନ ମଣିଷର ଦୃଷ୍ଟିକୁ ଯେତିକି ପ୍ରସାରିତ କରିଚାଲିଛି, ଭୁଲ୍ ସୂଚନା ଓ ଅନ୍ଧବିଶ୍ୱାସକୁ ମଧ୍ୟ ସେତିକି ବେଗରେ ପ୍ରଚାର କରୁଛି। ଏହି କାରଣରୁ ସାରା ବିଶ୍ୱରେ କରୋନା ସହ ଜଡ଼ିତ ବିଭିନ୍ନ ପ୍ରକାରର ଗୁଜବ ଯୋଗୁ ହଜାର ହଜାର ଲୋକ ପ୍ରାଣ ହରାଉଛନ୍ତି।

ସୂଚନା ମହାମାରୀ କରୋନାଠାରୁ ଅଧିକ ବିପଜ୍ଜନକ ମନେହେଉଛି। କିଛି ଲୋକ ଅଛନ୍ତି ଯେଉଁମାନେ କରୋନାର ଗମ୍ଭୀରତା ଏବଂ ପ୍ରଭାବକୁ କେବଳ ସାଧାରଣ ଥଣ୍ଡା, ସର୍ଦ୍ଦି ଓ କାଶ ସହ ତୁଳନା କରୁନାହାନ୍ତି ବରଂ ଏହାକୁ ଅତି ସାଧାରଣ ଭାବେ ଚିତ୍ରଣ କରୁଛନ୍ତି। ଏଥିସହ, କରୋନାର ପ୍ରତିଷେଧକ ବ୍ୟବସ୍ଥାକୁ ଅଣଦେଖା କରିଚାଲିଛନ୍ତି ଏବଂ ଏହାର ଅସ୍ତିତ୍ୱକୁ ମଧ୍ୟ ଅସ୍ୱୀକାର କରୁଛନ୍ତି। କିଏ ଶରୀରରେ ଗୋବର ଲେପିହେଲେ ଏବଂ ଗୋମୂତ୍ର ପାନକଲେ କରୋନା ହେବନାହିଁ ବୋଲି ଭାବୁଚି, ତ ଆଉକିଏ ଘଷି ଜାଳି ପାଖରେ ରହିଲେ ଶରୀରରେ ଅମ୍ଳଜାନ ବୃଦ୍ଧି ହେବ ବୋଲି କହୁଚି। ଏସବୁ ବିଜ୍ଞାନ ଅସମ୍ମତ ଓ ଅନ୍ଧ ବିଶ୍ୱାସ ଭରା ସୂଚନାର ପ୍ରଚାରପ୍ରସାର ଯୋଗୁ ପରିସ୍ଥିତି ଅଧିକ ମାରାତ୍ମକ ହୋଇ ଉଠିଛି। ଅତୀତରେ ବହୁ ବିବାଦୀୟ ଓ ବିଭ୍ରାନ୍ତିକର ମନ୍ତବ୍ୟ ଦେଇ ସମାଲୋଚିତ ହୋଇଥିବା ଏମ୍‌ପି ପ୍ରଜ୍ଞା ସିଂହ ଠାକୁର ନିକଟରେ କହିଥିଲେ ଯେ, ନିତି ଦେଶୀ ଗାଈର ମୂତ୍ର ପାନ କଲେ ଆମର ଫୁସ୍‌ଫୁସ୍ ସଂକ୍ରମିତ ହେବନାହିଁ। ସେ ପ୍ରତିଦିନ ଏହା ପିଉଥିବାରୁ କରୋନା ତାଙ୍କୁ ଶିକାର କରିପାରୁନାହିଁ। କିଛି ନ୍ୟସ୍ତସ୍ୱାର୍ଥ ଲୋକ ଇଣ୍ଟରନେଟ୍ ସହାୟତାରେ ଏଭଳି ମିଥ୍ୟା ତଥ୍ୟ ଓ ସିଦ୍ଧାନ୍ତକୁ ବ୍ୟାପକ ପ୍ରଚାର ପ୍ରସାର କରି ଚାଲିଛନ୍ତି। ଏମାନଙ୍କ ପାଇଁ ଅମୋଘ ଅସ୍ତ୍ର ପାଲଟିଛି ବିଭିନ୍ନ ସାମାଜିକ ଗଣମାଧ୍ୟମ। ସାମାଜିକ ଗଣମାଧ୍ୟମରେ ଉଭୟ ଭଲମନ୍ଦ ଓ ଭୁଲଠିକ୍ ଖବର ଆଖି ପିଛୁଳାକେ ହଜାର ହଜାର ଲୋକଙ୍କ ପାଖରେ ପହଞ୍ଚିଯାଉଛି ; ଯାହା ପରିସ୍ଥିତିକୁ ଆହୁରି ସଙ୍ଗିନ କରୁଅଛି।

କେତେକ ଲୋକ କୋଭିଡ୍–୧୯, ମୌସୁମୀ ଭୂତାଣୁ ବା ଫ୍ଲୁଠାରୁ ଅଧିକ ବିପଜ୍ଜନକ ନୁହେଁ ବୋଲି କହୁଛନ୍ତି। ଆଉ କିଛି ଲୋକ କରୋନାର ପ୍ରତିଷେଧକ ପାଇଁ ଆବିଷ୍କୃତ ହୋଇଥିବା ସମସ୍ତ ଟିକା ଅସୁରକ୍ଷିତ ଏବଂ ଏସବୁ ମାରାତ୍ମକ ବୋଲି ଭୁଲ ପ୍ରଚାର କରିଚାଲିଛନ୍ତି। କେହି କେହି ଧୂମପାନ, ମଦ୍ୟପାନ ଏବଂ ଗଞ୍ଜେଇ ସେବନ ଦ୍ୱାରା କରୋନାକୁ ଏଡ଼ାଇ ଦିଆଯାଇପାରେ କହୁଥିବା ବେଳେ ଆଉ କେହି କେହି ୫ଜି ପରୀକ୍ଷଣର ପରିଣାମରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କହୁଛନ୍ତି। ମୋଟାମୋଟି ଭାବେ ତର୍ଜମା କଲେ ଜାଣିପାରିବା ଯେ, ଆମ ଚାରିପାଖରେ କୋଭିଡ ସହ ଜଡ଼ିତ ବ୍ୟାପକ ସୂଚନା ଏବଂ ଖବରର ଏକ ବିସ୍ଫୋରଣ ଘଟିଛି।

କେତେକ ଲୋକଙ୍କ ପାଇଁ କରୋନା ଭୂତାଣୁ କୌଣସି ବରଦାନଠାରୁ କମ୍ ନୁହେଁ। ଯେଉଁମାନେ କରୋନାର କାରଣ, ନିରାକରଣକୁ ନିଜ ଅଜ୍ଞତା ଏବଂ ଅନ୍ଧବିଶ୍ୱାସ ଦୃଷ୍ଟିରେ ବୁଝି ତାହାକୁ ଜ୍ଞାନର ଅସ୍ତ୍ର ଭାବରେ ପ୍ରଦର୍ଶନ କରିବାକୁ ଚାହିଁଥାନ୍ତି। ଇଣ୍ଟରନେଟ୍ ଯୁଗରେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଆଜି ଅନେକ ଲୋକଙ୍କୁ ଡାକ୍ତର, ବୈଜ୍ଞାନିକ, କରୋନା ବିଶେଷଜ୍ଞ ଏବଂ ସର୍ବଜ୍ଞାନୀ ଭାବେ ଗଢ଼ି ତୋଳିଛି। ଏମାନେ ହିଁ ଡିଜିଟାଲ କୌଶଳର ସହାୟତାରେ ବିଭିନ୍ନ ବିଭ୍ରାନ୍ତିକର ସୂଚନା ଏବଂ ଭୁଲ୍ ଖବର ପ୍ରଚାରିତ କରି ଲୋକଙ୍କୁ ଭ୍ରମିତ କରିଚାଲିଛନ୍ତି। ଉଦାହରଣ ସ୍ୱରୂପ– ସମ୍ପ୍ରତି ଆମ ଦେଶର ଏକାଧିକ ରାଜ୍ୟରେ ଅମ୍ଳଜାନର ଅଭାବ ଦେଖାଦେଇଛି। ଏହି କାରଣରୁ ଅକାଳରେ ଅନେକଙ୍କ ଜୀବନ ଚାଲିଯାଉଛି। ଏତିକିବେଳେ କେତେକ ସ୍ୱଘୋଷିତ ବୁଦ୍ଧିଜୀବୀ, ବିଶେଷଜ୍ଞ ଓ ପଣ୍ଡିତ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ଶରୀରରେ ଅମ୍ଳଜାନର ସାଚୁରେସନ୍ ସ୍ତରକୁ କିଭଳି ବଢାଇ ହେବ ତଥା ଏଥି ସମ୍ପର୍କିତ ଅନେକ ଘରୋଇ ଉପଚାର ପ୍ରଦାନ କରୁଛନ୍ତି, ଯାହା ଆଦୌ ପ୍ରଭାବଶାଳୀ ନୁହେଁ। ଚେରମୂଳୀ ଓ ଲେମ୍ବୁ ରସର ଉପକାରିତା, ବାମ୍ଫ ନେବାର ଉପାୟ (ନେବୁଲାଇଜର) ଏବଂ ଧ୍ୟାନ ଓ ଯୋଗ ସହାୟତାରେ ଅମ୍ଳଜାନ ସ୍ତରକୁ ବୃଦ୍ଧି କରାଯାଇ ପାରିବ ବୋଲି ମଧ୍ୟ ଦାବି ହେଉଛି। ଯେଉଁମାନେ ଏପରି କିଛି ଅବୈଧ ତଥା ବିଭ୍ରାନ୍ତିକର ସୂଚନା ଆପଣାଇବାକୁ ଚେଷ୍ଟା କରିବେ ସେମାନଙ୍କ ଜୀବନ ପ୍ରତି ଏହା ବିପଦ ସୃଷ୍ଟି କରିପାରେ। ନିକଟରେ ନିଜ ନାକରେ ଲେମ୍ବୁରସ ପକାଇବା କାରଣରୁ ଜଣଙ୍କର ମୃତ୍ୟୁ ହୋଇଥିବା ଖବର ପ୍ରଘଟିତ ହୋଇଥିଲା।

‘ଇନ୍‌ଫୋଡେମିକ୍’ ବା ‘ସୂଚନା ମହାମାରୀ’ର ବିସ୍ତାର ଫଳରେ ପରିସ୍ଥିତି ଅଧିକ ଜଟିଳତର ହେଉଛି। ଏଥିପାଇଁ ମୁଖ୍ୟତଃ ୪ଟି କାରଣ ଦାୟୀ। ପ୍ରଥମତଃ ଇଣ୍ଟରନେଟ୍ ମିଡିଆର ବିଭିନ୍ନ ପ୍ଲାଟଫର୍ମ ଯୋଗୁ ସୂଚନାଗୁଡ଼ିକ ଖୁବ୍ ଦ୍ରୁତ ଗତିରେ ବ୍ୟାପୁଛି। ଦ୍ୱିତୀୟରେ ଇଣ୍ଟରନେଟର ବିସ୍ତୃତ ଜ୍ଞାନ ଭଣ୍ଡାର ମଧ୍ୟକୁ ସମସ୍ତଙ୍କର ପ୍ରବେଶ ଓ ପହଞ୍ଚ ଅତି ସହଜ ହୋଇଛି। ତୃତୀୟରେ ସାମାଜିକ ଏବଂ ରାଜନୈତିକ ଧ୍ରୁବୀକରଣ ମାଧ୍ୟମରେ ସମନ୍ୱୟ ନୀତିର ପ୍ରଚାର କାରଣରୁ ଏପରି ହେଉଛି। ଶେଷରେ ଆମ ଭଳି ଲୋକଙ୍କ ଆଶା ଓ ଆକାଂକ୍ଷା ପାଇଁ ଏସବୁ ବିଭ୍ରାନ୍ତିକର ପୋଷ୍ଟ ଏବଂ ଭିଡିଓଗୁଡ଼ିକ ସାମାଜିକ ଗଣମାଧ୍ୟମରେ ବହୁଳ ମାତ୍ରାରେ ବ୍ୟାପି ଚାଲିଛି। ଏଥିରେ ବଡ଼ ଧରଣର ବିପଦ ରହିଥିବା ସତ୍ତ୍ୱେ, ଏସବୁକୁ ଜୀବନ୍ତ ରଖିବାରେ ଆମ ମନର ପ୍ରବୃତ୍ତି ହିଁ ଅନେକ ମାତ୍ରାରେ ଦାୟୀ। ସର୍ବପ୍ରଥମେ ସୂଚନା ଦେବା ନିଶାରେ ଆମେ ସୂଚନାର ସଠିକତାକୁ ବିଚାର ନ କରି ତାହାକୁ ଅତିଶୀଘ୍ର ନିଜ ବନ୍ଧୁ ଓ ପରିଜନଙ୍କ ନିକଟକୁ ପ୍ରେରଣ କରିବା ପାଇଁ ବ୍ୟଗ୍ରତା ଦେଖାଇଥାଉ। ଏହା ସର୍ବଦା ମହାମାରୀ, ବିପର୍ଯ୍ୟୟ, ଦୁର୍ଭିକ୍ଷ ଏବଂ ଯୁଦ୍ଧ ଭଳି ଜରୁରିକାଳୀନ ସମୟରେ ହିଁ ଘଟିଥାଏ। ଏଭଳି ପରିସ୍ଥିତିରେ ସମାଜ ତଥା ଲୋକଙ୍କ ମଧ୍ୟରେ ଭୟ ଏବଂ ଅସ୍ଥିରତା ବଢାଇବା ପାଇଁ ଆମ ନିଜର ଯେପରି କୌଣସି ପ୍ରକାରର ଯୋଗଦାନ ନ ରୁହେ ସେଥିପ୍ରତି ଆମ ସମସ୍ତଙ୍କୁ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ହେବ।

ଟୁଇଟର, ହ୍ୱାଟ୍ସଆପ୍ ଓ ଫେସ୍‌ବୁକ୍ ଭଳି ସାମାଜିକ ଗଣମାଧ୍ୟମ କମ୍ପାନୀଗୁଡ଼ିକ ଏଥିପ୍ରତି ସଚେତନ ରହିଛନ୍ତି ବୋଲି କହୁଥିଲେ ହେଁ ଏହାକୁ ଅଟକାଇବା ସେମାନଙ୍କ ପକ୍ଷେ ସମ୍ଭବପର ହେଉନାହିଁ। ତଥାପି ଏ କ୍ଷେତ୍ରରେ ଗୁରୁଦାୟିତ୍ୱ ରହିଛି ଆମ ସରକାର ଓ ପ୍ରଶାସନର। ସମସ୍ତ ଅପରୀକ୍ଷିତ ଓ ବିଭ୍ରାନ୍ତି ସୃଷ୍ଟିକାରୀ ତଥ୍ୟ ବା ସୂଚନାକୁ ଉଦ୍ଦେଶ୍ୟମୂଳକ ଭାବେ ପ୍ରଚାରପ୍ରସାର କରୁଥିବା ଲୋକଙ୍କ ବିରୋଧରେ ବି ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ସରକାର, ପ୍ରଶାସନ ଓ ସମାଜର ପ୍ରଭାବଶାଳୀ ବ୍ୟକ୍ତିଗଣ ଠିକ୍ ତଥ୍ୟ ଓ ସୂଚନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ମାଧ୍ୟମ ସାଜିଲେ ସମସ୍ତଙ୍କ ଦ୍ୱାରା ତାହା ବିଶ୍ୱାସଭାଜନ ହୋଇପାରିବ। ସର୍ବୋପରି ଆମ ସମାଜରୁ ଇନ୍‌ଫୋଡେମିକ୍ ଭଳି ମହାମାରୀ ଦୂରେଇ ଯିବ।

ବୈପାରୀଗୁଡ଼ା, କୋରାପୁଟ,
ମୋ– ୬୩୭୦୬୭୯୪୦୫

## ଏଇ ଭାରତରେ

ପେସାରେ ଅଟୋଚାଳକ ହେଲେ ମଧ୍ୟ ହୃଦୟରେ ସେବାର ସ୍ଥାନ ବହୁ ଉଚ୍ଚରେ। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଅକ୍ଷୟ ସଞ୍ଜୟ କୋଥୱାଲେ। ପୁଣେରେ ରହନ୍ତି ଓ ଅଟୋ ଚଳାଇ ଗୁଜରାଣ ମେଣ୍ଟାନ୍ତି। କିନ୍ତୁ ଦେଶରେ କରୋନା ମହାମାରୀ ଭୟଙ୍କର ରୂପ ନେବା ପରେ ସଞ୍ଜୟ ତାଙ୍କ ବିବାହ ପାଇଁ ସଞ୍ଚିତ ୨ ଲକ୍ଷ ଟଙ୍କାକୁ ଗରିବଙ୍କ ସେବାରେ ଉପଯୋଗ କରିଛନ୍ତି। ମହାମାରୀର ତାଡ଼ନାରେ ଜୀବିକା ହରାଇ ଅସହାୟ ହୋଇପଡ଼ିଥିବା ୧,୫୦୦ ପରିବାରକୁ ଖାଦ୍ୟ ଯୋଗାଇ ଦେଇଛନ୍ତି। କେବଳ ଏତିକି ନୁହେଁ, ସେ ଏବେ ସୁଦ୍ଧା ବିଭିନ୍ନ ଉତ୍ସରୁ ଦାନ ସୂତ୍ରରେ ପ୍ରାପ୍ତ ଟଙ୍କାରେ କାମଧନ୍ଦା ହରାଇଥିବା ପ୍ରବାସୀ ଶ୍ରମିକମାନଙ୍କୁ ଦୈନିକ ଖାଦ୍ୟ ପୁଡିଆ ବାଣ୍ଟୁଛନ୍ତି। ଏହା ସହ ସଞ୍ଜୟ ଲୋକମାନଙ୍କୁ ଜରୁରୀ ସମୟରେ ହସ୍ପିଟାଲକୁ ନେବା ଆଣିବା କରିବା ପାଇଁ ଦିନ ରାତି ୨୪ ଘଣ୍ଟିଆ ସେବା ମଧ୍ୟ ଯୋଗାଇ ଦେଉଛନ୍ତି। ସେ ଅଟୋରେ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ନେବା ଆଣିବା କରୁଛନ୍ତି। ଯେତେ କଷ୍ଟ ହେଲେ ମଧ୍ୟ ସଙ୍କଟ ସମୟରେ ଲୋକମାନଙ୍କୁ ସାହାଯ୍ୟ ଜାରି ରଖିବେ ବୋଲି ନିଶ୍ଚିତ ଅଛନ୍ତି ସଞ୍ଜୟ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଜୁନ୍ ୧୯୯୬

- ଦକ୍ଷିଣ ଭାରତରେ ଲଘୁଚାପଜନିତ ପ୍ରଳୟଙ୍କରୀ ବର୍ଷା ଯୋଗୁ ୮୭ ଜଣଙ୍କ ମୃତ୍ୟୁ।
- ଇନ୍ଦ୍ରାବତୀ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ପାଇଁ ପାୱାର ଫାଇନାନ୍ସ କର୍ପୋରେସନ ୩୨୦ କୋଟି ଟଙ୍କା ଋଣ ଦେବାକୁ ସମ୍ମତି ପ୍ରଦାନ କରିଛନ୍ତି।
- ଇମ୍ପା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଓଡ଼ିଶା ସାହିତ୍ୟର ଶ୍ରେଷ୍ଠ ମୌଳିକ କୃତି ନିମନ୍ତେ ପଦ୍ମଶ୍ରୀ ଡଃ ସତ୍ୟନାରାୟଣ ରାଜଗୁରୁଙ୍କୁ ଶାରଳା ପୁରସ୍କାର ପ୍ରଦାନ।

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | 4 | 1 | |
| | 2 | 8 | | | 6 | | | |
| | | | | 4 | 3 | | | |
| | | | 7 | | 5 | | | 9 |
| 3 | 1 | | | | 2 | | | |
| | | | 6 | 9 | | | | 3 |
| 8 | | | | | 9 | | | |
| 9 | | 5 | | | | | | |
| 2 | 7 | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 5 | 2 | 9 | 8 | 1 | 6 |
| 1 | 6 | 9 | 3 | 8 | 7 | 4 | 2 | 5 |
| 5 | 2 | 8 | 1 | 4 | 6 | 3 | 7 | 9 |
| 8 | 5 | 1 | 7 | 9 | 3 | 2 | 6 | 4 |
| 9 | 4 | 2 | 6 | 5 | 8 | 7 | 3 | 1 |
| 3 | 7 | 6 | 2 | 1 | 4 | 5 | 9 | 8 |
| 2 | 8 | 4 | 9 | 3 | 1 | 6 | 5 | 7 |
| 7 | 9 | 3 | 8 | 6 | 5 | 1 | 4 | 2 |
| 6 | 1 | 5 | 4 | 7 | 2 | 9 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦାୟୀ କିଏ

ମହାଶୟ,

ପେଟ୍ରୋଲ ଓ ଡିଜେଲ ଦର ଆକାଶକୁ ଛୁଇଁଛି। ଏବେ ପେଟ୍ରୋଲ ଦର ଲିଟର ପିଛା ୧୦୦ ଟଙ୍କା ଓ ଡିଜେଲ ଦର ୯୫ ଟଙ୍କା ଅତିକ୍ରମ କରିଛି। କରୋନା ମାଡ଼ରେ ଲୋକଙ୍କର ଆୟ ଓ କ୍ରୟ ଶକ୍ତି ହ୍ରାସ ପାଇଥିବାବେଳେ ତୈଳ ଦର ବୃଦ୍ଧି ସେମାନଙ୍କ ଚିନ୍ତା ବଢ଼େଇ ଦେଇଛି। ତୈଳ ଦର ବୃଦ୍ଧି ପାଇଁ ଅନ୍ତର୍ଜାତୀୟ ବଜାର ଦାୟୀ ବୋଲି ଯାହା କୁହାଯାଉଛି, ତାହା ଡାହା ମିଛ। ବର୍ତ୍ତମାନର ଅନ୍ତର୍ଜାତୀୟ ଦର ଆଧାରରେ ପେଟ୍ରୋଲର ବେସିକ୍ ପ୍ରାଇସ୍ ଲିଟର ପିଛା ୩୦ ଟଙ୍କା ମଧ୍ୟରେ ରହିଛି। ଏହା ଉପରେ କେନ୍ଦ୍ର ସରକାର ୩୩ ଟଙ୍କା ଓ ରାଜ୍ୟ ସରକାରମାନେ ପାଖାପାଖି ୨୦ ଟଙ୍କା ଭାଟ୍ ଆଦାୟ କରୁଛନ୍ତି। ଉଭୟ ସରକାର ଟିକସ ହ୍ରାସ କଲେ ଦର ବହୁତ କମିଯାଆନ୍ତା।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୈଳହୀନ ପ୍ରଦୀପର କ୍ଷୀଣ ରଶ୍ମିରେଖା
ନିମିଷେକ ଲାଗି ଦିଏ ଦେଖା
ନିମିଷେକ ପରେ ପୁଣି ନିବିଡ଼ ତମସା ଅନ୍ତରାଳେ
କାହିଁ ଯେ ଉଭେଇ ଯାଏ ଦେଖିଅଛି କିଏ କେଉଁ କାଳେ ?

–(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଂକ୍ଷେପରେ**

## ସଂରକ୍ଷିତ ଜଙ୍ଗଲରୁ ହାତୀ ମୃତଦେହ ଠାବ



**ବନ୍ତଳା, ୧୫।୬(ଡି.ଏନ.ଏ.):** ଅନୁଗୋଳ ବନାଞ୍ଚଳ ପୁରୁଣାକୋଟ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମ ନିକଟବର୍ତ୍ତୀ ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ଅପରାହ୍ନରେ ଏକ ମାଈହାତୀର ମୃତଦେହ ଠାବ କରାଯାଇଛି। ଜଙ୍ଗଲରେ ହାତୀ ମୃତଦେହ ପଡ଼ିଥିବା ସୂଚନା ପାଇ ରେଞ୍ଜ ଅଧିକାରୀ ସତ୍ୟବ୍ରତ ପ୍ରଧାନ ସଦଳବଳ ପହଞ୍ଚିଥିଲେ। ଅନୁଗୋଳ ଡିଏଫ୍‌ଓ ପ୍ରସନ୍ନ ବେହେରା, ପ୍ରାଣୀଧନ ଚିକିତ୍ସାଧିକାରୀ ଘଟଣାସ୍ଥଳରେ ତଦନ୍ତ କରିବା ପରେ ମୃତହାତୀର ବ୍ୟବଚ୍ଛେଦ କରାଯାଇଥିଲା। ତେବେ କେଉଁ କାରଣରୁ ଏହାର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଶିକାରୀ ଫାଶରେ ହାତୀଟିର ଜୀବନ ଯାଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ରେଞ୍ଜ ଅଧିକାରୀ ପ୍ରଧାନ କୁହନ୍ତି, ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର କାରଣ ସ୍ପଷ୍ଟ ହେବ।

## ପ୍ରେମିକଙ୍କ ଗଳା କାଟି ଦେଲେ ଭାଇ

**ଭଉଣୀଙ୍କୁ ପ୍ରେମ ନିବେଦନ କାଳ ହେଲା**

**ପାରାଦୀପ, ୧୫।୬(ସ୍ୱ.ପ୍ର.):** ଭଉଣୀଙ୍କୁ ପ୍ରେମ ନିବେଦନ କରିଥିବା ପ୍ରେମିକଙ୍କ ଗଳା କାଟି ଦେଇଛନ୍ତି ଭାଇ। ପାରାଦୀପ ଅଭୟଚାନ୍ଦପୁର ଥାନା ଅଞ୍ଚଳରେ ମଙ୍ଗଳବାର ଏହି ଘଟଣା ଘଟିଛି। ପୋଲିସ ଅଭିଯୁକ୍ତ ଭାଇଙ୍କୁ ଗିରଫ କରିବା ସହ ମାମଲା (ନଂ.୪୭/୨୧) ରୁଜୁ କରିଛି। ଗୁରୁତର ଅବସ୍ଥାରେ ପ୍ରେମିକଙ୍କୁ ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପ୍ରେମିକ ଜଣକ ହେଲେ ସ୍ଥାନୀୟ ଅଞ୍ଚଳର ଚିନ୍ମୟ ମଲ୍ଲିକ। ପୋଲିସ ସୂଚନା ଅନୁଯାୟୀ, ଚିନ୍ମୟ ବାରମ୍ବାର ଅଭିଯୁକ୍ତଙ୍କ ଭଉଣୀକୁ ପ୍ରେମ ନିବେଦନ କରୁଥିଲେ। ଏଥିସହ ବିଭିନ୍ନ ସମୟରେ ଅଶାଳୀନ ବ୍ୟବହାର କରୁଥିଲେ। ଏ ନେଇ ଯୁବତୀ ଜଣକ ଘରେ ସବୁକଥା ଜଣାଇଥିଲେ। ମଙ୍ଗଳବାର ରଜ ଉତ୍ସବ ସମୟରେ ଘର ପାଖରେ ପୁଣି ସମାନ ଘଟଣା ଘଟିଥିଲା। ଏହି ସମୟରେ ଅଭିଯୁକ୍ତ ଭାଇ ଉପସ୍ଥିତ ଥିଲେ। ଚିନ୍ମୟ ପ୍ରେମ ନିବେଦନ କରିବାବେଳେ ଅଭିଯୁକ୍ତ ଉତ୍‌କ୍ଷିପ୍ତ ହୋଇ ଏକ ବ୍ଲେଡରେ ତାଙ୍କ ଗଳା କାଟି ଦେଇଥିଲେ।

# ରୟତି ଜମିରୁ ବେଆଇନ ଗଛକଟା

**ସମ୍ବଲପୁର, ୧୫।୬(ବ୍ୟୁରୋ)**



ସମ୍ବଲପୁର ସଦର ରେଞ୍ଜ ଅଞ୍ଚଳରେ କଟାଯାଇଥିବା ଗଛ।

**ସମ୍ବଲପୁର ବନଖଣ୍ଡ**

- ୪ ବର୍ଷରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଗଛ କାଟିବାକୁ ଅନୁମତି
- ସାବିକ ଓ ହାଲ୍ କିସମର ମେଳ ନାହିଁ

ସମ୍ବଲପୁର ବନଖଣ୍ଡରେ ରୟତି ଜମିରୁ ବେଆଇନ ଭାବେ ଗଛକଟା ଚାଲିଛି। ଆବେଦନ କରିଥିବା ଜମିର ସାବିକ କିସମ ଓ ହାଲ୍ କିସମ ମେଳ ଖାଉ ନ ଥିଲେ ମଧ୍ୟ ବେଆଇନ ଭାବେ ଅନୁମତି ଦିଆଯାଉଛି। ସାବିକ ଓ ହାଲ୍ କିସମ ସମାନ ହେଲେ ବିଭିନ୍ନ ଦିଗକୁ ତର୍ଜମା କରି ଡିଏଫ୍‌ଓ ଗଛ କାଟିବାକୁ ଅନୁମତି ଦେବା ନିୟମ ରହିଛି। ହେଲେ ଏଠାରେ ତାହାର ବ୍ୟତିକ୍ରମ ଦେଖାଦେଇଛି। ୪ବର୍ଷ ଭିତରେ ଏହି ବନଖଣ୍ଡରେ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଗଛ କାଟିବା ପାଇଁ ଅନୁମତି ଦିଆଯାଇଛି, ଯାହା ୧୦ ଲକ୍ଷ ସିଏଫ୍‌ଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅଭିଯୋଗ ହେଉଛି।

ମାଫିଆମାନେ ଗଛ କାଟିବା ପାଇଁ ପ୍ରଥମେ ରୟତି ଜମି ମାଲିକଙ୍କ ନାମରେ ଅନୁମତି ନେଉଛନ୍ତି। ପରେ ସେମାନେ ଅନୁମତି ପାଇଥିବା ଗଛ କାଟିବା ସହ ଜମି ନିକଟ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛ କାଟି ନେଉଛନ୍ତି। ଏଥିରେ ପ୍ରାୟ ୧୦ କୋଟି ଟଙ୍କାର କାରବାର ହୋଇଥିବା ଅଭିଯୋଗ ହେଉଛି। ଏଭଳି ଲକ୍ଷାଧିକ ଗଛ ବିହାର, ଝାଡ଼ଖଣ୍ଡ, କଲିକତା, ଛତିଶଗଡ଼, ମଧ୍ୟପ୍ରଦେଶ ସମେତ ରାଉରକେଲା, ଭଦ୍ରକ, କଟକ, ଭୁବନେଶ୍ୱର, ଅନୁଗୋଳ ଆଦି ଜିଲାକୁ ଚୋରା ଚାଲାଣ ହେଉଛି। ଏଥିରେ ଝାଡ଼ଖଣ୍ଡ ଓ ରାଉରକେଲାର ମାଫିଆ ସମ୍ପୃକ୍ତ ରହିଥିବା ବେଳେ ଜିଲାର କେତେଜଣ ରାଜନେତା ମଧ୍ୟସ୍ଥ କାମ କରୁଛନ୍ତି। ଜମି ମାଲିକମାନଙ୍କଠାରୁ ସିଏଫ୍‌ଟି ୫୦ ଟଙ୍କାରେ କିଣୁଥିବା ବେଳେ ବଜାରରେ ୫ ଶହରୁ ୬ ଶହ ଟଙ୍କାରେ ବିକ୍ରି କରାଯାଉଛି। ପ୍ରାୟ ୧୦ ଗୁଣା ଲାଭ ମିଳୁଥିବାରୁ ମୋଟା ଅଙ୍କରେ ଭାଗବଣ୍ଟା ହେଉଛି। ବନ ବିଭାଗର କେତେଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ସହଯୋଗ କରୁଛନ୍ତି। ଜମିମାଲିକଙ୍କ ନାମରେ ଅନୁମତି ପାଇଥିବା କେତେକ ଗଛର ଟ୍ରାନ୍‌ଜିଟ ପାସ୍ ତିଆରି କରି ଜଙ୍ଗଲରୁ ଗଛ କାଟି ବିକ୍ରି କରାଯାଉଛି। ଏ ନେଇ ବନ ବିଭାଗ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଗଛ କାଟିବା ପୂର୍ବରୁ ରାଜସ୍ୱ ଓ ବନ ବିଭାଗ ପକ୍ଷରୁ ରିପୋର୍ଟ ପ୍ରସ୍ତୁତ ହୋଇଥାଏ। ଗଛର ମୋଟେଇ, କେତେ ଦୂରତାରେ ଗଛ ରହିଛି, ଜମିର କିସମ ଓ ପରିମାଣ ଆଦି ଯାଞ୍ଚ ହୋଇଥାଏ। ସ୍ଥାନୀୟ ତହସିଲ ପକ୍ଷରୁ ମଧ୍ୟ ରିପୋର୍ଟ ଦିଆଯାଇଥାଏ। ହେଲେ ତହସିଲ କର୍ତ୍ତୃପକ୍ଷ ରିପୋର୍ଟ ଦେବାରେ ଚଞ୍ଚକତା କରୁଛନ୍ତି। ରିପୋର୍ଟ ମିଳିବା ପରେ ଗଛ କାଟିବା ପାଇଁ ଅନୁମତି ଦିଆଯାଏ। ଗଛ କାଟିବା ପରେ ବନ ବିଭାଗର ଜଣେ ରେଞ୍ଜର କିମ୍ବା ଏସିଏଫ୍ ସ୍ତରର ଅଧିକାରୀ ଗଛର ମାପଚୁପ କରନ୍ତି। ପରେ ଜମି ମାଲିକ କାଟିଥିବା ଗଛ ନେଇପାରିବେ। ଯଦି ଗଛ ବିକ୍ରି କରାଯିବ ତା'ହେଲେ ବନ ବିଭାଗ ଉପସ୍ଥିତିରେ ଗାଡିରେ ଲୋଡ୍ ହେବ ଓ ଟ୍ରାନ୍‌ଜିଟ ପାସ୍ ତିଆରି ହୋଇଥାଏ। ହେଲେ ଏସବୁ ନିୟମକୁ ଅଣଦେଖା କରାଯାଉଛି।

ସୂଚନା ଅନୁସାରେ ସମ୍ବଲପୁର ବନଖଣ୍ଡର ପଡିଆବାହାଲ ରେଞ୍ଜରେ ଅଧିକ ଗଛ କଟାଯାଇଛି। ସଦର, ଧମା, ରେଙ୍ଗାଲି ରେଞ୍ଜରେ ଥିବା ଜଙ୍ଗଲକୁ ଏବେ ବନ ବିଭାଗ ସହ ମିଶି ମାଫିଆମାନେ ପଦା କରିବାରେ ଲାଗିଛନ୍ତି। ରାସ୍ତା କଡ଼ରେ କେତେକ ବଡ଼ ବଡ଼ ଗଛ ଦେଖିବାକୁ ମିଳୁଛି, ହେଲେ ଜଙ୍ଗଲ ଭିତରେ ମୂଲ୍ୟବାନ ଗଛ ନାହିଁ। ଏପଟେ ବନ ବିଭାଗ ବନୀକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବୃକ୍ଷ ରୋପଣ କରୁଛି। ଅନ୍ୟପଟେ ମୋଟା ଅଙ୍କର ହାତଗୁଞ୍ଜା ନେଇ ମାଫିଆମାନଙ୍କୁ ସହାୟତା କରୁଛି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଡିଏଫ୍‌ଓ ଡ. ସଞ୍ଜିତ କୁମାର କହିଛନ୍ତି, ଜମି ମାଲିକମାନେ ବିଭିନ୍ନ ସମସ୍ୟା ଦେଖାଇ ଗଛ କାଟିବାକୁ ଅନୁମତି ଦେବାକୁ ଆବେଦନ କରୁଛନ୍ତି। ସ୍ଥାନୀୟ ତହସିଲ ଓ ବନ ବିଭାଗ ପକ୍ଷରୁ ସର୍ଭେ କରାଯାଇ ରିପୋର୍ଟ ପ୍ରସ୍ତୁତ ହେଉଛି। ପରେ ଅନୁମତି ଦିଆଯାଉଛି। ଗଛ କାଟିବା ପାଇଁ ଅନୁମତି ଦେବା ଆଇନରେ ରହିଛି। ହେଲେ କେତେକ ସ୍ଥାନରେ ଦଲାଲମାନେ କାମ କରୁଥିବା ନେଇ ଅଭିଯୋଗ ହୋଇଛି। ଜମି ମାଲିକମାନେ ଅଭିଯୋଗ କଲେ ଅନୁମତି ବାତିଲ କରାଯିବ ବୋଲି ସେ କହିଥିଲେ।

# ଶହୀଦ ସଞ୍ଜୟଙ୍କ ଶେଷକୃତ୍ୟ



ଶହୀଦ ସଞ୍ଜୟ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

**ରାଇକିଆ/ଜି.ଉଦୟଗିରି, ୧୫।୬(ଡି.ଏନ୍.ଏ.)**

ଶ୍ରୀନଗରଠାରେ କାର୍ଯ୍ୟରତ ଅବସ୍ଥାରେ ରବିବାର କନ୍ଧମାଳ ଜିଲା ରାଇକିଆ ବ୍ଲକ ଅଞ୍ଚଳର ଯବାନ ସଞ୍ଜୟ ପ୍ରଧାନଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ତାଙ୍କ ପାର୍ଥିବ ଶରୀର ଶ୍ରୀନଗରରୁ ଭୁବନେଶ୍ୱର ଓ ପରେ ମଙ୍ଗଳବାର ସକାଳେ ତାଙ୍କ ନିଜ ଗ୍ରାମ ପୋଟାପାଙ୍ଗା ପଞ୍ଚାୟତ ବାଘରମା ଗ୍ରାମରେ ପହଞ୍ଚିଥିଲା। ଶହୀଦ ସଞ୍ଜୟ ଅମର ରହେ ସ୍ଲୋଗାନ ମଧ୍ୟରେ ଶୋଭାଯାତ୍ରାରେ ମରଶରୀରକୁ ତାଙ୍କ ଘର ପର୍ଯ୍ୟନ୍ତ ନିଆଯାଇଥିଲା। ରାଷ୍ଟ୍ରୀୟ ମର୍ଯ୍ୟାଦାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଶତାଧିକ ଲୋକଙ୍କ ଉପସ୍ଥିତିରେ ସେନା ତରଫରୁ ତୋପ ସଲାମି ଦିଆଯାଇଥିଲା। ପ୍ରଶାସନିକ ଅଧିକାରୀଙ୍କ ସମେତ ବିଭିନ୍ନ ଲୋକପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଉପଜିଲାପାଳ ଶୁଭଙ୍କର ମହାପାତ୍ର, ଜି. ଉଦୟଗିରି ଏସ୍‌ଡିପିଓ ତିରୁପତି ରାୟ ପଟ୍ଟନାୟକ, ପୋଲିସ ଏସଆଇ ବିଭୂତି ଭୂଷଣ ମୁଦୁଲି, ରାଇକିଆ ବିଡିଓ ପ୍ରବୀଣ କୁମାର ବାଣୁଆ, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ପ୍ରମୁଖ ସେଠାରେ ଉପସ୍ଥିତ ଥିଲେ। ସଞ୍ଜୟ ୨୦୦୭ ମସିହାରେ ସେନାର ବିହାର ରେଜିମେଣ୍ଟରେ ସିପାହି ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ଶେଷଥର ପାଇଁ ଗତ ମେ ମାସରେ ଛୁଟି ନେଇ ଗାଁକୁ ଆସିଥିଲେ। ୨୯ ତାରିଖରେ କାର୍ଯ୍ୟକ୍ଷେତ୍ର ଶ୍ରୀନଗରକୁ ଯାଇଥିଲେ। ଘରେ ୪ ଭାଇଙ୍କ ମଧ୍ୟରୁ ସଞ୍ଜୟ ଦ୍ୱିତୀୟ। ତାଙ୍କ ସ୍ତ୍ରୀ ଜଣେ ଶିକ୍ଷୟିତ୍ରୀ। ୮ ବର୍ଷର ଏକ ପୁଅ ଅଛି।

ସୂଚନାଯୋଗ୍ୟ, ଗତବର୍ଷ ଜୁନ୍ ୧୫ରେ ଲଦାଖର ଗଲୱାନ ଘାଟିରେ ଭାରତୀୟ ଯବାନ ଓ ଚାଇନା ସେନାଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଶହୀଦ ହୋଇଥିବା ୨୦ ଭାରତୀୟ ଯବାନଙ୍କ ମଧ୍ୟରେ ରାଇକିଆ ବ୍ଲକ ବିଅରପଙ୍ଗା ଗ୍ରାମର ଚନ୍ଦ୍ରକାନ୍ତ ପ୍ରଧାନ ଥିଲେ।



ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀ ମଞ୍ଜେଶ୍ୱର ଶାଖାର କର୍ମକର୍ତ୍ତାମାନେ।

## ବ୍ୟାସକବିଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ

**ଭୁବନେଶ୍ୱର, ୧୫।୬ (ବ୍ୟୁରୋ)**

ଓଡ଼ିଆ ଭାଷା ସାହିତ୍ୟର ତ୍ରାଣକର୍ତ୍ତା, ଭାଷା ଆନ୍ଦୋଳନର ପ୍ରମୁଖ ସେନାପତି ଓ ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି କଥା ସମ୍ରାଟ୍ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଶ୍ରାଦ୍ଧ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ବାଣୀବିହାର ସମ୍ମୁଖରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। କରୋନା କଟକଣା ଭିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମିଳନୀର ମଞ୍ଜେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ସଭାପତିତ୍ୱ କରି ବ୍ୟାସକବିଙ୍କ ଗୁଣ ଗାନ କରିଥିଲେ। ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ସମରଞ୍ଜନ ମହାନ୍ତିଙ୍କ ସମେତ ଫକୀରମୋହନ ସାହିତ୍ୟ ସଂସଦ ପକ୍ଷରୁ ଅଜୟ କୁମାର ମହାନ୍ତି ଓ ରଜତ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ବିବାହ ସମ୍ପନ୍ନ



ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ବିବାହ ନୀତି ସମ୍ପନ୍ନ କରାଯାଉଛି।

**ପିପିଲି, ୧୫।୬(ଡି.ଏନ୍.ଏ.)**

ପିପିଲି ଡେଲ୍‌ଟା ଛକସ୍ଥିତ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ବିବାହ ଉତ୍ସବ କେବଳ ନୀତିକାନ୍ତିରେ ନିରାଡ଼ମ୍ବରରେ ସମ୍ପନ୍ନ ହୋଇଛି। ମଙ୍ଗଳବାର ପ୍ରତ୍ୟୁଷରୁ ଶ୍ରୀବାଲୁଙ୍କେଶ୍ୱରଙ୍କ ମନ୍ଦିରରେ ସମସ୍ତ ଦେବନୀତି ସମ୍ପନ୍ନ ହେବା ପରେ ମଧ୍ୟାହ୍ନରେ ଖଣ୍ଡିଆଗିରିସ୍ଥିତ ଶ୍ରୀହୁଙ୍କେଶ୍ୱର ଦେବଙ୍କ ପୀଠକୁ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ପାଲିଙ୍କିରେ ନିଆଯାଇଥିଲା। ସେଠାରେ ଉଭୟ ଠାକୁରଙ୍କ ଭେଟଘାଟ ହେବା ପରେ ଶ୍ରୀବାଲୁଙ୍କେଶ୍ୱର ଦେବ ଓ ଦେବୀ ପାର୍ବତୀଙ୍କ ବିବାହ ପାଇଁ ଉଭୟ ବର ମାତାପିତା ଓ କନ୍ୟା ମାତାପିତାଙ୍କ ଉପସ୍ଥିତିରେ ନିର୍ବନ୍ଧ କାର୍ଯ୍ୟ ବିଧିମୁତାବକ କରାଯାଇଥିଲା। ଅପରାହ୍ନ ସାଢ଼େ ୩ଟାରେ ଡେଲ୍‌ଟା ଛକସ୍ଥିତ ମନ୍ଦିର ପରିସରରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ସହ ଦେବୀ ପାର୍ବତୀଙ୍କ ବିବାହ ଉତ୍ସବ ହୋଇଥିଲା। ଏଥିରେ ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଓ ତାଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ କନ୍ୟାପକ୍ଷ ହୋଇଥିବା ବେଳେ ସାମାଜିକ କର୍ମୀ ଶରତ ଚନ୍ଦ୍ର ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ସୁକାନ୍ତି ବରପକ୍ଷର ପିତାମାତା ଦାୟିତ୍ୱ ତୁଲାଇଥିଲେ। ବାଲୁଙ୍କେଶ୍ୱର ଦେବ ପୂଜା କମିଟିର ସଦସ୍ୟ ସୁଧୀର ମହାନ୍ତି, ବିଭୂ ପ୍ରସାଦ ବୈରିଗନ, ପ୍ରଭାକର ପଣ୍ଡା, ସମୀର ରଞ୍ଜନ ଦାଶ, ଅକ୍ଷୟ ଦୀକ୍ଷିତ, ସୁରେଶ ରଥ, ଶିକ୍ଷାବିତ୍ ପଦ୍ମନାଭ ପାତ୍ର, ପ୍ରଦ୍ୟୁମ୍ନ ସୁବୁଦ୍ଧି, ସୀତାନାଥ ମହାନ୍ତି, ଓମ୍‌କାର ମିଶ୍ର, ସୁଶାନ୍ତ ସାହୁ, ପରୀକ୍ଷିତ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଅନନ୍ତ ପ୍ରଧାନ, ଶ୍ରୀଧର ନାୟକ, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

# ଜୟପୁର ସବ୍‌ଜେଲକୁ ଆଇଏସ୍‌ଓ ସାର୍ଟିଫିକେଟ୍

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**



KVQA

Certificate of Registration

QUALITY MANAGEMENT SYSTEM ISO 9001:2015

KVQA CERTIFICATION SERVICES PVT. LTD.

This is to certify that the Quality Management System of

SUB JAIL, JEYPORE

Jeypore, Koraput, Odisha

Has been found to the Quality Management System Standard

ISO 9001:2015

This Certificate is valid for the following Product or service range

Reforms and Correctional Activities Leading to Transformation in a Time Bound Manner.

IAF · EIAC · threatsys

ଜୟପୁର ସବ୍‌ଜେଲକୁ ଆଇଏସ୍‌ଓ (ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ ଫର୍ ଷ୍ଟାଣ୍ଡାର୍ଡାଇଜେଶନ) ୯୦୦୧:୨୦୧୫ ସାର୍ଟିଫିକେଟ ମିଳିଛି। ଜେଲର ସୁପରିଚାଳନା ସହ ଦକ୍ଷତା ବିକାଶ, କଏଦୀଙ୍କ ମାନସିକ ଚାପ ଦୂରପାଇଁ ପଦକ୍ଷେପ, କଏଦୀଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି, ସ୍ୱଚ୍ଛତା ଓ ପରିଚ୍ଛନ୍ନତା ପାଇଁ ଉତ୍ତରପ୍ରଦେଶ ନୋଇଡାର କେଭିକ୍ୟୁଏ ସାର୍ଟିଫିକେଶନ ସର୍ଭିସେସ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଏହି ପ୍ରମାଣପତ୍ର ମିଳିଛି। ପୂର୍ବରୁ ଏହି ସଂସ୍ଥା ଜୟପୁର ସବ୍‌ଜେଲ ପରିଦର୍ଶନ କରି ପରିଚାଳନାଠାରୁ ଆରମ୍ଭ କରି କଏଦୀଙ୍କ କାର୍ଯ୍ୟ, ଖାଦ୍ୟ, ରହିବା ଆଦି ଯାଞ୍ଚ କରିଥିଲା।

ସୂଚନାଯୋଗ୍ୟ, ଭୁବନେଶ୍ୱରସ୍ଥିତ ଝାରପଡା ସ୍ପେଶାଲ ଜେଲ ପୂର୍ବରୁ ଏହି ପ୍ରମାଣପତ୍ର ହାସଲ କରିଥିବାବେଳେ ରାଜ୍ୟର ଦ୍ୱିତୀୟ ଜେଲଭାବେ ଜୟପୁର ସବ୍‌ଜେଲକୁ ଏହି ସ୍ୱୀକୃତି ମିଳିଥିବା ଜେଲ ବିଭାଗ ଡିଆଇଜି ଶୁଭକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ଏହି ମାନ୍ୟତା ଚଳିତବର୍ଷ ଜୁନ ୧୪ରୁ ୨୦୨୪ ଜୁନ ୧୩ ପର୍ଯ୍ୟନ୍ତ ୩ ବର୍ଷ ପାଇଁ ବୈଧ ରହିବ। ଏହା ମଧ୍ୟରେ ୨୦୨୨ ମେ ୧୪ ଓ ୨୦୨୩ ମେ ୧୪ରେ ସର୍ଭେଲାନ୍ସ ଅଡିଟ୍ କରାଯିବ ବୋଲି ସଂସ୍ଥା ତରଫରୁ କୁହାଯାଇଛି।

## ଜଙ୍ଗଲରେ ଅଚିହ୍ନା ମୃତଦେହ

**ବ୍ରହ୍ମଗିରି, ୧୫।୬ (ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ସାହାଜାନପୁର ଜଙ୍ଗଲ ନିକଟରେ ମଙ୍ଗଳବାର ଏକ ଅଚିହ୍ନା ବୃଦ୍ଧାଙ୍କ ମୃତଦେହ ପଡ଼ିରହିଛି। ଉକ୍ତ ଥାନା ସାହାଜାନପୁର ଓ ହାସିନପୁର ଗ୍ରାମ୍ୟ ଜଙ୍ଗଲ ସୀମାନ୍ତ ବଣିଆ ଖିଆ ଜଙ୍ଗଲ ନିକଟରେ ଏକ ପ୍ରାପ୍ତ ବୟସ୍କାଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ପଡିଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ବୃଦ୍ଧାଙ୍କର ପରିଚୟ ଜଣାପଡ଼ି ନ ଥିବାବେଳେ ବୟସ ପାଖାପାଖି ୬୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାହିଁ।

**Tender Notice**
**BAIF Institute for Sustainable Livelihoods and Development - Odisha**
Invites sealed quotations from reputed licensed manufacturers / authorized dealers / authorized distributors / authorized retailers for veterinary medicines.
Refer **www.baif.org.in** for details or contact :
L4, Saraswati Enclave, PO - Dhankuada, Sambalpur - 768006. **Ph. 7894418530**
Last date of submission: 25th June 2021

# ଭିଡ଼ ଜମାଇ ଭତ୍ତା ବଣ୍ଟନ

**ଛତ୍ରପୁର, ୧୫।୬(ଡି.ଏନ୍.ଏ.)**

**ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା**

କରୋନା ସଂକ୍ରମଣ ପ୍ରତିହତ କରିବା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ଆଗୁଆ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲା। ଜିଲାବାସୀଙ୍କ ସହଯୋଗରେ ଜିଲା ଏବେ ଗ୍ରୀନ ଜୋନରେ ରହିଛି। ଜିଲାରେ ଲକଡାଉନ୍ ଓ କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ସଂକ୍ରମଣ ଆଶଙ୍କା ଥିବାରୁ ଶିଶୁ, ଗର୍ଭବତୀ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ବାହାରକୁ ଯିବାକୁ ବାରଣ କରାଯାଇଛି। ପ୍ରତି ମାସ ୧୫ ତାରିଖରେ ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କ ଘରକୁ ଯାଇ ଭତ୍ତା ପ୍ରଦାନ କରିବା ପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶ ରହିଛି। ତେବେ ଛତ୍ରପୁର ବ୍ଲକ ଅନ୍ତର୍ଗତ ପୋଟଲାମପୁର ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଭତ୍ତା ପାଇଁ ପୋଟଲାମପୁର ରାଜୀବଗାନ୍ଧୀ ସେବାକେନ୍ଦ୍ର ଭିତରେ ଓ ବାହାରେ ଭିଡ଼ ଜମାଇଥିବା ଦେଖାଯାଇଥିଲା। ୬୦ରୁ ଊର୍ଦ୍ଧ୍ୱ ବୟସ୍କ ହିତାଧିକାରୀମାନେ ମଧ୍ୟ ଭିଡ଼ରେ ରହିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ନାୟକ ଏଠାରେ ଦାୟିତ୍ୱରେ ଥିଲେ ବି ତାଙ୍କର ଦେଖା ମିଳି ନ ଥିଲା। ଫୋନ ଯୋଗେ ତାଙ୍କ ସହ ଯୋଗାଯୋଗ କରିବାରେ ସେଠାରେ ସେ ଉପସ୍ଥିତ ଥିବା କହିଥିଲେ।




ଭତ୍ତା ପାଇଁ ଗହଳି ହୋଇଛି।

# ଖୋଲିଲା ୯ ବର୍ଷର ହତ୍ୟା ମାମଲା ଫାଇଲ

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

- ବୁଦା ଭିତରୁ ମହିଳାଙ୍କ ରକ୍ତାକ୍ତ ମୃତଦେହ ମିଳିଥିଲା
- ଚନ୍ଦକା ପୋଲିସ ମାରିଲା ପୋଷ୍ଟର, ଯିବ ଢେଙ୍କାନାଳ

ବହୁ ବିଳମ୍ବ ହୋଇଥିଲେ ମଧ୍ୟ ଏବେ କମିଶନରେଟ ପୋଲିସର ଚେତା ପଶୁଛି। ରାଜଧାନୀରେ ରହସ୍ୟ ହୋଇ ରହିଥିବା ବହୁ ସମ୍ବେଦନଶୀଳ ମାମଲାର ଖୋଳତାଡ଼ ଆରମ୍ଭ ହୋଇଛି। ଡିସିପିଙ୍କ ନିର୍ଦ୍ଦେଶ ପରେ ବନ୍ଦ ହୋଇପଡିଥିବା ୯ବର୍ଷ ତଳର ଏକ ହତ୍ୟା ମାମଲାର ଫାଇଲ୍ ଖୋଲି ତଦନ୍ତ ଆରମ୍ଭ କରିଛି ଚନ୍ଦକା ପୋଲିସ। ଗାଡ଼ି ଓ ବିଭିନ୍ନ ସ୍ଥାନରେ ମୃତ ମହିଳାଙ୍କ ଫଟୋ ସହ ପୋଷ୍ଟର ମାରିଛି। ବୁଧବାର ଏକ ସ୍ୱତନ୍ତ୍ର ଟିମ୍ ତଦନ୍ତ ପାଇଁ ଢେଙ୍କାନାଳ ଗସ୍ତ କରିବ। ମୃତଦେହ ନିକଟରୁ ଏକ ଲୁଗା ଦୋକାନର ଜରି ବ୍ୟାଗ ମିଳିଥିଲା। ଯେଉଁଥିରେ ଢେଙ୍କାନାଳ କାମାକ୍ଷାନଗର ଲେଖା ରହିଥିଲା। ସେହି ତଥ୍ୟକୁ ଆଧାର କରି ପୋଲିସ ତଦନ୍ତକୁ ଆଗକୁ ବଢାଇବ ବୋଲି ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ କହିଛନ୍ତି।

ସୂଚନା ମୁତାବକ, ୨୦୧୨ ମେ ୧୨ରେ ଏହି ଥାନା ଅନ୍ତର୍ଗତ ଗୋଠପାଟଣାସ୍ଥିତ ଏକ ଆମ୍ବ ବଗିଚାର ଜଙ୍ଗଲିଆ ଅଞ୍ଚଳରେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିଲା। ମହିଳାଙ୍କ ବୟସ ୨୫ରୁ ୩୦ ବର୍ଷ ହେବ ବୋଲି ପୋଲିସ ସୂଚନା ଦେଇଥିଲା। ଏଥିସହ ତାଙ୍କ ବେକରେ ନାଲି ଲୁଗା ବନ୍ଧା ହୋଇଥିବାବେଳେ ମୁଣ୍ଡରେ ଓ ମୁହଁରେ ଭିନ୍ନ ଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଥିଲା। ପ୍ରାଥମିକ ତଦନ୍ତବେଳେ ମହିଳାଙ୍କ କୌଣସି ପରିଚୟ ମିଳିପାରି ନ ଥିଲା। ତେବେ ଏହି ମୃତ୍ୟୁକୁ ନେଇ କେହି ଥାନାରେ ଅଭିଯୋଗ ନ କରିବାରୁ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। କିନ୍ତୁ ବ୍ୟବଚ୍ଛେଦ ରିପୋର୍ଟରେ ହତ୍ୟା ସ୍ପଷ୍ଟ ହେବାରୁ ପୋଲିସ ଘଟଣାର ଅଢ଼େଇ ବର୍ଷ ପରେ ଅର୍ଥାତ୍ ୨୦୧୫ ଜାନୁୟାରୀ ୧୯ରେ ଏକ ହତ୍ୟା ମାମଲା (ନଂ. ୧୨/୧୫) ରୁଜୁ କରିଥିଲା। ହେଲେ ତଦନ୍ତରେ ଶିଥିଳତା ଯୋଗୁ ମହିଳାଙ୍କ ପରିଚୟ ଓ ରହସ୍ୟ ଉନ୍ମୋଚିତ ହୋଇପାରି ନ ଥିଲା। ଫଳରେ କ୍ରମଶଃ ହତ୍ୟା ମାମଲାଟି ଫାଇଲ୍ ଭିତରେ ବନ୍ଦ ହୋଇଯାଇଥିଲା। ନିକଟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଡିସିପି ଉମାଶଙ୍କର ଦାସଙ୍କ ନଜରକୁ ଏହି ମାମଲା ଆସିବା ପରେ ଏହାର ପୁନଃ ତଦନ୍ତ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ଆଧାରରେ ଚନ୍ଦକା ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ପୋଷ୍ଟର ମରାଯାଇଛି। ମହିଳାଙ୍କ ସମ୍ପର୍କରେ କୌଣସି ଖବର ପାଇଲେ ଥାନା ଅଧିକାରୀଙ୍କ ମୋବାଇଲ ନଂ.୮୨୮୦୩୩୩୩୨୩, ୯୪୩୮୪୯୯୫୯ ଓ ଜୋନ୍ ଏସିପିଙ୍କୁ ୮୨୮୦୩୩୮୨୭୬ ନଂ.ରେ ସୂଚନା ଦେବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।




**RITES** THE INFRASTRUCTURE PEOPLE
**ରାଇଟ୍‌ସ ଲିମିଟେଡ୍** (ଭାରତ ସରକାରଙ୍କ ଏକ ପ୍ରତିଷ୍ଠାନ)
ଭୁବନେଶ୍ୱର - ୭୫୧୦୨୪
**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**
ମେସର୍ସ ପିସିସିଏଫ୍ ଏବଂ ଏଚ୍‌ଓଏଫ୍‌ଏଫ୍ ତରଫରୁ ମହାପ୍ରବନ୍ଧକ (ପ୍ରକଳ୍ପ), ରାଇଟ୍‌ସ ଲି଼, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ(ଗୁଡ଼ିକ) ପାଇଁ ଦୁଇ ପ୍ୟାକେଟ୍ ପ୍ରଣାଳୀରେ ଅନ୍‌ଲାଇନ୍ ଶତକଡ଼ା ଦର ବିଡ୍ ଆମନ୍ତ୍ରଣ କରୁଛନ୍ତି:
**ଏନ୍‌ଆଇଟି ନଂ. ରାଇଟ୍‌ସ/ବିବିଏସ୍‌ଆର୍/ଏସ୍‌ଏଫ୍‌ଏ/ପ୍ୟାକେଜ୍-୨/ଭାଗ-୨/ଓଟି-୦୪/୨୦୨୧, ତାରିଖ ୧୬।୦୬।୨୦୨୧।**
**କାର୍ଯ୍ୟର ନାମ:** "ଓଡ଼ିଶାର ଭୁବନେଶ୍ୱରଠାରେ ରାଜ୍ୟ ଜଙ୍ଗଲ ଏକାଡେମୀର ନିର୍ମାଣ ପାଇଁ ଲ୍ୟାଣ୍ଡସ୍କେପିଂ, ବାହ୍ୟ ବିଦ୍ୟୁତୀକରଣ, ନେଟ୍‌ୱର୍କିଂ ସିଷ୍ଟମ୍, ଅଗ୍ନି ଚିହ୍ନଟୀକରଣ ଓ ଅଗ୍ନି ନିର୍ବାପନ ପ୍ରଣାଳୀ, ସୋଲାର ସିଷ୍ଟମ୍, ଅଭ୍ୟନ୍ତର କାର୍ଯ୍ୟ, ଏଚ୍‌ଭିଏସି ସିଷ୍ଟମ୍ ସମେତ ଲିଫ୍ଟ, ଡିଜି ସେଟ୍‌ର ଯୋଗାଣ, ସ୍ଥାପନା ଓ କମିଶନିଂ ତଥା ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟର ନିର୍ବାହ"।
ଅଟକଳ ମୂଲ୍ୟ: ₹୩,୩୪,୪୫,୨୩୭.୦୦, ସମାପ୍ତି ଅବଧି: ୦୬ (ଛଅ) ମାସ, ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ୦୪।୦୭।୨୦୨୧, ୧୫.୦୦ ଘଟିକା (ଆଇଏସ୍‌ଟି)।
ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍: https://etenders.gov.in/eprocure/appରୁ ହାସଲ କରାଯାଇପାରିବ।
ଯୋଗପତ୍ର/ଶୁଦ୍ଧିପତ୍ର, ଯଦି ଥାଏ, କେବଳ ଅନ୍‌ଲାଇନ୍‌ରେ ସ୍ଥାନିତ ହେବ।

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, SUNABEDA**
**e-mail: eerw_sunabeda@yahoo.co.in**
**e-Procurement Notice for Road & Building works**
**Identification No. Online Tender / 02/RWD-SBD/2021-22**
Letter No.2601/ Date: 08.06.2021
No.O-327:- 01. Name of the work: Road & Building works Lamtaput, Nandapur, Bandhugaon, Narayanpatna, Laxmipur, Pottangi block. 2. Total number of works: 07 Nos. buildings & 2 Nos. Roads. 03. Estimated cost: From 1.00 to 90.00 lakhs. 04. Class of contractor: 'A', 'B', 'C' & 'D' class. 05. Period of completion: 02 months. 06. Other details:

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, R.W. Division, Sunabeda | Online Tender/ 02/ RWD- SBD/ 2021-22 | 17.06.2021 at 11.00 hours | 30.06.2021 upto 17.00 hours |

Further details can be seen from the website www.tendersorissa.gov.in.
**Executive Engineer, Rural Works Division, Sunabeda**
OIPR-25121/11/0002/2122

**ପାଣିରେ ବୁଡ଼ି ଯୁବକ ମୃତ**

**କାମାକ୍ଷାନଗର, (ଡି.ଏନ.ଏ.):** କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି ଅଧୀନ ବୁଢ଼ିବିଲି ଗ୍ରାମ ନିକଟ ପୋଖରୀରେ ବୁଡ଼ି ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଣ୍ଟାଝରିଆ ଗ୍ରାମର ବିଚିତ୍ରାନନ୍ଦ ଦିୱାନ (୩୦)। ବିଚିତ୍ରାନନ୍ଦ ସୋମବାର କୌଣସି କାମରେ ଯାଇ ଆଉ ଫେରି ନ ଥିଲେ। ମଙ୍ଗଳବାର ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ୨ ଅଙ୍କକୁ ଖସିଲା ଦୈନିକ ସଂକ୍ରମଣ

**ଢେଙ୍କାନାଳ ଅଫିସ, ୧୫।୬:** ଢେଙ୍କାନାଳ ଜିଲାରେ ଦୈନିକ ସଂକ୍ରମଣ ସାମାନ୍ୟ ହ୍ରାସ ପାଇଛି। ମଙ୍ଗଳବାର ଦିନକରେ ୫୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୩୩୨ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକର ୧୧, ସଦର ବ୍ଲକର ୧୦, ଓଡ଼ାପଡ଼ା ବ୍ଲକର ୧୦, ଢେଙ୍କାନାଳ ପୌରାଞ୍ଚଳରେ ୭, କଙ୍କଡ଼ାହାଡ଼ ବ୍ଲକର ୫, କାମାକ୍ଷାନଗର ବ୍ଲକର ୧, ଗଁଦିଆ ବ୍ଲକର ୪, ଭୁବନ ବ୍ଲକର ୩ ଓ ଏନ୍‌ଏସିର ୨, ହିନ୍ଦୋଳ ଏନ୍‌ଏସିର ଜଣେ ରହିଛନ୍ତି। ଅଦ୍ୟାବଧି ଜିଲାରୁ ମୋଟ ୧୬ହଜାର ୩୧୫ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୪ ହଜାର ୬୪୩ ଜଣ ସୁସ୍ଥ ହୋଇ ସାରିଲେଣି। ଜିଲାରେ ଏବେ ୧,୬୧୯ ସକ୍ରିୟ ମାମଲା ରହିଛି। ସେହିପରି କରୋନାରେ ମୋଟ ୫୩ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ୧୬୦ ଲିଟର ମଦ ଜବତ

**ହିନ୍ଦୋଳ/ବଅଁରପାଳ, ୧୫।୬(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅଧୀନ ଅସରଡା ଗ୍ରାମରୁ ମଙ୍ଗଳବାର ପୋଲିସ ୧୩୦ ଲିଟର ଚୋରା ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ନିତ୍ୟାନନ୍ଦ ସାହୁ ଗିରଫ ହୋଇଛନ୍ତି। ମଦ ଚାଲାଣରେ ବ୍ୟବହୃତ ଏକ ଅଟୋରିକ୍ସାକୁ ପୋଲିସ ଜବତ କରିଛି। ଲକ୍‌ଡାଉନ୍ ସମୟରେ ଗ୍ରାମରେ ବେଆଇନ ମଦ କାରବାର ଚାଲିଥିବା ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ସେହିପରି ବଅଁରପାଳ ପୋଲିସ ନୂଆହତା ଗ୍ରାମର ଏକ ଦୋକାନରେ ଚଢ଼ାଉ କରି ସାଢ଼େ ୩୦ ଲିଟର ମଦ ଜବତ କରିଛି। ଦୋକାନୀ ଦୀନେଶ ସାହୁ ଗିରଫ ହୋଇଛନ୍ତି। ଉକ୍ତ ଦୋକାନରେ ବେଆଇନ ଭାବେ ମଦ ବିକ୍ରି କରାଯାଉଥିବା ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା ବୋଲି ଥାନାଧିକାରୀ ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ପରଲୋକ

**ଢେଙ୍କାନାଳ ଅଫିସ,୧୫।୬:** ଢେଙ୍କାନାଳ ଦକ୍ଷିଣକାଳୀ ରୋଡ୍



ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର କବୀନ୍ଦ୍ର ସାମଲଙ୍କ ସୋମବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ଅନ୍ତିମ ସମୟରେ ସ୍ତ୍ରୀ, ଦୁଇପୁଅ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ମ୍ୟାନେଜର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ଜଣେ ସ୍ନେହୀ ଓ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ କବୀନ୍ଦ୍ରଙ୍କ ବିୟୋଗରେ ଢେଙ୍କାନାଳ ସହର ସମେତ ଛଦେଶ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୈତୃକ ଗ୍ରାମ କଳାଙ୍ଗରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### 'ଗୋପବନ୍ଧୁ ଦରିଦ୍ର୍ୟ କଲ୍ୟାଣ ସମିତି' ନାମ ବଦଳିଲା

**ତାଳଚେର, ୧୫।୬(ନି.ପ୍ର.):** ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଗୋପବନ୍ଧୁ ଦରିଦ୍ର କଲ୍ୟାଣ ସମିତି'ର ନାମ ଆଂଶିକ ପରିବର୍ତ୍ତନ ହୋଇଛି। ଏହାକୁ 'ଗୋପବନ୍ଧୁ ମାନବ କଲ୍ୟାଣ ସମିତି' ନାମରେ ନାମିତ କରାଯାଇଛି। ଏଣିକି ପରିବର୍ତ୍ତିତ ନାମ ଅନୁଯାୟୀ ଅନୁଷ୍ଠାନର ସାମାଜିକ କାର୍ଯ୍ୟ ଜାରି ରହିବ। ଏଥିଲାଗି ଉପଖଣ୍ଡ ଏବଂ ଜିଲା ପ୍ରଶାସନର ଅନୁମୋଦନ ମିଳିଛି ବୋଲି ସଭାପତି ଗୌରଚନ୍ଦ୍ର ସ୍ୱାଇଁ ଏବଂ ସମ୍ପାଦକ ଶୁଭକାନ୍ତ ସ୍ୱାଇଁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

### ଏମ୍‌ପିଙ୍କୁ ଦାବିପତ୍ର

**ଆଠମଲ୍ଲିକ, ୧୫।୬(ଡି.ଏନ.ଏ.):** ଆଠମଲ୍ଲିକ ଓକିଲ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା, ସର୍ଭେ ହୋଇଥିବା ତାଳଚେର-ସମ୍ବଲପୁର ରେଳଲାଇନକୁ ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ ସହିତ ଯୋଡ଼ି ଆଠମଲ୍ଲିକ ସଦର ସହ ସଂଯୋଗ କରିବା, ବଇଣ୍ଡା ରେଳ ଷ୍ଟେଶନର ନାମ ବଦଳାଇ ଆଠମଲ୍ଲିକ-ବଇଣ୍ଡା ରୋଡ୍ ରେଳଷ୍ଟେଶନ କରିବା, ଓକିଲ ସଂଘ ହଲ୍ ସମ୍ପ୍ରସାରଣ, ଲାଇବ୍ରେରି, ଆସବାବପତ୍ର ପାଇଁ ଅନୁଦାନ ଯୋଗାଇବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି।

# ମଉଳିଲା ରଜମଉଜ

**କାମାକ୍ଷାନଗର, ୧୫।୬(ଡି.ଏନ.ଏ.)**

- କଟକଣା ପାଇଁ ସାମୂହିକ ଉତ୍ସବ ବନ୍ଦ
- ପିଠାପଣାରେ ସୀମିତ ରହିଲା ପର୍ବ
- ଗ୍ରାମାଞ୍ଚଳରେ କାଁ ଭାଁ ପାଳନ ହେଲା

କରୋନା ଆସିବା ଦିନରୁ ଓଡ଼ିଆ ଘରର ସବୁ ପର୍ବପର୍ବାଣି ମଉଳିଯାଇଛି। ଜନସମାଗମ ଉପରେ କଟକଣା ଜାରି କରାଯାଇଥିବାରୁ ଏକାଠି ହୋଇ ଉତ୍ସବ ପାଳନ କରିବା ସମ୍ଭବପର ହେଉନାହିଁ। ଗଣପର୍ବ ହୋଲି ପରେ ଏବେ କୃଷିଭିତ୍ତିକ ପର୍ବ ରଜ ଉତ୍ସବ ମଧ୍ୟ ଫିକା ପଡ଼ିଛି। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ସାମୂହିକ ଉତ୍ସବ ବନ୍ଦ ରହିଛି। ଗ୍ରାମାଞ୍ଚଳରେ କାଁ ଭାଁ ଆମ୍ବ ତୋଟାରେ ଦୋଳି ଖେଳ ହେଉଥିବାବେଳେ ସହରବାସୀଙ୍କୁ ନିରାଶ ହେବାକୁ ପଡ଼ିଛି। ଭୂତାଣୁ ଭୟ ଭିତରେ ପରମ୍ପରା ବଞ୍ଚାଇବାକୁ ଘରେ ପିଠାପଣା କରି ଅଧିକାଂଶ ପରିବାର ରଜଉତ୍ସବ ପାଳନ କରିଛନ୍ତି।

ଢେଙ୍କାନାଳ ଜିଲାର ରଞ୍ଜାଗୋଳ ପରେ କାମାକ୍ଷାନଗର ଉପଖଣ୍ଡରେ ଜାକଜମକର ସହିତ ରଜ ଉତ୍ସବ ପାଳନ କରାଯାଇଥାଏ। ବିଭିନ୍ନ ସ୍ଥାନରେ ମେଳା ଆୟୋଜିତ ହେଉଥିବାବେଳେ ମିନାବଜାର ଖୋଲିଥାଏ। ତେବେ ଚଳିତବର୍ଷ କରୋନାର ଦ୍ୱିତୀୟ ଲହର ପାଇଁ ଲକ୍‌ଡାଉନ୍ ଜାରି କରାଯାଇଥିବାବେଳେ ଉତ୍ସବ ପାଳନ ଉପରେ ରୋକ୍ ଲଗାଇ ଦିଆଯାଇଛି। କରୋନାର ହଟ୍‌ସ୍ପଟରେ ପରିଣତ ହୋଇଥିବା ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ରଜ ପାଳନ ହେଉଥିବା ପ୍ରମୁଖ ସ୍ଥାନଗୁଡ଼ିକ ଉପରେ ନଜର ରଖାଯିବା ସହ ମୁଖ୍ୟ ମନ୍ଦିରଗୁଡ଼ିକରେ ୧୪୪ ଧାରା ଜାରି କରାଯାଇଛି। ତେଣୁ ଶ୍ରଦ୍ଧାଳୁମାନେ ଦିଅଁ ଦର୍ଶନରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ସରକାରଙ୍କ କଟକଣାକୁ ସଚେତନ ନାଗରିକ ସ୍ୱାଗତ କରିଥିବାବେଳେ ସବୁକିଛି ଠିକ୍ ରହିଲେ, ଆସନ୍ତାବର୍ଷ ଆଡମ୍ବର ସହକାରେ ରଜ ପାଳନ କରିବେ ବୋଲି ସେମାନେ ଆଶାବ୍ୟକ୍ତ କରିଛନ୍ତି।

#### ଜୀବନକୁ ପ୍ରାଥମିକତା



"ମହାମାରୀ ସମୟରେ ଜନସାଧାରଣଙ୍କ ଜୀବନକୁ ପ୍ରାଥମିକତା ଦିଆଯାଉଛି। ପୋଲିସ ବିଭାଗର ଦାୟିତ୍ୱ ବଢ଼ିଯାଇଛି। ଇଚ୍ଛା ଥିଲେ ମଧ ଛୁଟି ନ ଥିବାରୁ ଘରକୁ ଯାଇ ହେଉନି। ଲୋକମାନେ ଯେତେ ସଚେତନ ହେବେ, ସେତେ ଶୀଘ୍ର କରୋନା ହାରିବ।

-ନିବେଦିତା ପ୍ରିୟଦର୍ଶିନୀ, କାମାକ୍ଷାନଗର ଥାନା ଏସ୍‌ଆଇ

#### ଆସନ୍ତାବର୍ଷକୁ ଅପେକ୍ଷା



"କରୋନା ମହାମାରୀ ପାଇଁ ଦୁଇବର୍ଷ ହେଲା ରଜ ଉତ୍ସବ ଫିକା ପଡ଼ିଛି। ସଂକ୍ରମଣ କମାଇବାକୁ ସରକାର ଲାଗୁ କରିଥିବା ଲକ୍‌ଡାଉନ୍ ମାନିବାକୁ ପଡୁଛି। ରଜ ଆସିଛି, ଅଥଚ ମଉଜ ନାହିଁ। ଆସନ୍ତାବର୍ଷକୁ ଅପେକ୍ଷା ଛଡ଼ା ଅନ୍ୟ ଉପାୟ ନାହିଁ।

-ସ୍ମୃତି ସ୍ୱାଗତିକା, ଛାତ୍ରୀ

#### ସୁରକ୍ଷା ଆଗ, ପର୍ବ ପରେ



"ଢେଙ୍କାନାଳରେ ରଜକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଏ। ପଶ୍ଚିମ ଓଡ଼ିଶାରୁ ନୂଆ କରି ବୋହୂ ହୋଇ ଆସିଥିବାରୁ ରଜର ମଜା ନେବାକୁ ଆଶା ଥିଲା। ହେଲେ କରୋନା ପାଇଁ ସବୁ ଆଶା ଧୂଳିସାତ ହୋଇଗଲା। ଯାହାହେଲେ ଜୀବନ ସୁରକ୍ଷା ଆଗ, ତା' ପରେ ପର୍ବ।

-ରାଧାରାଣୀ ମୁଦୁଲି, ଗୃହିଣୀ

#### ଜୀବିକା ବୁଡ଼ିଗଲା



"ରଜ ପାଖେଇ ଆସିଲେ ଉତ୍କଣ୍ଠା ବଢ଼ିଯାଏ। ରଜ ପୂର୍ବରୁ ଯୁବତୀ, ମହିଳାମାନେ ସଜେଇ ହୋଇଥାଆନ୍ତି। ଭଲ ଦି ପଇସା ରୋଜଗାର ହୁଏ। ହେଲେ କରୋନା ମାଡ଼ରେ ଦୁଇବର୍ଷ ହେଲା ବେପାର ପ୍ରଭାବିତ ହେଉଛି। କହିବାକୁ ଗଲେ ଜୀବନ ପାଇଁ ଜୀବିକା ବୁଡ଼ିଯାଇଛି।

-ତୃପ୍ତିମୟୀ ସାହୁ, ବିୟୁଟିଆନ୍

# ୧୭ରୁ ଜାତୀୟସ୍ତରୀୟ ମୁଖା ତିଆରି କର୍ମଶାଳା



**ଢେଙ୍କାନାଳ ଅଫିସ, ୧୫।୬**

- ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ହେବ
- ଭାଗ ନେବେ ୪ ରାଜ୍ୟର ୨୫ ନାଟ୍ୟ ଶିଳ୍ପୀ

ଭାରତ ସରକାରଙ୍କ ସଂସ୍କୃତି ବିଭାଗ, କୋଲକାତାସ୍ଥିତ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଏବଂ ଢେଙ୍କାନାଳ ଜିଲାର ନାଟ୍ୟାନୁଷ୍ଠାନ 'ଅଲଟରନେଟିଭ୍ ରିଦମ୍ ଥିଏଟର'ର ମିଳିତ ସହଯୋଗରେ ଚଳିତ ମାସ ୧୭ରୁ ୨୭ ତାରିଖ ଯାଏ ଜାତୀୟସ୍ତରୀୟ ମୁଖା ଏବଂ ନାଟ୍ୟ ଉପକରଣ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହେବ। ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ହରିୟାଣାର ୨୫ଜଣ ନାଟ୍ୟଶିଳ୍ପୀ ଅଂଶଗ୍ରହଣ କରିବେ।

ନାଟକକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଉପକରଣ ଓ ମୁଖାର ଯଥେଷ୍ଟ ଆବଶ୍ୟକତା ରହିଛି। ହେଲେ ଏସବୁର ପ୍ରସ୍ତୁତି କୌଶଳ ଜାଣିବା ଲାଗି ବିଶେଷ ତାଲିମ ବ୍ୟବସ୍ଥା ନାହିଁ। ସମ୍ପ୍ରତି କରୋନା କାରଣରୁ ମଞ୍ଚ ବନ୍ଦ ରହିଛି। କଳାକାର ଏବଂ ନାଟକ ସହିତ ଜଡ଼ିତ ବ୍ୟକ୍ତିମାନେ ଘରେ ବସିଛନ୍ତି। ସମୟର ଠିକ୍ ଉପଯୋଗ କରିବା ଉଦ୍ଦେଶ୍ୟରେ ଏଭଳି ଏକ ନିଆରା କର୍ମଶାଳାର ଆୟୋଜନ କରାଯାଉଛି। ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ନାଟ୍ୟକାର ଦୀନେଶ ଦାସ କର୍ମଶାଳାର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ ବୋଲି ସୂଚନା ଦିଆଯାଇଛି।

# ଅସହାୟଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ

**ତାଳଚେର, ୧୫।୬(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେର ଥର୍ମାଲ ଶ୍ରମିକ ଏକତା ମଞ୍ଚ ପକ୍ଷରୁ ମଙ୍ଗଳବାର ଅସହାୟ, ଗରିବ ଓ ଦିବ୍ୟାଙ୍ଗ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। କାର୍ଯ୍ୟକାରୀ ସଭାପତି ସରୋଜ କୁମାର ନାଥଙ୍କ ନେତୃତ୍ୱରେ ତାଳଚେର ବ୍ଲକର ଦାସନାଳି, ଖୋଲୁଆ, ଟାଇଁପାଳ, ଭୋଗବେରିଣୀ, ଜଗନ୍ନାଥପୁର ଏବଂ ବୋନ୍ତଲ ଗ୍ରାମରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଅରବିନ୍ଦ ଗୌଡ଼, ନିର୍ମଳ ସେଠୀ, ରିଙ୍କୁ ସାମଲ, ଦୀପକ ସାମଲ, ବୀରେନ ପରିଡା, ସିଲୁ ସାମଲ ପ୍ରମୁଖ ମଞ୍ଚର ବହୁ ସଦସ୍ୟ ସହଯୋଗ କରିଥିଲେ।



ଜଣେ ମହିଳାଙ୍କୁ ସହାୟତା ପ୍ରଦାନ କରାଯାଉଛି।

## ଫଟୋରେ ଖବର




ଲକ୍‌ଡାଉନ ପାଇଁ ବସ୍ ସେବା ବନ୍ଦ ଥିବାରୁ କାମାକ୍ଷାନଗରସ୍ଥିତ ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡ ଗୋରୁ ଗୋଠରେ ପରିଣତ ହୋଇଛି।

# ଅଙ୍ଗନୱାଡି କର୍ମୀ ଅର୍ଦ୍ଧଦଗ୍ଧ

**କାମାକ୍ଷାନଗର, ୧୫।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜିରାଳ ଅସନପାଟିଆ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ସମିତା ମିଶ୍ର ମଙ୍ଗଳବାର ମଧ୍ୟାହ୍ନରେ ସନ୍ଦେହଜନକ ଅବସ୍ଥାରେ ପୋଡ଼ିଯାଇଛନ୍ତି। ସେ କିରୋସିନ ଢାଳି ହୋଇ ନିଜ ଦେହରେ ନିଆଁ ଲଗାଇଦେଇଥିବା ଚର୍ଚ୍ଚା ହେଉଛି। ତେବେ ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି କିମ୍ବା ତାଙ୍କୁ କେହି ହତ୍ୟା କରିବାକୁ ଉଦ୍ୟମ କରିଛନ୍ତି, ତାହା ଅସ୍ପଷ୍ଟ ରହିଛି। ଗୁରୁତର ଅବସ୍ଥାରେ ସହାୟିକା ମଞ୍ଜୁଳା ଖୁଣ୍ଟିଆ ତାଙ୍କୁ ଉଦ୍ଧାର କରି ପ୍ରଥମେ ଜିରାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସମିତାଙ୍କ ଶରୀରର ୭୦% ପୋଡ଼ିଯାଇଛି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କାମାକ୍ଷାନଗର ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ତୁମୁସିଂହା ଅଞ୍ଚଳର ସମିତା ଅସନପାଟିଆ ଅଙ୍ଗନୱାଡି କେନ୍ଦ୍ରରେ ରହି ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ଏହାକୁ କେତେଜଣ ଗ୍ରାମବାସୀ ବିରୋଧ କରୁଥିଲେ। କିଛିଦିନ ତଳେ ଜିଲାପାଳ ଘଟଣାରେ ହସ୍ତକ୍ଷେପ କରି ସମିତାଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ଅସ୍ଥାୟୀ ଭାବେ ଥଇଥାନ କରିଥିଲେ।

# ୩୩ ୟୁନିଟ୍ ରକ୍ତ ସଂଗ୍ରହ



ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

**ତାଳଚେର, ୧୫।୬(ନି.ପ୍ର.)**

ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ତାଳଚେର ଏମ୍‌ସିଏଲ୍ ସୁରଭି ମହିଳା ମଣ୍ଡଳ ପକ୍ଷରୁ ଭରତପୁର କ୍ଷେତ୍ର ଅଫିସର୍ସ କ୍ଲବ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଭରତପୁର କ୍ଷେତ୍ରର ମହାପ୍ରବନ୍ଧକ ଧରଣୀଧର ଝା, ମହିଳା ମଣ୍ଡଳ ସଭାନେତ୍ରୀ ଅନିତା ଝା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୩୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ତାଳଚେର ରକ୍ତଭଣ୍ଡାରରେ ରକ୍ତ ଅଭାବ ପରିଲକ୍ଷିତ ହେଉଥିବାବେଳେ ଏମ୍‌ସିଏଲ୍ ସୁରଭି ମହିଳା ମଣ୍ଡଳର ଏଭଳି ପଦକ୍ଷେପ ଉପଯୋଗୀ ସାବ୍ୟସ୍ତ ହୋଇଛି। ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଅପରାଜିତା ଦାସ, ସଙ୍ଗୀତା ସେଠୀ, ଏରିଆ ପର୍ସନାଲ ଅଫିସର ରମାକାନ୍ତ ପୃଷ୍ଟି, ଷ୍ଟାଫ୍ ଅଫିସର ପ୍ରଦୀପ ସାହୁ, ଏଲ୍.ଆର୍. ଚକ୍ରବର୍ତ୍ତୀ ସେଠୀ, ଡାକ୍ତର ଏଲ୍.ଭି. ଆର୍. ତିର୍କୀ ପ୍ରମୁଖ ସହଯୋଗ କରିଥିଲେ। ତାଳଚେର ଉପଖଣ୍ଡରେ ସଭ୍ୟ ଦେବରଞ୍ଜନ ସାମଲ, ସୌଭାଗ୍ୟ ଚନ୍ଦ୍ର ନାୟକ, ସୁଶୀଲ ପରୀ ପ୍ରମୁଖ ଆଧୁନିକ ଯନ୍ତ୍ର ମାଧ୍ୟମରେ ଶରୀର ତାପମାତ୍ରା, ଅମ୍ଳଜାନ ମାପ କରି ଲୋକଙ୍କୁ ସଚେତନ କରାଇଥିଲେ।

# 'ପିପୁଲ୍ସ ଫର୍ ସ୍ମାଇଲ୍'ର ନିଆରା ରଜ

**କାମାକ୍ଷାନଗର, ୧୫।୬(ଡି.ଏନ.ଏ.)**

ସାମାଜିକ ସଙ୍ଗଠନ 'ପିପୁଲ୍ସ ଫର୍ ସ୍ମାଇଲ୍' ପକ୍ଷରୁ ଆଦିବାସୀ ଗ୍ରାମରେ ନିଆରା ଢଙ୍ଗରେ ରଜ ଉତ୍ସବ ପାଳନ କରାଯାଇଛି। ସଙ୍ଗଠନର ସଦସ୍ୟମାନେ କାମାକ୍ଷାନଗର ବ୍ଲକ ମର୍କଟା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାରକୁ କରୋନା ମହାମାରୀ ବିଷୟରେ ସଚେତନ କରାଇଥିଲେ। ୫୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ନୂଆ ପୋଷାକ, ଖେଳନା ବଣ୍ଟନ କରିବା ସହ ଗ୍ରାମବାସୀଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ।

ଏଥିସହ କାମାକ୍ଷାନଗର ସହରରେ ମାନସିକ ଭିନ୍ନକ୍ଷମ ବ୍ୟକ୍ତି, ବୁଲାପ୍ରାଣୀଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା। ରାଜସ୍ଥାନରୁ ଆସି ଫସିଥିବା ୫୦ ଜଣଙ୍କୁ ଖାଦ୍ୟ ଏବଂ ଛୋଟ ପିଲାଙ୍କ ପାଇଁ ବସ୍ତ୍ର ଦିଆଯାଇଥିଲା।

ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଟେକ୍ନିସିଆନ ବିଜୟ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। 'ପିପୁଲ୍ସ ଫର୍ ସ୍ମାଇଲ'ର ରାକେଶ ଦେହୁରୀ, ଶ୍ରୀୟାଂସ ସଞ୍ଚିତ, ହରେଶ ବେହେରା, ନିହାର ରଞ୍ଜନ ରାଉତ, ହୃଷୀକେଶ ସାହୁ, ତ୍ରିଶାଳ ସାହୁ, ଆଶୁତୋଷ ସାହୁ, ପ୍ରୀତିରଞ୍ଜନ ବାରିକ, ରୀତେଶ ବ୍ରହ୍ମା, ବବଲୁ କୁମାର, ଆର୍ଶାଦ ଅହମଦ, ପିଣ୍ଟୁ କଟାରୁକା, ବୈଦ୍ୟ ସର୍ବେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଗହଣରେ କୁନି ପିଲାମାନେ।

# ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ



ରାମେଶ୍ୱରପାଟଣା ପୀଠରେ ମହଦେବଙ୍କ ବିବାହ ଉପଲକ୍ଷେ ପୂଜାର୍ଚ୍ଚନା।

**ଆଠମଲ୍ଲିକ/ ଭୁବନ, ୧୫।୬(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକସ୍ଥିତ ରାମେଶ୍ୱରପାଟଣା ଶିବ ମନ୍ଦିରରେ ମଙ୍ଗଳବାର ଦେବଦମ୍ପତିଙ୍କ ବିବାହ ଉତ୍ସବ ପାରମ୍ପରିକ ନୀତିନିୟମ ଅନୁଯାୟୀ ଶେଷ ହୋଇଛି। ଆନୁଷ୍ଠାନିକ ଭାବେ ହୋମ ଯଜ୍ଞ କରାଯିବା ପରେ ଶିବ-ପାର୍ବତୀଙ୍କ ବିବାହ ହୋଇଥିଲା। କୋଭିଡ୍ କଟକଣା ଅନୁଯାୟୀ ମନ୍ଦିରରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ସରକାରୀ ଓକିଲ ଅବନୀ କୁମାର ଆଚାର୍ଯ୍ୟ, ଶାଶ୍ୱତୀ ମିଶ୍ର କନ୍ୟା ମାତାପିତା ଏବଂ ମନୋରଞ୍ଜନ ଶତପଥୀ, ସୌଦାମିନୀ ଶତପଥୀ ବର ମାତାପିତା ଦାୟିତ୍ୱ ତୁଲାଇଥିଲେ। କୁଲୁ ପ୍ରଧାନ, ଅମିୟ ଦାଶ, ବାଗଲି ଅଗ୍ରୱାଲ, ଅଂଶୁମାନ ଆଚାର୍ଯ୍ୟ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

ସେହିପରି ପବିତ୍ର ଶୀତଳଷଷ୍ଠୀ ଉପଲକ୍ଷେ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ବୁଦ୍ଧେଶ୍ୱର ମହାଦେବଙ୍କ ଅଲୌକିକ ବିବାହ ସମ୍ପନ୍ନ ହେଇଛି। କୋଭିଡ୍ କଟକଣା ମଧ୍ୟରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିର୍ଦ୍ଧାରିତ ନୀତିନିର୍ଘଣ୍ଟ ଅନୁଯାୟୀ ମହାଦେବ ଏବଂ ମା' ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। କୁନା ପାତ୍ର ବରପିତା ଏବଂ ଗୌରାଙ୍ଗ ସାହୁ କନ୍ୟାପିତା ଭାବେ ଦାୟିତ୍ୱ ତୁଲାଇଥିଲେ। ବିବାହ ଶେଷ ପରେ ମନ୍ଦିର ପରିସରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

ସେହିପରି ସ୍ଥାନୀୟ ମହାଦେବ ମନ୍ଦିର, ଛତାମଠ, ଅଷ୍ଟଶମ୍ଭୁ ପୀଠ, ଜିରାଳ, ମଠକରଗୋଳା, ବାଲିବୋ, ମହୁଲପାଳ ଶିବ ମନ୍ଦିରରେ କୋଭିଡ୍ ନିୟମ ଅନୁଯାୟୀ ଶିବ ବିବାହ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି।



ବିବାହ ମଣ୍ଡପରେ ମହାଦେବ ବୁଦ୍ଧେଶ୍ୱର ଏବଂ ମା' ପାର୍ବତୀ।

# ଆର୍ଜେଣ୍ଟିନା-ଚିଲି ମ୍ୟାଚ୍ ଡ୍ର

ରିଓ ଡି ଜାନେଇରୋ, ୧୫।୬(ଏପି)

ଦକ୍ଷିଣ ଆମେରିକାର ସର୍ବବୃହତ୍ ଫୁଟ୍‌ବଲ ଟୁର୍ନାମେଣ୍ଟ କୋପା ଆମେରିକାରେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଡ୍ର'ରୁ ଅଭିଯାନ ଆରମ୍ଭ କରିଛି। ମେସିଙ୍କ ଜବରଦସ୍ତ ପ୍ରଦର୍ଶନ ସତ୍ତ୍ୱେ ଗ୍ରୁପ୍ ବି'ରେ ଆର୍ଜେଣ୍ଟିନା ଚିଲି ବିପକ୍ଷ ଏହି ମ୍ୟାଚ୍‌କୁ ଡ୍ର ରଖିଛି। ୩୩ତମ ମିନିଟ୍‌ରେ ମେସିଙ୍କ ଫ୍ରି କିକ୍ ଜରିଆରେ ଆର୍ଜେଣ୍ଟିନା ପ୍ରଥମ ଗୋଲ ସ୍କୋର କରିଥିଲା। ସ୍ଥାନୀୟ ନିଲଟୋନ ସାଣ୍ଟୋସ ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କିମ୍ବଦନ୍ତୀ ଫୁଟ୍‌ବଲର ଡିଏଗୋ ମାରାଡୋନାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ମାରାଡୋନା ଗତ ନଭେମ୍ବରରେ ମାତ୍ର ୬୦ ବର୍ଷ ବୟସରେ ପ୍ରାଣ ହରାଇଥିଲେ।

ଚଳିତ ମାସ ୩୪ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ମେସିଙ୍କ ପାଇଁ କୋପା ଆମେରିକା ଟାଇଟଲ ହାସଲର ଶେଷ ସୁଯୋଗ ସୃଷ୍ଟି ହୋଇଛି। ବ୍ୟକ୍ତିଗତ ଭାବେ ଓ ନିଜ କ୍ଲବ ପାଇଁ ମେସି ଅସାଧାରଣ ଭାବେ ସଫଳତା ହାସଲ କରିଛନ୍ତି। ତେବେ ଆର୍ଜେଣ୍ଟିନା ପାଇଁ ସେ ସେତେଟା ସଫଳ ହୋଇପାରି ନାହାନ୍ତି। ପ୍ରଥମାର୍ଦ୍ଧରେ ଆର୍ଜେଣ୍ଟିନା ୧-୦ରେ ଅଗ୍ରଣୀ ହାସଲ କରିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଚିଲି ତରଫରୁ ୫୭ତମ ମିନିଟ୍‌ରେ ଏଡୁଆର୍ଡୋ ଭର୍ଗାସ୍ ଏକ ଫିଲ୍ଡ ଗୋଲ ପ୍ରଦାନ କରି ମ୍ୟାଚ୍‌ର ସ୍ଥିତିକୁ ୧-୧ ସମାନସ୍ତରକୁ ଆଣିଥିଲେ। ଶେଷ ପର୍ଯ୍ୟନ୍ତ ଆଉ ଗୋଲ ସ୍କୋର ହୋଇପାରି ନ ଥିଲା। ଫଳରେ ମ୍ୟାଚ୍ ଅମୀମାଂସିତ ରହିଥିଲା।

କୋଚ୍ ଲିଓନେଲ ସ୍କାଲୋନିଙ୍କ ଆର୍ଜେଣ୍ଟିନା ୧୬ ଓ ୧୮ତମ ମିନିଟ୍‌ରେ ୩ଟି ସୁଯୋଗ ହରାଇଥିଲା। ଲାଉଟାରୋ ମାର୍ଟିନେଜଙ୍କଠାରୁ ଗୋଟିଏ ଓ ନିକୋଲାସ ଗୋଞ୍ଜାଲେଜଙ୍କଠାରୁ ଦୁଇଟି ଗୋଲ ସୁଯୋଗ ହାତଛଡ଼ା ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଚିଲି ଅଧିକ ଆକ୍ରମଣାତ୍ମକ ଗୋଲ କରିଥିଲା। ଏଭି ଭିଡିଓ ରିଭ୍ୟୁ ପରେ ଚିଲି ଏକ ପେନାଲ୍ଟି ସୁଯୋଗ ମଧ୍ୟ ପାଇଥିଲା। ମେସି କ୍ରମାଗତ ଭାବେ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଆର୍ଜେଣ୍ଟିନା ଗୋଲ ଦେଇପାରି ନ ଥିଲା। ଗତ ସପ୍ତାହରେ ବିଶ୍ୱକପ୍ କ୍ୱାଲିଫାୟରରେ ଠିକ୍ ସମାନ ଢଙ୍ଗରେ ଆର୍ଜେଣ୍ଟିନା ୨-୨ ଗୋଲରେ ମ୍ୟାଚ୍ ଅମୀମାଂସିତ ରଖିଥିଲା। ମ୍ୟାଚ୍ ପରେ ମେସି ଅବଶ୍ୟ ଅସନ୍ତୋଷ ଜାହିର କରିଛନ୍ତି। ଦଳ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଷ୍ଟ୍ରାଇକର ଗୋଞ୍ଜାଲେଜ୍ ମଧ୍ୟ ତାଙ୍କ ତ୍ରୁଟି ସ୍ୱୀକାର କରିଛନ୍ତି। ଅନ୍ୟପଟେ ମେସିଙ୍କ ପ୍ରଦର୍ଶନ ବେଶ୍ ଭଲ ଥିଲା ବୋଲି ଚିଲିର ଭିଡାଲ କହିଛନ୍ତି। ମ୍ୟାଚ୍

**କୋପା ଆମେରିକା ଫୁଟ୍‌ବଲ**

ଡ୍ର ହୋଇଥିବାରୁ ଚିଲି କିନ୍ତୁ ବେଶ୍ ଖୁସି ଜାହିର କରିଛି। ଦୁଇ ସପ୍ତାହ ତଳେ ଚିଲି ବିପକ୍ଷରେ ୧-୧ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା। ୨୦୧୫ କୋପା ଆମେରିକା ଫାଇନାଲରେ ପେନାଲ୍ଟି ଜରିଆରେ ଚିଲି ମେସିଙ୍କ ଆର୍ଜେଣ୍ଟିନାକୁ ହରାଇ ଟାଇଟଲ ଜିତିଥିଲା। ତେବେ ଦୁଇ ବର୍ଷ ତଳେ ଏହି ଟୁର୍ନାମେଣ୍ଟରେ ଆର୍ଜେଣ୍ଟିନା ୨-୧ ଗୋଲରେ ଚିଲିକୁ ହରାଇଥିଲା। ଗ୍ରୁପ୍ ବି'ରେ ଏବେ ପାରାଗୁଏ ଗୋଟିଏ ବିଜୟ ସହ ୩ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ଆର୍ଜେଣ୍ଟିନା ପରବର୍ତ୍ତୀ ମ୍ୟାଚ୍‌ରେ ଶୁକ୍ରବାର ଉରୁଗୁଏକୁ ଭେଟିବ। ଏହି ଦିନ ଚିଲି ଓ ବଲିଭିଆ ମୁହାଁମୁହିଁ ହେବେ। ସେହିପରି ଆଗାମୀ ସୋମବାର ଆର୍ଜେଣ୍ଟିନା ପାରାଗୁଏକୁ ଭେଟିବ।



ଚିଲି ବିପକ୍ଷ ମ୍ୟାଚରେ ଖୁସି ମୁହୂର୍ତ୍ତରେ ଆର୍ଜେଣ୍ଟିନା ଦଳର ଖେଳାଳିମାନେ।

### ମାରାଡୋନାଙ୍କୁ ଶ୍ରଦ୍ଧାଞ୍ଜଳି

ଚିଲି ବିପକ୍ଷରେ ଆର୍ଜେଣ୍ଟିନା ତା'ର ପ୍ରଥମ ମ୍ୟାଚ୍‌ରେ କିମ୍ବଦନ୍ତୀ ଫୁଟ୍‌ବଲର ଡିଏଗୋ ମାରାଡୋନାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲା। ମ୍ୟାଚ୍ ପୂର୍ବରୁ ମାରାଡୋନାଙ୍କ ଜୀବନୀକୁ ନେଇ ଲାଇଟ୍ ଓ ପ୍ରୋଜେକ୍ସନ ଦ୍ୱାରା ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ନିଲଟୋନ ସାଣ୍ଟୋସ ଷ୍ଟାଡିୟମରେ କୌଣସି ଦର୍ଶକ ଉପସ୍ଥିତ ନ ଥିଲେ ମଧ୍ୟ ଦକ୍ଷିଣ ଆମେରିକା ଫୁଟ୍‌ବଲ ପ୍ରଶାସନର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା କନ୍‌ମେବୋଲ ଦ୍ୱାରା ମାରାଡୋନାଙ୍କ ସମ୍ମାନରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ମାରାଡୋନା ମାତ୍ର ୬୦ ବର୍ଷରେ ମୃତ୍ୟୁବରଣ କରିଥିଲେ। 'ଲିଭ୍ ଇଜ୍ ଲାଇଫ୍' ନାମରେ ଏକ ୩ ମିନିଟ୍‌ର ଭିଡିଓ ମଧ୍ୟ କନ୍‌ମେବୋଲ ସୋସିଆଲ ମିଡିଆ ଚ୍ୟାନେଲରେ ପ୍ରସାରିତ କରାଯାଇଥିଲା।

## ପାରାଗୁଏଠାରୁ ହାରିଲା ବଲିଭିଆ

କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ପଛରେ ଥାଇ ପ୍ରତ୍ୟାବର୍ତ୍ତନ କରି ପାରାଗୁଏ ୩-୧ ଗୋଲରେ ବଲିଭିଆକୁ ପରାସ୍ତ କରିଛି। ଦ୍ୱିତୀୟାର୍ଦ୍ଧରେ ୩ଟି ଗୋଲ ସ୍କୋର କରି ପାରାଗୁଏ ଶେଷରେ ବାଜି ମାରିଛି। ବଲିଭିଆ ତରଫରୁ ମିଡ୍‌ଫିଲ୍ଡର ଏରୱିନ ସାଭେଡ୍ରା ପେନାଲ୍ଟି ଜରିଆରେ ଦଶମ ମିନିଟ୍‌ରେ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ପାରାଗୁଏ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲା। ୬୨ତମ ମିନିଟ୍‌ରେ ଆଲେଜାଣ୍ଡ୍ରୋ ରୋମେରୋ ଗୋଲ ଦେଇ ମ୍ୟାଚ୍ ସ୍ଥିତିକୁ ୧-୧ ସମାନସ୍ତରକୁ ଆଣିଥିଲେ। ଏହାପରେ ୬୫ ଓ ୮୦ତମ ମିନିଟ୍‌ରେ ଆଞ୍ଜେଲ ରେମାରିଓ ଦୁଇଟି ଗୋଲ ସ୍କୋର କରି ଦଳକୁ ଜିତାଇଥିଲେ। ଏହି ବିଜୟ ସହ ଗ୍ରୁପ୍ ଏ'ରେ ପାରାଗୁଏ ୩ ପଏଣ୍ଟ ପାଇ ଶୀର୍ଷରେ ରହିଛି। ସାରା ମ୍ୟାଚ୍‌ରେ ପାରାଗୁଏ ଚମତ୍କାର ପ୍ରଦର୍ଶନ କରିଥିଲା। କୋଭିଡ୍-୧୯ କାରଣରୁ ଷ୍ଟ୍ରାଇକର ମାର୍ସେଲୋ ମାର୍ଟିନ୍ସଙ୍କ ସମେତ ୫ଜଣ ଆଗଧାଡିର ଖେଳାଳି ବଲିଭିଆ ଦଳରେ ସାମିଲ ହୋଇ ନ ଥିଲେ। ଫଳରେ ଏହାର ପ୍ରଭାବ ପ୍ରଦର୍ଶନ ଉପରେ ପଡିଥିଲା। ୧୯୬୩ ପରେ ବଲିଭିଆ କୋପା ଆମେରିକାରେ ପାରାଗୁଏକୁ ହରାଇପାରି ନାହିଁ।

# ସ୍ଲୋଭାକିଆର ବିଜୟ ଅଭିଯାନ

ସେଣ୍ଟ ପିଟର୍ସବର୍ଗ, ୧୫।୬(ଏପି)

ୟୁରୋକପ ଫୁଟବଲରେ ସ୍ଲୋଭାକିଆ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ କ୍ରେସୋଭସ୍କି ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ସ୍ଲୋଭାକିଆ ୨-୧ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଛି। ଏଥିସହ ସ୍ଲୋଭାକିଆ ୩ ପଏଣ୍ଟ ହାସଲ କରି ଗ୍ରୁପ୍ ଇ'ର ଶୀର୍ଷ ସ୍ଥାନ ଅଧିକାର କରିଛି। ସାରା ମାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା।

ପୋଲାଣ୍ଡ ପାଇଁ ଆତ୍ମଘାତୀ ଗୋଲ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ମ୍ୟାଚ୍‌ର ୧୮ତମ ମିନିଟ୍‌ରେ ପୋଲାଣ୍ଡ ଗୋଲକିପର ଓଜସିଏକ ସଜେସ୍ନି ଏକ ଆତ୍ମଘାତୀ ଗୋଲ ସ୍କୋର କରି ସ୍ଲୋଭାକିଆକୁ ଅଗ୍ରଣୀ କରାଇଥିଲେ। ଜଣେ ଗୋଲ କିପର ଆତ୍ମଘାତୀ ଗୋଲ କରିବା ଏହି ଟୁର୍ନାମେଣ୍ଟରେ ଏକଦମ ନୂଆ ଲାଗୁଛି। ତେବେ ଏହା ସତରେ ପରିଣତ ହୋଇଛି। ୟୁରୋକପ୍ ଇତିହାସରେ ଏହା ଏକ ଅଲୋଡା ବିରଳ ରେକର୍ଡ ସାବ୍ୟସ୍ତ ହୋଇଛି। ଯଦିଓ ଏହି ଗୋଲ ପାଇଁ ସଜେସ୍ନିଙ୍କୁ ଦାୟି କରାଯିବା ଉଚିତ ହେବ ନାହିଁ। ଜୁଭେଣ୍ଟସ୍‌ର ଏହି ଗୋଲକିପରଙ୍କ ପାଖକୁ ପାଖ ପୋଷ୍ଟରୁ ବଲ୍ ରିବାଉଣ୍ଡ କରିଥିଲା ଓ ଏହା ତାଙ୍କ ହାତରେ ବାଜି ନେଟ୍‌କୁ ଚାଲି ଯାଇଥିଲା।

ଏହାପରେ ଅବଶ୍ୟ ପୋଲଣ୍ଡ ପ୍ରତ୍ୟାବର୍ତ୍ତନ କରିଥିଲା। ପ୍ରଥମାର୍ଦ୍ଧ ପରେ ୪୬ତମ ମିନିଟ୍‌ରେ କାରୋଲ ଲିନେଟି

**ୟୁରୋ କପ୍ ଫୁଟ୍‌ବଲ**

ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନ ସ୍ଥିତିକୁ ଆଣିଥିଲେ। କିନ୍ତୁ ୬୯ତମ ମିନିଟ୍‌ରେ ସେଣ୍ଟରବ୍ୟାକ୍ ମିଲାନ ସ୍କ୍ରିନିୟାର ଗୋଲ ଦେଇ ସ୍ଲୋଭାକିଆକୁ ୨-୧ ଗୋଲରେ ଅଗ୍ରଣୀ କରାଥିଲେ। ଏହାପରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ସମ୍ଭବ ହୋଇ ନ ଥିଲା। ଫଳରେ ସ୍ଲୋଭାକିଆ ବିଜୟୀ ହୋଇଥିଲା। ଏହି ମୁକାବିଲାରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ସ୍ଲୋଭାକିଆ ପାଇଁ ଏହି ବିଜୟ ବେଶ୍ ମୂଲ୍ୟବାନ ସାବ୍ୟସ୍ତ ହୋଇଛି। ଅଧିନାୟକ ରବର୍ଟ ଲିୱାନଡୋସ୍କିଙ୍କ ଯାଦୁ ଏହି ମ୍ୟାଚ୍‌ରେ କାମରେ ଆସି ନ ଥିଲା। ତେଣୁ ପୋଲାଣ୍ଡ ପାଇଁ ଏହା ସବୁଠାରୁ ଖରାପ୍ ଦିନ ସାବ୍ୟସ୍ତ ହୋଇଛି। ଏଭଳି ଦୁର୍ଭାଗ୍ୟଜନକ ଭାବେ ମ୍ୟାଚ୍ ହାରିବା ପୋଲାଣ୍ଡ ପାଇଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛି। ପୋଲାଣ୍ଡ ଗ୍ରୁପ୍ ଇ'ରେ ଏବେ ସ୍ପେନ୍ ଓ ସ୍ୱେଡେନଙ୍କୁ ଭେଟିବ।



ପୋଲାଣ୍ଡ ବିପକ୍ଷରେ ଦ୍ୱିତୀୟ ଗୋଲ ସ୍କୋର କରିବା ପରେ ସ୍ଲୋଭାକିଆ ଦଳର ଖେଳାଳିମାନେ।

## ଭାରତ- ଇଂଲଣ୍ଡ ମହିଳା ଟେଷ୍ଟ ଆଜିଠାରୁ

**ବ୍ରିଷ୍ଟଲ୧୫।୬(ପି.ଟି.):** ଦୀର୍ଘ ୭ ବର୍ଷ ପରେ ଭାରତ ଓ ଇଂଲଣ୍ଡ ମହିଳା ଦଳ ଟେଷ୍ଟ କ୍ରିକେଟରେ ପରସ୍ପରକୁ ଭେଟିବେ। ସ୍ଥାନୀୟ କାଉଣ୍ଟି ଗ୍ରାଉଣ୍ଡରେ ଦୁଇ ଦେଶ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହେବ। ଆବଶ୍ୟକ ପ୍ରସ୍ତୁତିର ସୁଯୋଗ ପାଇ ନ ଥିଲେ ମଧ୍ୟ ଭାରତୀୟ ମହିଳା ଦଳ ଭଲ ପ୍ରଦର୍ଶନ କରିବାକୁ ବେଶ୍ ଉତ୍ସାହିତ ଅଛି। ଇଂଲଣ୍ଡର ରେକର୍ଡ ଭଲ ରହିଛି। ତେବେ ଭାରତ ପଜିଟିଭ ମାଇଣ୍ଡ ସେଟ୍‌ରେ ରହି କିଛି କରିଦେଖାଇବାକୁ ଚାହୁଁଛି। ମିଥାଲି ରାଜଙ୍କ ନେତୃତ୍ୱରେ ଭାରତୀୟ ଦଳ ଭାରତ ଓ ଇଂଲଣ୍ଡରେ ଏକାଧିକ କ୍ୱାରାଣ୍ଟାଇନ୍ ଅବଧିରେ ରହିଛି। ଏହପୂର୍ବରୁ ଶେଷଥର ପାଇଁ ଭାରତ ୨୦୧୪ ନଭେମ୍ବରରେ ଟେଷ୍ଟ ଖେଳିଥିଲେ।

## ସ୍ପେନ୍- ସ୍ୱିଡେନ ମ୍ୟାଚ୍ ଗୋଲ ଶୂନ୍ୟ

ସେଭିଲେ, ୧୫।୬

ୟୁରୋକପରେ ଗ୍ରୁପ୍ ଇ'ରେ ସୋମବାର ସ୍ପେନ୍ ଓ ସ୍ୱିଡେନ ପରସ୍ପରକୁ ଭେଟିଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହେବା ସହ ଅମୀମାଂସିତ ରହିଥିଲା। ସ୍ଥାନୀୟ ଲା କାର୍ଟୁଜା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅବଶ୍ୟ ସ୍ୱେଡେନ କେତୋଟି ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଗୋଲ ସ୍କୋର କରି ନ ଥିଲା। ଆଲେକଜାଣ୍ଡର ଇସାକ ଚମତ୍କାର ପ୍ରଦର୍ଶନ କରିଥିଲେ।

ଏହାପୂର୍ବରୁ ସ୍ପେନ୍ - ପର୍ତ୍ତୁଗାଲ ୱାର୍ମଅପ୍ ମ୍ୟାଚ୍ ମଧ୍ୟ ଗୋଲ ଶୂନ୍ୟ ଭାବେ ଡ୍ର ରହିଥିଲା। ସ୍ପେନ୍ ଘନଘନ ଆକ୍ରମଣ କରିଥିଲା। ବଲ୍ ପେଜଶନ, ପାସ ଓ ପାସ୍ ଆକ୍ୟୁରେସିରେ ସ୍ପେନ୍ ଯଥେଷ୍ଟ ଆଗରେ ରହିଥିଲେ ମଧ୍ୟ ଏହାର ଫାଇଦା ଉଠାଇପାର ନ ଥିଲା। ୭୫ ପ୍ରତିଶତ ବଲ୍ ପଜେସନ ସହ ସ୍ପେନ୍ ୧୭ଟି ଗୋଲ ପ୍ରୟାସ କରିଥିଲା। ଏଥିମଧ୍ୟରୁ ୫ଟି ପୂରା ଗୋଲ ପୋଷ୍ଟ ଉପରେ ଟାର୍ଗେଟ ହୋଇଥିଲା। ମ୍ୟାଚ୍ ଫଳାଫଳ ନିଶ୍ଚିତ ଭାବେ ସ୍ପେନ୍‌କୁ ନିରାଶ କରିଛି। ୟୁରୋକପ୍‌ରେ ସ୍ପେନ ତା'ର ଶେଷ ୧୪ଟି ମ୍ୟାଚ୍‌ରେ ଗୋଲ ଦେବାରେ ବିଫଳ ହୋଇଛି। ଅନ୍ୟପଟେ ସ୍ୱିଡେନ ତା'ର ଶେଷ ୧୭ଟି ମ୍ୟାଚ୍‌କୁ ଡ୍ର ରଖିନାହିଁ। ୨୦୨୦ ୟୁରେ କ୍ୱାଲିଫାଇଂରେ ସ୍ପେନ୍ ବିପକ୍ଷରେ ସ୍ୱିଡେନ ମ୍ୟାଚ୍ ଡ୍ର ରଖିଥିଲା। ଏହି ମ୍ୟାଚ୍‌ରେ ୧୨,୫୧୭ ଦର୍ଶକ ଉପସ୍ଥିତ ଥିଲେ। ଶନିବାର ସ୍ପେନ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ପୋଲାଣ୍ଡକୁ ଓ ୨୩ ତାରିଖରେ ସ୍ଲୋଭାକିଆକୁ ଭେଟିବ।

**ରାଜ୍ୟ ଖବର**

## ଜୁଆ ଆଡ୍ଡାରେ ଚଢ଼ାଉ, ୮ ଗିରଫ

**ଚୌଦ୍ୱାର, ୧୫।୬(ଡି.ଏନ.ଏ.):** ଚୌଦ୍ୱାର ଥାନା ଅଧୀନ ଆଗ୍ରାହାଟ ଉତ୍ତରେଶ୍ୱର ମନ୍ଦିର ପଛପଟ ଜୁଆଆଡ୍ଡାରେ ପୋଲିସ ଚଢ଼ାଉକରି ୮ଜଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଆଗ୍ରାହାଟ ବ୍ରାହ୍ମଣସାହିର ବରଦା ପ୍ରସାଦ ନାୟକ, ପରିଡାସାହିର ପ୍ରକାଶ ଜେନା, ରମେଶ କୁମାର ବେହେରା, ପ୍ରଶାନ୍ତ ଜେନା, ଚନ୍ଦ୍ରଶେଖର ବେହେରା, ଦୈତାରୀ ମାଝୀ, ମଙ୍ଗରାଜପୁର ବାଗଧରା ଗ୍ରାମର ଟିମା ବେହେରା ଓ ବଡପଦାଗାଁର ରାଜେନ୍ଦ୍ର ରାଉତ। ସେମାନଙ୍କ ଠାରୁ ତାସ, ୧୦ ହଜାର ୩୩୦ଟଙ୍କା ଓ ୩ଟି ବାଇକ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ସୋମବାର ରାତିରେ ଏସ୍‌ଆଇ ପାର୍ଥ ପ୍ରତୀମ ବେଉରା ଓ ଥାନା କର୍ମଚାରୀ ପାଟ୍ରୋଲିଂ କରୁଥିବାବେଳେ ଉତ୍ତରେଶ୍ୱର ମନ୍ଦିର ପଛପଟେ ଜୁଆ ଖେଳ ହେଉଥିବା ଖବର ପାଇଥିଲେ। ତୁରନ୍ତ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଏ ନେଇ ଥାନାରେ ମାମଲା(ନଂ.୨୪୬/୨୧) ରୁଜୁ ହୋଇଛି।

## ମୃତ ଶମ୍ବର ଉଦ୍ଧାର, ଜଣେ ଅଟକ

**ଚୌଦ୍ୱାର, ୧୫।୬(ଡି.ଏନ.ଏ.):** ମହିଷାଲଣ୍ଡା ପଞ୍ଚାୟତର ମାଛପଙ୍ଗୀ ଗ୍ରାମ ପାଖ ନାଳ ନିକଟରୁ ମୃତ ଶମ୍ବରକୁ ବନ ବିଭାଗ ଜବତ କରିଛି। ଏହି ଶମ୍ବରକୁ ଶିକାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଅଟକ ରଖାଯାଇଛି। ମଙ୍ଗଳବାର ସକାଳେ ସମ୍ପୃକ୍ତ ଯୁବକ ଓ ତାଙ୍କ ଅନ୍ୟ ସହଯୋଗୀ ନାଳ ନିକଟରୁ ମୃତ ଶମ୍ବରକୁ ନେବା ପାଇଁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ଜଣେ ଧରାପଡିଥିବାବେଳେ ଅନ୍ୟମାନେ ଖସି ପଳାଇଥିଲେ। ମଙ୍ଗରାଜପୁର ଫରେଷ୍ଟର ପୀତବାସ ମହାପାତ୍ର ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖିଥିଲେ। ସୋମବାର ରାତିରେ ଦୁର୍ବୃତ୍ତମାନେ ଏହି ଶମ୍ବରକୁ ଶିକାର କରିଥିବା ଓ ଭୋରୁ ଆସି ନେବା ପାଇଁ ଯୋଜନା କରୁଥିବା ମହାପାତ୍ର କହିଛନ୍ତି।

# ୧ ଲକ୍ଷରୁ ଊର୍ଦ୍ଧ୍ୱ ଜନଜାତି ପରିବାର ଉପକୃତ

ଭୁବନେଶ୍ୱର, ୧୫।୬(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଅନୁସୂଚିତ ଜନଜାତି ପରିବାର ନିମନ୍ତେ ଏକ ନୂତନ ଜୀବିକା ଇକୋସିଷ୍ଟମ ଆରମ୍ଭ ହୋଇଛି। କରୋନା ମହାମାରୀ ସମୟରେ 'ମିଶନ ଜୀବିକା' ପ୍ରକଳ୍ପ ଅନୁସୂଚିତ ଜନଜାତି ପରିବାରଗୁଡ଼ିକ ନିମନ୍ତେ ପୋଷଣୀୟ ଜୀବିକାକୁ ନିଶ୍ଚିତ କରିପାରିଛି। ଏହାଦ୍ୱାରା ସେମାନଙ୍କର ଆୟବୃଦ୍ଧି ସହିତ ଜୀବନଧାରଣର ମାନରେ ଉନ୍ନତି ହୋଇପାରିଛି। ବିଶେଷକରି 'ମିଶନ ଜୀବିକା' କାର୍ଯ୍ୟକ୍ରମ ୭ଟି ଜିଲାର ୨୭ ଆଦିବାସୀ ଅଧ୍ୟୁଷିତ ବ୍ଲକ୍‌ର ଜନଜାତି ବର୍ଗର କ୍ଷୁଦ୍ର ଓ ନାମମାତ୍ର କୃଷକ ପରିବାରର ଆୟ ବୃଦ୍ଧିରେ ସହାୟକ ହୋଇଛି। ଏହା ଓଡ଼ିଶା ସରକାରଙ୍କ

**'ମିଶନ ଜୀବିକା' କାର୍ଯ୍ୟକ୍ରମ**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର କୃଷି ଉତ୍ପାଦନ କ୍ଲଷ୍ଟରର ସହଭାଗିତାରେ କାର୍ଯ୍ୟ କରୁଛି। ବଜାର ସହିତ ଉତ୍ପାଦନ କ୍ଲଷ୍ଟରକୁ ସଂଯୁକ୍ତ କରାଯାଇଛି। ୧୬୯ଟି କୃଷି ଓ ଅଣକୃଷିଭିତ୍ତିକ କ୍ଲଷ୍ଟର ମାଧ୍ୟମରେ ୧ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେଉଛନ୍ତି। ଉପଯୁକ୍ତ ସମୟରେ ସେମାନଙ୍କୁ ଗୁଣାତ୍ମକ ତଥ୍ୟ ପ୍ରଦାନ, ପ୍ରଶିକ୍ଷଣ, ଦକ୍ଷତା ବିକାଶ ସହାୟତା ଓ ସମନ୍ୱୟରେ ବଜାର ସହାୟତା ଯୋଗାଇ ଦିଆଯାଉଛି। ମିଶନ ଜୀବିକା ଓ କୃଷି ଉତ୍ପାଦନ କ୍ଲଷ୍ଟର ପ୍ରୋଜେକ୍ଟର ସମନ୍ୱୟରେ ନାମମାତ୍ର ଜନଜାତି ଚାଷୀଙ୍କ ପାଇଁ ଏକ କ୍ରିୟାଶୀଳ ଫାର୍ମ କ୍ଲଷ୍ଟର ସୃଷ୍ଟି କରାଯାଇଥିବାରୁ ସେମାନେ ଲାଭବାନ୍ ହେଉଛନ୍ତି। କ୍ଲଷ୍ଟରଗୁଡ଼ିକରେ ଆରମ୍ଭ ହୋଇଥିବା ନୂତନ ବୈଷୟିକ ଜ୍ଞାନର ପ୍ରୟୋଗ ଫଳରେ ଉତ୍ପାଦିକା ଶକ୍ତି ବହୁଗୁଣିତ ହୋଇଛି ଓ ଫସଲ ଅମଳ ସହଜ ହୋଇପାରିଛି ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା କହିଛନ୍ତି। କୋଭିଡ୍ ସମୟରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ 'ମିଶନ ଜୀବିକା' କାର୍ଯ୍ୟକ୍ରମରେ ବୈଷୟିକ ତଥ୍ୟ ପ୍ରଦାନ, ବିହନ ଓ ସାର ଯୋଗାଣ ଭଳି ବିଭିନ୍ନ ପଦକ୍ଷେପ ନିଆଯାଇ ନିଯୁକ୍ତି ସୃଷ୍ଟି ସହିତ ଜନଜାତିଙ୍କ ପୋଷଣୀୟ ଜୀବିକା ସମୃଦ୍ଧ ହୋଇପାରିଛି ବୋଲି ବିଭାଗୀୟ ନିର୍ଦ୍ଦେଶିକା(ଏସ୍‌ଟି) ତଥା ଓଟିଡିଏସ୍ ସିଇଓ ଗୁହା ପୁନମ ତାପସ କୁମାର କହିଛନ୍ତି।

## ନନ୍ଦନକାନନରେ ଧଳା ମୟୂର ମୃତ, କଟାସ ଶାବକ ଜନ୍ମ

**ବାରଙ୍ଗ, ୧୫।୬(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଦୁଇଦିନ ମଧ୍ୟରେ ଗୋଟିଏ ଧଳା ମୟୂରର ମୃତ୍ୟୁ ହୋଇଥିବା ବେଳେ ଗୋଟିଏ କଟାସ ଶାବକ ଜନ୍ମ ହୋଇଛି। ପ୍ରାଣୀ ଉଦ୍ୟାନର ବିହଙ୍ଗ ସାରଣୀରେ ରହୁଥିବା ବୟସାଧିକ ମାଈ ଧଳା ମୟୂର ବାର୍ଦ୍ଧକ୍ୟ ରୋଗରେ ପୀଡ଼ିତ ଥିଲା। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ମୟୂରର ମୃତ୍ୟୁ ଘଟିଛି। ମୟୂରଟି ଯକୃତ ରୋଗରେ ମୃତ୍ୟୁ ଘଟିଛି ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଏହି ପ୍ରଜାତିର ମୟୂର ଭାରତର ଶୁଷ୍କ ଜଙ୍ଗଲିଆ ଅଞ୍ଚଳରେ ଦେଖାଯାଆନ୍ତି। ମାଈ ମୟୂର ଥରକେ ୪ରୁ ୮ଟି ଅଣ୍ଡା ଦେଇଥାନ୍ତି। ୨୮ ଦିନପରେ ଅଣ୍ଡା ଫୁଟାଇଥାନ୍ତି। ସେହିପରି ଉଦ୍ୟାନର ୩୭ ନମ୍ବର (ଚ) ଖୁଆଡରେ ରହୁଥିବା ମାଈ କଟାସ ସୋମବାର ଗୋଟିଏ ଶାବକ ଜନ୍ମ ଦେଇଛି। ମାଆ ଓ ଶାବକ ସୁସ୍ଥ ଥିବା ଜଣାପଡ଼ିଛି। ଏମାନେ ରାତ୍ରିଚର ପ୍ରାଣୀ ଏବଂ ବୁଦାଳିଆ ଜଙ୍ଗଲ ତଥା ଶୁଷ୍କ ଅଭୟାରଣ୍ୟରେ ବସବାସ କରନ୍ତି। ଏମାନଙ୍କ ଗର୍ଭଧାରଣ ସମୟ ୬୦ରୁ ୭୦ଦିନ ଅଟେ। ଏମାନଙ୍କ ସୁରକ୍ଷା ପାଇଁ ଭାରତୀୟ ବନ୍ୟପ୍ରାଣୀ(ସୁରକ୍ଷା) ଆଇନ ୧୯୭୨ର ତଫସିଲ ୨ଭାଗ, ୨ ଭୁକ୍ତ କରାଯାଇ ସୁରକ୍ଷା ଦିଆଯାଉଛି।

## ଘୋଡାହାଡ଼ ଡ୍ୟାମ ଅଞ୍ଚଳରେ ବାଘ ଆତଙ୍କ

ଦିଗପହଣ୍ଡି, ୧୫।୬(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଖମାରି ଗାଁ ନିକଟ ଘୋଡ଼ାହାଡ଼ ଡ୍ୟାମ ଅଞ୍ଚଳରେ କିଛିଦିନ ହେଲା ଏକ କଲରାପତରିଆ ବାଘ ଘୁରି ବୁଲୁଛି। ଏହା ଜଣାପଡ଼ିବା ପରେ ସମ୍ପୃକ୍ତ ଅଞ୍ଚଳରେ ସନ୍ଧ୍ୟା ହେଲେ

**ବନବିଭାଗ ପାଖରେ ଖବର ନାହିଁ**

ତାଟି କବାଟ ପଡିଯାଉଛି। ବାଘଟି ନିୟମିତ ବ୍ୟବଧାନରେ ଘୋଡ଼ାହାଡ଼ ଡ୍ୟାମ ଉପରମୁଣ୍ଡରେ ଥିବା ଘଞ୍ଚ ଜଙ୍ଗଲରୁ ବାହାରି ଡ୍ୟାମ ନିକଟକୁ ଆସି ପାଣି ପିଏ। ଗତ ରବିବାର ବାଘ ପାଣି ପିଉଥିବା ବେଳେ କେତେଜଣ ଯୁବକ ତା ହାବୁଡ଼ରେ ପଡ଼ିଥିଲେ। ପରେ ଜଣେ ଯୁବକ ଅତି ସନ୍ତର୍ପଣରେ ବାଘ ଡ୍ୟାମର ପଥର ବନ୍ଧ ତଳକୁ ଓହ୍ଲାଇ ପାଣି ପିଉଥିବାର ଫଟୋ ଉଠାଇ ମଙ୍ଗଳବାର ଭାଇରାଲ କରିଥିବା ସୂଚନା ମିଳିଛି। ଦିଗପହଣ୍ଡି ବନବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଏବଂ କଂଗ୍ରେସ କାର୍ଯ୍ୟ କର୍ତ୍ତା ବାଲ୍ମୀକି ବେହେରା ଦାବି କରିଛନ୍ତି। ଏ ନେଇ ଦିଗପହଣ୍ଡି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକଙ୍କୁ ପଚାରିବାରୁ ଏ ସମ୍ପର୍କରେ ବିଭାଗ ନିକଟରେ କୌଣସି ଖବର ନଥିବା କହିଛନ୍ତି।



ବାଘ ଡ୍ୟାମର ପଥର ବନ୍ଧ ତଳକୁ ଓହ୍ଲାଇ ପାଣି ପିଉଛି।

## ୪ ବାଇକ ଜବତ, ୪ ଗିରଫ



**ଭୁବନେଶ୍ୱର, ୧୫।୬(ବ୍ୟୁରୋ):** ଚୋରା ବାଇକ ବିକ୍ରି ବେଳେ ୪ ଜଣ ଅଭିଯୁକ୍ତଙ୍କୁ ସହୀଦନଗର ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ପଥରବନ୍ଧ ବସ୍ତିର ବିକୁ ସିଂ, ରବି ସିଂ, ରାଜା ସିଂ ଓ ସୁଶାନ୍ତ ସିଂ। ସେମାନଙ୍କଠାରୁ ୪ ଚୋରା ବାଇକ ଜବତ କରାଯାଇଛି। ଅଭିଯୁକ୍ତମାନେ ବିଭିନ୍ନ ଅଞ୍ଚଳରୁ ବାଇକ ଚୋରି କରି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକଙ୍କୁ ଅଧା ଦାମ୍‌ରେ ବିକ୍ରି କରନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅଭିଯୁକ୍ତମାନେ ଭିଏସ୍‌ଏସ୍ ନଗର ଉଭରବ୍ରିଜ୍ ନିକଟରେ ଗାଡିଗୁଡିକୁ ବିକ୍ରି କରିବାକୁ ଯୋଜନା କରୁଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଏ ନେଇ ଥାନାରେ ମାମଲା(ନଂ.୨୩୯/୨୧) ରୁଜୁ ହୋଇଛି।

## ୧୯ କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମ ସମର୍ପଣ କରିଥିବା ମାଓବାଦୀ।

ମାଲକାନଗିରି, ୧୫।୬(ଡି.ଏନ.ଏ)

ମାଲକାନଗିରି ସୀମାନ୍ତ ତେଲେଙ୍ଗାନା ରାଜ୍ୟର ଭଦ୍ରାଦି କତାଗୁଡମ୍ ଜିଲା ଏସ୍‌ପି ଏବଂ ସିଆରପିଏଫ୍-୧୪୧ ବାଟାଲିୟନ୍ କମାଣ୍ଡାଣ୍ଟଙ୍କ ନିକଟରେ ମଙ୍ଗଳବାର ୩ ମହିଳାଙ୍କ ସହ ୧୯ ମିଲିସିଆ କ୍ୟାଡର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀମାନେ ମାଓବାଦୀ ସଙ୍ଗଠନର ଦୁମୁଗୁଡେମ୍ ମଣ୍ଡଳ ସଦସ୍ୟାସଦସ୍ୟବୋଲି ଜଣାପଡିଛି। ଏମାନେ ଚେର୍‌ଲା ଏରିୟା କମିଟିରେ କାର୍ଯ୍ୟ କରୁଥିଲେ। ଏମାନେ ମାଓବାଦୀ କାର୍ଯ୍ୟ କଳାପରେ ଲିପ୍ତ ରହି କ୍ୟାଡର ମାଓବାଦୀଙ୍କୁ ପୋଲିସ ଗତିବିଧି ସମ୍ପର୍କରେ ସୂଚନା ଦେବା ସହ ବିଭିନ୍ନ ବୈଠକରେ ଲୋକମାନଙ୍କୁ ଏକାଠି କରିବା, ଖାଦ୍ୟପେୟ ସଂଗ୍ରହ କରିବା ଏବଂ ସୁରକ୍ଷା କର୍ମୀ,ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି କରୁଥିଲେ। ସିଆରପିଏଫ, ସ୍ଥାନୀୟ ପୋଲିସ ପ୍ରତିଦିନ କୋମ୍ବିଂ ଅପରେଶନ, ଯବାନଙ୍କ ବିଭିନ୍ନ ଅଞ୍ଚଳରେ କଡା ପ୍ରହରା କାରଣରୁ ଏହି ମିଲିସିଆମାନେ ସେମାନଙ୍କ କାର୍ଯ୍ୟ କଳାପ କରି ନ ପାରି ଶେଷରେ ଆତ୍ମସମର୍ପଣ କରିଥିବା କହିଛନ୍ତି। ତେଲେଙ୍ଗାନା ସରକାରଙ୍କ ଆତ୍ମସମର୍ପଣ ଓ ଥଇଥାନ ନୀତି ଅନୁସାରେ ସେମାନଙ୍କୁ ଥଇଥାନ କରାଯିବ। ଅନ୍ୟ ମାଓବାଦୀମାନେ ମଧ୍ୟ ସଙ୍ଗଠନ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି।

## କୋର୍ଟ ଖୋଲିଲେ ବୟାନ ରେକର୍ଡ

ଭୁବନେଶ୍ୱର, ୧୫।୬(ବ୍ୟୁରୋ)

ଅବସରପ୍ରାପ୍ତ ଜିଲାପାଳଙ୍କ ଘରେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ୧୨ବର୍ଷର ନାବାଳିକାଙ୍କୁ ଉଦ୍ଧାର ଘଟଣାରେ ନୟାପଲ୍ଲୀ ଥାନା ପୋଲିସ ପକ୍ଷରୁ ହ୍ୟୁମାନ ଟ୍ରାଫିକିଂ ଆକ୍ଟ ଅନୁସାରେ ମାମଲା (ନଂ.୨୯୩/୨୧) ରୁଜୁ କରାଯାଇଛି। ଆଇପିସି ଦଫା ୩୭୦, ୩୪୨ ଓ ୩୪ ଲଗାଯାଇଛି। କୋର୍ଟ ଖୋଲିବା ପରେ ନାବାଳିକା ଓ ତାଙ୍କ ମା'ଙ୍କ ବୟାନ ରେକର୍ଡ କରାଯିବ। ଏହି ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ସାହୁ କହିଛନ୍ତି। ଅନ୍ୟପକ୍ଷରେ ଉଦ୍ଧାର ନାବାଳିକାଙ୍କୁ କଳିଙ୍ଗ ବିହାରସ୍ଥିତ ବିଶ୍ୱ ଜୀବନ ସେବା ସଂଘରେ ରଖାଯାଇ କାଉନ୍‌ସେଲିଂ କରାଯାଉଛି। କେଉଁ ପରିପେକ୍ଷୀରେ ନାବାଳିକା ଜଣକ ଅବସରପ୍ରାପ୍ତ ଜିଲାପାଳଙ୍କ ଘରକୁ ଆସିଥିଲେ, ସେଠାରେ ସେ କିଭଳି ରହୁଥିଲେ, ଏପରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି। ପୋଲିସ ତଦନ୍ତ ସରିବା ପରେ ନାବାଳିକାଙ୍କୁ ତାଙ୍କ ମା'ଙ୍କୁ ହସ୍ତାନ୍ତର କରାଯିବ ବୋଲି ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ବେଣୁଧର ସେନାପତି ସୂଚନା ଦେଇଛନ୍ତି।

**ଅବସରପ୍ରାପ୍ତ ଜିଲାପାଳଙ୍କ ଘରୁ ଶିଶୁ ଶ୍ରମିକ ଉଦ୍ଧାର ଘଟଣା**

ପ୍ରକାଶ ଥାଉକି, ଉଦ୍ଧାର ନାବାଳିକାଙ୍କ ଘର ବ୍ରହ୍ମପୁର ଜିଲାରେ। ତାଙ୍କ ବାପା ଜଣେ ରିକ୍ସା ଚାଳକ ହୋଇଥିବା ବେଳେ ମା' ପର ଘରେ କାମ କରନ୍ତି। ସେ ପଞ୍ଚମ ଶ୍ରେଣୀରେ ପଢୁଥିବାବେଳେ ୨୦୨୦ ନଭେମ୍ବର ମାସରେ ଉକ୍ତ ନାବାଳିକାଙ୍କୁ ଅବସରପ୍ରାପ୍ତ ଜିଲାପାଳ ଜଣକ ନୟାପଲ୍ଲୀସ୍ଥିତ ନିଜ ବାସଭବନରେ ରଖି ଘର କାର୍ଯ୍ୟରେ ନିୟୋଜିତ କରିଥିଲେ।

## ସଂକ୍ଷେପରେ

### ରପ୍ତାନି ୬୯.୩୫% ବଢ଼ିଲା

**ନୂଆଦିଲ୍ଲୀ,୧୫।୬:** ଚଳିତ ବର୍ଷ ମେ ମାସରେ ଦେଶ ମଧ୍ୟରୁ ରପ୍ତାନି ୬୯.୩୫% ବୃଦ୍ଧି ଘଟି ୩୨.୨୭ ବିଲିୟନ ଡଲାର ରହିଛି। ଇଞ୍ଜିନିୟରିଂ, ପେଟ୍ରୋଲିୟମ ପ୍ରଡକ୍ଟ, ଜୁଏଲେରି, ରତ୍ନପଥର ଭଳି ସାମଗ୍ରୀ ରପ୍ତାନି ଉନ୍ନତ ହେବାରୁ ଏଭଳି ସ୍ଥିତି ଦେଖାଯାଇଛି। ସେହିଭଳି ବାଣିଜ୍ୟ ନିଅଣ୍ଟ ୬.୨୮ ବିଲିୟନ ଡଲାର ରହିଥିବା ମଙ୍ଗଳବାର ସରକାର ଜାରି କରିଥିବା ଡାଟାରୁ ସାମ୍ନାକୁ ଆସିଛି। ୨୦୨୦ ମେ ମାସରେ ରପ୍ତାନି ୧୯ ବିଲିୟନ ଡଲାର ସ୍ତରରେ ରହିଥିବା ବେଳେ ୨୦୧୯ ମେ ମାସରେ ଏହା ୨୯.୮୫ ବିଲିୟନ ଡଲାର ସ୍ତରରେ ରହିଥିଲା। ୨୦୨୧ ମେ ମାସରେ ଆମଦାନୀ ୭୩.୬୪ ବୃଦ୍ଧି ଘଟି ୩୮.୫୫ ବିଲିୟନ ଡଲାର ଛୁଇଁଛି। ୨୦୧୯ ମେ ମାସରେ ଆମଦାନୀ ୪୬.୬୮ ବିଲିୟନ ଡଲାର ସ୍ତରରେ ରହିଥିଲା। ଏହି ସମୟରେ ବାଣିଜ୍ୟ ନିଅଣ୍ଟ ୩.୧୫ ବିଲିୟନ ଡଲାର ରହିଛି।

### ତ୍ୱରିତ ଇଣ୍ଟରନେଟ୍ ଯୋଗାଇବ ଫେସ୍‌ବୁକ୍

**ନୂଆଦିଲ୍ଲୀ,୧୫।୬:** ସୋସିଆଲ ମିଡିଆ କମ୍ପାନୀ ଫେସ୍‌ବୁକ୍ ଭାରତରେ ଲୋକଙ୍କୁ ତ୍ୱରିତ ଏବଂ ସୁଲଭ ଇଣ୍ଟରନେଟ୍ ସେବା ଯୋଗାଇଦେବ। ଏହି ଯୋଜନା କାର୍ଯ୍ୟକାରୀ କରାଇବା ଲାଗି ଏହା ଇଣ୍ଟରନେଟ୍ ସର୍ଭିସ୍ ପ୍ରଦାନକାରୀ ଡି-ଭଏସ୍ ଏବଂ ନେଟ୍‌ପ୍ଲସ୍ ସହ ଚୁକ୍ତିରେ ସାମିଲ ହୋଇଛି। ଏହାଦ୍ୱାରା ଫେସ୍‌ବୁକ୍ ବେଙ୍ଗାଲୁରୁ ଏବଂ ପଞ୍ଜାବର ବିଭିନ୍ନ ସହରରେ ୱାଇଫାଇ ହଟ୍‌ସ୍ପଟ୍ ଦ୍ୱାରା ଇଣ୍ଟରନେଟ୍ ସେବା ପ୍ରଦାନ କରିବ। ମୁମ୍ବାଇର ଧରାବୀଠାରୁ ଆରମ୍ଭକରି ଶିଲଂ, ଆଇଜଲ, ଭଦୋଦରା, ରାଜକୋଟ ସମେତ ଦେଶର ଅନ୍ୟ ସହରଗୁଡ଼ିକ ଫେସ୍‌ବୁକ୍‌ର ୱାଇଫାଇ ପ୍ଲାଟ୍‌ଫର୍ମ ସହ ଯୋଡ଼ିହେବ। ଏଭଳି ପଦକ୍ଷେପ ଦ୍ୱାରା ନୂଆ ଆର୍ଥିକ ସୁଯୋଗ, ଉଦ୍ଭାବନ, ନିଜକୁ ପରିପ୍ରକାଶ କରିବା ଏବଂ ବାଣିଜ୍ୟ ଭଳି ସୁଯୋଗ ସୃଷ୍ଟି ହେବ ବୋଲି ଫେସ୍‌ବୁକ୍ ଇଣ୍ଡିଆର ନିର୍ଦ୍ଦେଶକ ଏବଂ ସହଭାଗିତା ମୁଖ୍ୟ ମନୀଷ ଚୋପ୍ରା ସୂଚନା ଦେଇଛନ୍ତି। ଫେସ୍‌ବୁକ୍‌ର 'ଏକ୍ସପ୍ରେସ୍ ୱାଇଫାଇ' ଏକ ସଫ୍ଟୱେର ପ୍ଲାଟ୍‌ଫର୍ମ ଯାହା ମୋବାଇଲ ଅପରେଟର, ସାଟେଲାଇଟ ଅପରେଟର ଏବଂ ଇଣ୍ଟରନେଟ୍ ସର୍ଭିସ୍ ପ୍ରଦାନକାରୀଙ୍କୁ ସେମାନଙ୍କ ୱାଇଫାଇ ବିଜ୍‌ନେସ୍ ମନେଟାଇଜ କରିବାକୁ ସୁବିଧା ପ୍ରଦାନ କରିବ।

# ତେଲ ଦରରେ ଲାଗିପାରେ ଲଗାମ

**ପେଟ୍ରୋଲିୟମ ଷ୍ଟାଣ୍ଡିଂ କମିଟି ବୈଠକ ୧୭ରେ**



**ନୂଆଦିଲ୍ଲୀ,୧୫।୬**

ଦେଶ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ଦର ବର୍ତ୍ତମାନ ୧୦୦ ଟଙ୍କା ସ୍ତର ଛୁଇଁଛି। ଏବେ ଲୋକଙ୍କୁ ଦରଦାମ ବୃଦ୍ଧି ବୋଝ ହୋଇଛି। କରୋନା ମହାମାରୀ ସମୟରେ ଲୋକମାନେ ବର୍ତ୍ତମାନ ତେଲ ଦର ସହ ଅନ୍ୟ ସାମଗ୍ରୀ ଦର ବୃଦ୍ଧି ଯୋଗୁ ନାହିଁ ନ ଥିବା ସମସ୍ୟା ଦେଇ ଗତି କରୁଛନ୍ତି। ତେଲ ଦର ବୃଦ୍ଧିକୁ ରୋକିବା ଲାଗି ସରକାର ଶୀଘ୍ର କିଛି ପଦକ୍ଷେପ ନେଇପାରନ୍ତି ବୋଲି ଶୁଣାଯାଉଛି। ପେଟ୍ରୋଲ, ଡିଜେଲ ମୂଲ୍ୟ ସ୍ଥିର ରଖିବା କିମ୍ବା ହ୍ରାସ କରିବା ନେଇ ପେଟ୍ରୋଲିୟମ ଷ୍ଟାଣ୍ଡିଂ କମିଟି ବୈଠକ ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି।

ରାଷ୍ଟ୍ରାୟତ୍ତ ତେଲ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍(ଆଇଓସିଏଲ୍), ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ବିପିସିଏଲ୍) ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ଏଚ୍ ପିସିଏଲ୍)ର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ତେଲ ଦର ବୃଦ୍ଧିର କାରଣ ଏବଂ ଏହି ସମସ୍ୟାରୁ କିଭଳି ରକ୍ଷା ମିଳିପାରିବ ସେ ନେଇ ଅଧିକାରୀମାନେ ଆଲୋଚନା କରିବେ। ପେଟ୍ରୋଲିୟମ ଆଣ୍ଡ ନାଚୁରାଲ ଗ୍ୟାସ୍ କମିଟିର ଅଧ୍ୟକ୍ଷ ରମେଶ ବି. ବୈଠକରେ ଅଧ୍ୟକ୍ଷତା କରିବେ।

ବର୍ତ୍ତମାନ ଦେଶର ୭ ରାଜ୍ୟରେ ପେଟ୍ରୋଲ ଲିଟର ପିଛା ଦର ୧୦୦ ଟଙ୍କା ଟପିଛି। ଏଭଳି ସ୍ଥିତିରେ ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ଡିଜେଲ ଦର ୧୦୦ ଟଙ୍କାରେ ବିକ୍ରି ହେଉଛି। ଜୁନ୍‌ରେ ଅଦ୍ୟାବଧି ପେଟ୍ରୋଲ, ଡିଜେଲ ଦର ୮ ଥର ବୃଦ୍ଧି ଘଟିଛି। ଗତ ଗୋଟିଏ ବର୍ଷରେ ତେଲ ଦର ବୃଦ୍ଧିକୁ ବିଚାରକୁ ନେଲେ ଜଣାପଡ଼ିବ ଯେ,୨୦୨୦ ଜୁନ୍ ରେ ପେଟ୍ରୋଲ ଲିଟର ପିଛା ୭୫.୭୮ ଟଙ୍କା ଏବଂ ଡିଜେଲ ୭୪.୦୩ ଟଙ୍କା ସ୍ତରରେ ଥିଲା। ବର୍ତ୍ତମାନ ପେଟ୍ରୋଲ ୯୬.୪୧ ଏବଂ ଡିଜେଲ ୮୭.୨୮ ଟଙ୍କା ସ୍ତର ଛୁଇଁଛି। ଗତ ଗୋଟିଏ ବର୍ଷରେ ପେଟ୍ରୋଲ ୨୦.୬୩ ଟଙ୍କା ଏବଂ ଡିଜେଲ ୧୩.୩୦ ଟଙ୍କାରୁ ଉର୍ଦ୍ଧ୍ୱ ମହଙ୍ଗା ହୋଇଛି।

Happy 50th Anniversary!!!
16th June, 2021



Smt Girija Devi
Sri Anam Charan Parija
At: Biritol, Jagatsinghpur/ Nuapada, Nayabazar, Cuttack
Keep on looking adorable as you age together.
Best wishes from: Children, Grand Children and Relatives.
D-20897

## ଚାଇନା ସାମଗ୍ରୀକୁ ୪୩% ଗ୍ରାହକଙ୍କ ନା

**ନୂଆଦିଲ୍ଲୀ,୧୫।୬**

ଲଦାଖର ଗଲ୍‌ୱାନ ଘାଟିରେ ଭାରତୀୟ ଓ ଚାଇନା ସେନା ମୁହାଁମୁହିଁ ହେବା ଘଟଣାକୁ ଗୋଟିଏ ବର୍ଷ ପୂରଣ ହୋଇଛି। ଏଥିରେ ଭାରତର ଅନେକ ଯବାନ ଶହୀଦ ହୋଇଥିଲେ। ଏହା ପରଠାରୁ ଉଭୟ ଦେଶର ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା। ଚାଇନା ଉପରେ କଟକଣା ସ୍ୱରୂପ ଭାରତ ସରକାର ଟିକ୍‌ଟକ୍ ସମେତ ଚାଇନାର ବିଭିନ୍ନ ଲୋକପ୍ରିୟ ମୋବାଇଲ ଆପ୍ଲିକେଶନ ଉପରେ କଟକଣା ଲଗାଇଥିଲେ। ଏହା ପରେ ଭାରତରେ ଚାଇନା ସାମଗ୍ରୀ ବର୍ଜନ ନେଇ ଅଭିଯାନ ଆରମ୍ଭ ହୋଇଥିଲା। ଗଲ୍‌ୱାନ ଘଟଣା ପରେ ଭାରତୀୟଙ୍କ ଚାଇନା ସାମଗ୍ରୀ ବ୍ୟବହାର ନେଇ ଆଭିମୁଖ୍ୟ ବଦଳିଥିବା ଦେଖାଯାଇଛି। ଲୋକାଲ ସର୍କଲ ପକ୍ଷରୁ କରାଯାଇଥିବା ଏକ ସର୍ଭେ ମୁତାବକ, ପ୍ରାୟ ୪୩% ଭାରତୀୟ ଗ୍ରାହକଙ୍କ ମେଡ୍ ଇନ୍ ଚାଇନା ସାମଗ୍ରୀ କ୍ରୟ କରି ନ ଥିବା ଜଣାପଡ଼ିଛି।

ରିପୋର୍ଟ ମୁତାବକ, ଗତ ଏକ ବର୍ଷ ମଧ୍ୟରେ ପ୍ରାୟ ୩୪% ଗ୍ରାହକ କେବଳ ଗୋଟିଏ କିମ୍ବା ୨ଟି ଚାଇନା ସାମଗ୍ରୀ କିଣିଛନ୍ତି। ସେହିଭଳି ୮% ଲୋକ ୩ରୁ ୫ ଚାଇନା ସାମଗ୍ରୀ କ୍ରୟ କରିଛନ୍ତି। ୪% ଗ୍ରାହକ ୫ରୁ ୧୦ଟି, ୩% ଗ୍ରାହକ ୧୦ରୁ ୧୫ଟି, ୧% ଗ୍ରାହକ ୧୦%ରୁ ଉର୍ଦ୍ଧ୍ୱ ଏବଂ ଅନ୍ୟ ୧% ଗ୍ରାହକ ଉକ୍ତ ଦେଶର ୧୫ରୁ ୨୦ ସାମଗ୍ରୀ କିଣିଥିବା ପ୍ରକାଶ ପାଇଛି।





୬% ଗ୍ରାହକ ଏ ନେଇ କୌଣସି ମତାମତ ରଖିନାହାନ୍ତି। ସର୍ଭେରେ ଦେଶର ୨୮୧ ଜିଲାକୁ ସାମିଲ କରାଯାଇଥିଲା। ଏଥିରେ ମୋଟ ୧୭,୮୦୦ ଲୋକ ସାମିଲ ହୋଇ ମତାମତ ରଖିଛନ୍ତି। ୬୦% ଗ୍ରାହକ କହିଛନ୍ତି, ୧ କିମ୍ବା ୨ଟି ଚାଇନା ସାମଗ୍ରୀ କିଣିଛନ୍ତି। ୭୦% କହିଛନ୍ତି, ମୂଲ୍ୟକୁ ଦେଖି ଚାଇନା ପ୍ରଡକ୍ଟ କିଣୁଛୁ। ସେହିଭଳି ସ୍ୱତନ୍ତ୍ରତା ଦୃଷ୍ଟିରୁ ୪୦% ଏବଂ ଗୁଣବତ୍ତାକୁ ନଜରରେ ରଖି ୩୮% ଲୋକ ସେହି ଦେଶର ସାମଗ୍ରୀ କିଣିଥିବା କହିଛନ୍ତି।

## ବିତ୍ତୀୟ ସମ୍ପତ୍ତି ୧୧% ବଢ଼ିଲା

**ମୁମ୍ବାଇ,୧୫।୬**

କୋଭିଡ୍ ମହାମାରୀ ସତ୍ତ୍ୱେ ୨୦୨୦ରେ ଭାରତର ବିତ୍ତୀୟ ସମ୍ପତ୍ତି ୧୧% ବଢ଼ି ୩.୪ ଟ୍ରିଲିୟନ ଡଲାର ଛୁଇଁଥିବା ଆଡଭାଇଜରି ଫାର୍ମ ବିଜିଜି ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। ବିତ୍ତୀୟ ସମ୍ପତ୍ତିରେ ଏଭଳି ବୃଦ୍ଧି ବିଗତ ୫ ବର୍ଷର ଚକ୍ରବୃଦ୍ଧି ବାର୍ଷିକ ବୃଦ୍ଧି ସହିତ ସମାନ। ରିୟଲ ଇଷ୍ଟେଟ ଏବଂ ଲାଏବିଲିଟିକୁ ଛାଡ଼ିଦେଲେ ଅନ୍ୟ ମୋଟ ସମ୍ପତ୍ତିକୁ ଏଥିରେ ବିଚାର କରାଯାଇଛି। ମହାମାରୀର ପ୍ରାରମ୍ଭିକ ଦିନଗୁଡ଼ିକରେ ଭାରତୀୟ ଷ୍ଟକ୍ ବଜାର ପ୍ରଭାବିତ ରହିଥିଲା। ମାତ୍ର ଏପ୍ରିଲ ପରଠାରୁ ଏଥିରେ ପୁଣି ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଏହାକୁ ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ସେହିଭଳି ମହାମାରୀରେ ଆୟରେ ବୈଷମ୍ୟ ଏବଂ ବିଭେଦତା ବଢ଼ିଛି, ଯାହାକୁ ନେଇ ବଜାର ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ଆଗାମୀ ବର୍ଷଗୁଡ଼ିକରେ ମଧ୍ୟ ସମ୍ପତ୍ତି ବୃଦ୍ଧି ଧାରା ଜାରି ରହିବ ବୋଲି କୁହାଯାଇଛି। ସେହିଭଳି ଆଗାମୀ ୫ ବର୍ଷରେ ୧୦୦ ନିୟୁତ ଡଲାରରୁ ଉର୍ଦ୍ଧ୍ୱ ସମ୍ପତ୍ତି ରଖିଥିବା ବ୍ୟକ୍ତିବିଶେଷଙ୍କ ସଂଖ୍ୟା ପ୍ରାୟ ୨ ଗୁଣ ବଢ଼ି ୧୪୦୦ ଛୁଇଁପାରେ। ସେହିଭଳି ବିଦେଶରେ ଭାରତୀୟଙ୍କ ସମ୍ପତ୍ତି ମଧ୍ୟ ଲଗାତର ବଢ଼ିଛି। ୨୦୨୫ ବେଳକୁ ଏଥିରେ ୬.୩% ବଢ଼ିପାରେ। ସେହିଭଳି ୨୦୨୫ ବେଳକୁ ରିୟଲ ଇଷ୍ଟେଟ ଅଭିବୃଦ୍ଧି ୧୮.୫ ଟ୍ରିଲିୟନ ଡଲାର ରହିପାରେ।

## ଏସିଆର ଦ୍ୱିତୀୟ ଧନୀ ସ୍ଥାନରୁ ଖସିଲେ ଆଦାନୀ

**ମୁମ୍ବାଇ,୧୫।୬**

ଆଦାନୀ ଗ୍ରୁପ୍ କମ୍ପାନୀରେ ନିବେଶ କରିଥିବା ବିଦେଶୀ ନିବେଶକଙ୍କ ଖାତା ଫ୍ରିଜ୍ ହେବା ଖବର ଆସିବା ପରେ ଆଦାନୀ ଗ୍ରୁପ୍‌ର ଶେୟାର ବୃହତ୍ ପରିମାଣରେ ଖସିଛି। ସେହିଭଳି କମ୍ପାନୀର ଅଧ୍ୟକ୍ଷ ଗୌତମ ଆଦାନୀ ଏସିଆର ଦ୍ୱିତୀୟ ଧନୀ ବ୍ୟକ୍ତି ସ୍ଥାନରୁ ଖସିଯାଇଛନ୍ତି। ଫୋର୍ବସ ରିପୋର୍ଟ ମୁତାବକ, ଶେୟାର ଖସିବା ଯୋଗୁ ଆଦାନୀଙ୍କ ନେଟ୍‌ୱର୍ଥ ୫.୪ ବିଲିୟନ ଡଲାର ବା ପ୍ରାୟ ୩୯ ହଜାର କୋଟି ଟଙ୍କା ହ୍ରାସ ଘଟିଛି। ଫଳରେ ସେ ଫୋର୍ବସ ତାଲିକାର



୧୬ତମ ସ୍ଥାନକୁ ଖସିଯାଇଛନ୍ତି। ଏସିଆର ଦ୍ୱିତୀୟ ଧନୀ ବ୍ୟକ୍ତିଙ୍କ ସ୍ଥାନରୁ ଖସିବା ପରେ ଆଦାନୀଙ୍କ ସ୍ଥାନ ଏବେ ଚାଇନାର ଝୋଙ୍ଗ ସାନ୍‌ସାନ୍ ହାସଲ କରିଛନ୍ତି। ଫଳରେ ଆଦାନୀ ତୃତୀୟ ସ୍ଥାନକୁ ଖସିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ସାନ୍‌ସାନ୍‌ଙ୍କ ସମ୍ପତ୍ତି ମାତ୍ର ୨.୪ ବିଲିୟନ ଡଲାର ଖସିଛି। ତାଙ୍କର ନେଟ୍‌ୱର୍ଥ ୭୦ ବିଲିୟନ ଡଲାର ରହିଛି। ସେହିଭଳି ଆଦାନୀଙ୍କ ନେଟ୍‌ୱର୍ଥ ୬୯.୫ ବିଲିୟନ ଡଲାରକୁ ଖସିଛି। ଆଦାନୀ ପୁଣି ଥରେ ଦ୍ୱିତୀୟ ସ୍ଥାନକୁ ଫେରିପାରନ୍ତି। ସେହିଭଳି ଏସିଆର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ ନିକଟରେ ୮୭.୭ ବିଲିୟନ ଡଲାରର ନେଟ୍‌ୱର୍ଥ ରହିଛି। ବର୍ତ୍ତମାନ ଅମ୍ବାନୀ ଏବଂ ଆଦାନୀଙ୍କ ମଧ୍ୟରେ ସମ୍ପତ୍ତି ବ୍ୟବଧାନ ବଢ଼ିଛି।

## ଏଚ୍‌ଡିଏଫ୍‌ସି ମୋବାଇଲ ବ୍ୟାଙ୍କିଙ୍ଗ୍‌ରେ ସମସ୍ୟା





**ମୁମ୍ବାଇ,୧୫।୬**

ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମୋବାଇଲ ବ୍ୟାଙ୍କିଙ୍ଗ୍ ବ୍ୟବହାର କରିବାରେ ଗ୍ରାହକ ମଙ୍ଗଳବାର ପ୍ରାୟ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ସମସ୍ୟା ସାମ୍ନା କରିଥିଲେ। ନେଟ୍‌ୱର୍କରେ ତ୍ରୁଟି ଯୋଗୁ ଏହି ବ୍ୟାଙ୍କ ପୂର୍ବରୁ ନିୟାମକଙ୍କ ନଜରରେ ରହିଥିବା ବେଳେ ପୁଣି ଥରେ ଏଭଳି ସମସ୍ୟା ଦେଖାଯାଇଛି। ଏହି ସମସ୍ୟାକୁ ଠିକ୍ କରାଯାଇଥିବା ବ୍ୟାଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଯଦି ଗ୍ରାହକ ମୋବାଇଲ ବ୍ୟାଙ୍କିଙ୍ଗ୍‌ରେ କୌଣସି ସମସ୍ୟା ସାମ୍ନା କରୁଥାନ୍ତି ତେବେ ଅନ୍ତରୀଣ ସମୟ ଲାଗି ଏହାର ବିକଳ୍ପ ଭାବେ ନେଟ୍ ବ୍ୟାଙ୍କିଙ୍ଗ୍‌କୁ ବ୍ୟବହାର କରିପାରିବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ଗ୍ରାହକ ସେବାରେ ସମସ୍ୟା ସାମ୍ନା କରିଥିବାରୁ ପ୍ରାଥମିକତା ଭିତ୍ତିରେ ଏହାର ଠିକ୍ କରାଯାଇଛି ବୋଲି ବ୍ୟାଙ୍କର କର୍ପୋରେଟ କମ୍ୟୁନିକେଶନ ଭର୍ଟିକାଲ ମୁଖ୍ୟ ରାଜୀବ ବାନାର୍ଜୀ ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଏଚ୍‌ଡିଏଫ୍‌ସିରେ ୩ ଥର ନେଟ୍‌ୱର୍କ ସମସ୍ୟା ଦେଖାଯାଇଛି। ଏହାକୁ ନେଇ ଆର୍‌ବିଆଇ ଏହି ବ୍ୟାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସିଷ୍ଟମକୁ ଉନ୍ନତ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ଏହାକୁ ନିର୍ଦ୍ଦେଶ ଦେବା ସହ ନୂଆ କାର୍ଡ ଜାରି କରିବା ଉପରେ କଟକଣା ଲଗାଇଥିଲା।

**ଫୁର୍‌ସତ୍**

# ବର୍ଷା ହିଁ ବର୍ଷା

**ଆସିଛି ମୌସୁମୀ। ଭିଜୁଛି ସାରା ଦେଶ। କେଉଁଠି ହାଲୁକା ତ ଅନ୍ୟ କେତେକ ସ୍ଥାନରେ ମୁଷଳଧାରାରେ ଆରମ୍ଭ ହୋଇଛି ବର୍ଷା। ପ୍ରତିବର୍ଷ ଜୁନ୍ ଦ୍ୱିତୀୟ ସପ୍ତାହ ବେଳକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବାହରେ ପ୍ରବଳ ବର୍ଷା ହୋଇଥାଏ। ତେବେ ପୃଥିବୀର ଏମିତି କେତେକ ସ୍ଥାନ ରହିଛି, ଯେଉଁଠାରେ ରେକର୍ଡ ସୃଷ୍ଟି କରିଛି ବର୍ଷା।**





**ନୂଆଦିଲ୍ଲୀ:** ଦକ୍ଷିଣରୁ ଉତ୍ତର। ପୂର୍ବରୁ ପଶ୍ଚିମ। ଦେଶର ଅଧିକାଂଶ ସ୍ଥାନକୁ ଭିଜାଉଛି ମୌସୁମୀ। ଗତ ସପ୍ତାହରେ ମୁମ୍ବାଇରେ ପ୍ରବଳ ବର୍ଷା ହୋଇଥିବାବେଳେ ଏବେ ପୂର୍ବ ଏବଂ ଉତ୍ତର ପୂର୍ବ ରାଜ୍ୟରେ ବର୍ଷା ଆରମ୍ଭ ହୋଇଛି। ବର୍ଷାଦିନେ ମୁମ୍ବାଇବାସୀଙ୍କ ଦୁଃଖ ବଢ଼ିଯାଏ। ଜୁଆରିଆ ସମୁଦ୍ରକୁ ପାଣି ନିଷ୍କାସନ ହୋଇ ନ ପାରିଲେ ତଳିଆ ଅଞ୍ଚଳରେ ସୃଷ୍ଟି ହୁଏ ଜଳାର୍ଣ୍ଣବ ପରିସ୍ଥିତି। ତେବେ ଭାରତ ତଥା ପୃଥିବୀର ଏଭଳି ଅନେକ ସ୍ଥାନ ରହିଛି, ଯେଉଁଠି ପ୍ରତିବର୍ଷ ରେକର୍ଡ ପରିମାଣର ବର୍ଷା ହୋଇଥାଏ। ଭୌଗୋଳିକ ଅବସ୍ଥିତି, ପାଣିପାଗ ଏବଂ ଭୂମିରୂପ ଏହାର ପ୍ରମୁଖ କାରଣ।

**ମାସେନରାମ:** ଉତ୍ତର ପୂର୍ବ ଭାରତୀୟ ରାଜ୍ୟ ମେଘାଳୟର ମାସେନରାମ ଗ୍ରାମ 'ବର୍ଷା ଗାଁ' ଭାବେ ପରିଚିତ। ଏଠାରେ ସର୍ବାଧିକ ୧୧ ହଜାର ୮୭୧ ମିଲିମିଟର ଯାଏ ବର୍ଷା ରେକର୍ଡ କରାଯାଇଛି, ଯାହା ବିଶ୍ୱରେ ସର୍ବାଧିକ। ବଙ୍ଗଳା ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହେଉଥିବା ବାଦଲ ହିମାଳୟର ଗିରିଶୃଙ୍ଗରେ ପିଟିହୋଇ ପ୍ରବଳ ବର୍ଷା କରାଏ।

**ଚେରାପୁଞ୍ଜି:** ମେଘାଳୟର ମାସେନରାମ ଗ୍ରାମଠାରୁ ହାରାହାରି ୧୫ କି.ମି. ଦୂରରେ ଅବସ୍ଥିତ ଚେରାପୁଞ୍ଜିରେ ମଧ୍ୟ ପ୍ରବଳ ବର୍ଷା ହୋଇଥାଏ। ଏଠାରେ ବାର୍ଷିକ ବର୍ଷାର ପରିମାଣ ହାରାହାରି ୧୧ ହଜାର ୭୭୭ ମିଲିମିଟର ଯାଏ ରେକର୍ଡ କରାଯାଇଛି। ଗ୍ରୀଷ୍ମଋତୁରେ ଏଠାକାର ସର୍ବାଧିକ ତାପମାତ୍ରା ୨୩ ଡିଗ୍ରୀ ପାର୍ କରେନାହିଁ। ମୌସୁମୀ ବାୟୁ ପ୍ରବେଶ କରିବା ସହିତ ଏହି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବୃଷ୍ଟିପାତ ହୋଇଥାଏ।

**ଟରଣ୍ଟୋ କଲମ୍ବିଆ:** ଦକ୍ଷିଣ ଆମେରିକାର କଲମ୍ବିଆରେ ଯଦିଓ ତାପମାତ୍ରା ଗରମ ରହିଥାଏ, ତଥାପି ଏଠାକାର କେତେକ ସ୍ଥାନରେ ଅଧିକ ବୃଷ୍ଟିପାତ ହୋଇଥାଏ। ଭଳି ୧୦୦୦ ଜନସଂଖ୍ୟା ବିଶିଷ୍ଟ ଟରଣ୍ଟୋରେ ବର୍ଷକୁ ଦୁଇଥର ବର୍ଷାଋତୁ ଅନୁଭୂତ ହୋଇଥାଏ। ଏଠାରେ ୧୧ ହଜାର ୭୭୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

**କ୍ରୋପ୍ ନଦୀ:** ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ରାଷ୍ଟ୍ର ନ୍ୟୁଜିଲାଣ୍ଡର ଜଳବାୟୁ ମୁଖ୍ୟତଃ ଶୁଷ୍କ। ହେଲେ ଏଠାରେ ଥିବା କ୍ରୋପ୍ ନଦୀ (କ୍ରୋପ୍ ରିଭର)ରେ ପ୍ରତିବର୍ଷ ମୁଷଳଧାରାରେ ବର୍ଷା ହୋଇଥାଏ। ମାତ୍ର ୯ କିଲୋମିଟର ଦୀର୍ଘ କ୍ରୋପ୍ ନଦୀ ଏବଂ ଏହାର ଅବବାହିକାରେ ବାର୍ଷିକ ୧୧ ହଜାର ୫୧୬ ମିଲିମିଟର ବର୍ଷ ହୋଇଥାଏ।

**ସାନ୍‌ଏଣ୍ଟୋନିଆ:** 'ୟୁରେକା' ନାମରେ ଜଣାଶୁଣା 'ସାନ୍ ଏଣ୍ଟୋନିଆ' ଆଫ୍ରିକା ମହାଦେଶରେ ଅବସ୍ଥିତ ଏହି ଗ୍ରାମ ବିଶ୍ୱର ସର୍ବାଧିକ ବୃଷ୍ଟିପାତ ଅଞ୍ଚଳ ଭାବେ ତାଲିକାଭୁକ୍ତ। ଏଠାରେ ବାର୍ଷିକ ୧୦ ହଜାର ୪୫୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।



## ଚା' ପତି ପ୍ରେମୀ ଆଲିଆ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଏବଂ ଅଭିନେତା ବରୁଣ ଧାୱନ ପରସ୍ପରର ଭଲ ବନ୍ଧୁ। ଉଭୟ ଅନେକ ହିଟ୍ ଫିଲ୍ମରେ ଏକାଠି କାମ କରିଛନ୍ତି। ଉଭୟ କରଣ ଜୋହରଙ୍କ ଫିଲ୍ମ ଷ୍ଟୁଡେଣ୍ଟ ଅଫ ଦି ଇୟରରୁ କ୍ୟାରିୟର ଆରମ୍ଭ କରିଥିଲେ। ପରେ ବଦ୍ରିନାଥ କି ଦୁଲହନିଆ, ହମ୍ପ୍ଟି ଶର୍ମା କି ଦୁଲହନିଆ, କଳଙ୍କ ଭଳି ଚଳଚ୍ଚିତ୍ରରେ ଏକାଠି କାମ କରିଛନ୍ତି। ଏକ ସାକ୍ଷାତକାରରେ ବରୁଣ ଆଲିଆ ଭଟ୍ଟଙ୍କ ବିଷୟରେ ଅନେକ କଥା ସାମ୍ନାକୁ ଆଣିଥିଲେ। ବରୁଣ କହିଥିଲେ, ବିଭିନ୍ନ ସହରକୁ ଯାଇ ଆଲିଆ ଗୋଟିଏ ଜିନିଷ ସଂଗ୍ରହ କରିବାର ଅଭ୍ୟାସ ଅଛି। ତାହା ହେଉଛି ଚା' ପତି। ଦୁନିଆର ବିଭିନ୍ନ ପ୍ରାନ୍ତରୁ ଚା' ସଂଗ୍ରହ କରିବା ଆଲିଆଙ୍କର ଏକ ଅଜବ ଅଭ୍ୟାସ ଅଛି। ଲିପଷ୍ଟିକ ଏବଂ ବ୍ୟାଗ୍ ବ୍ୟତୀତ ଆଲିଆ ବିଭିନ୍ନ ସ୍ଥାନରୁ ଆଉ କ'ଣ କିଣିବାକୁ ପସନ୍ଦ କରନ୍ତି ବୋଲି ବରୁଣଙ୍କୁ ପଚରାଯାଇଥିଲା। ସେ ଉତ୍ତରରେ କହିଥିଲେ, ଚା'। କେବଳ ଗ୍ରୀନ୍ ଟି ନୁହେଁ, ସମସ୍ତ ପ୍ରକାରର ଚା'ପତି କିଣିବାକୁ ଆଲିଆ ଭଲ ପାଆନ୍ତି।

## ମହିଳାଙ୍କୁ ବିନା ମେହରମ ହଜ୍ ଯାତ୍ରା ଅନୁମତି

**ସଉଦି ଆରବର ଐତିହାସିକ ନିଷ୍ପତ୍ତି**

**ଜେଦ୍ଦାହ:** ମୁସଲମାନ ମହିଳାମାନେ ଏବେ ମେହରମ ଅର୍ଥାତ୍ ପୁରୁଷ ଅଭିଭାବକଙ୍କୁ ସାଙ୍ଗରେ ନ ନେଇ ଏକୁଟିଆ ବାର୍ଷିକ ହଜ୍‌ଯାତ୍ରା କରିପାରିବେ। ସାଉଦି ଆରବର ହଜ୍ ମନ୍ତ୍ରଣାଳୟ ପକ୍ଷରୁ ଏହା ଘୋଷଣା କରାଯାଇଛି। ଏଥିପାଇଁ ନାମ ପଞ୍ଜୀକରଣ କରିବାକୁ ପଡ଼ିବ। ୧୮ରୁ ୬୫ ବର୍ଷୀୟା ମହିଳାମାନେ ବିନା ମେହରମରେ ଅନ୍ୟ କୌଣସି



ମହିଳାଙ୍କ ସହ ଯିବା ପାଇଁ ପଞ୍ଜୀକରଣ କରିପାରିବେ। ଆଗ୍ରହୀ ମହିଳା ଭାକ୍ସିନର ସବୁ ଡୋଜ୍ ନେଇସାରିଥିବେ, ଶେଷ ଡୋଜ୍ ଅନ୍ୟୂନ ୧୪ ଦିନ ପୂର୍ବରୁ ନେଇଥିବେ ଏବଂ କୋଭିଡ୍-୧୯ରୁ ଆରୋଗ୍ୟ ହୋଇସାରିଥିବା ଜରୁରୀ। ଜୁନ୍ ୧୩ରୁ ୨୩ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିବ। ଆବେଦନ ଚୟନର ପ୍ରକ୍ରିୟା ସ୍ୱାସ୍ଥ୍ୟ ଓ ନିୟାମକ ମାପଦଣ୍ଡ ଅନୁସାରେ ଜୁନ୍ ୨୫ରୁ ଆରମ୍ଭ ହେବ। ଏହି ଯାତ୍ରା ଜୁଲାଇରେ ହେବ। ଚଳିତ ବର୍ଷ ଏଥିରେ ବିଦେଶୀ ନାଗରିକ ଭାଗ ନେଇପାରିବେ ନାହିଁ। କେବଳ ସାଉଦି ଆରବର ନାଗରିକଙ୍କ ମଧ୍ୟରେ ଯାତ୍ରାକୁ ସୀମିତ ରଖାଯିବ। ମାତ୍ର ୬୦,୦୦୦ ଲୋକ ଏଥିରେ ସାମିଲ ହୋଇପାରିବେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି



ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶରତ କୁମାର ସୂତ୍ରଧର
(ପ୍ରତିଷ୍ଠାତା ସ୍ୱାଧୀନ ଫେସନ ୱେର)
Unit-4, ଭୁବନେଶ୍ୱର-୦୧
ଆବିର୍ଭାବ: ୨୪।୦୬।୧୯୭୨
ତିରୋଧାନ: ୦୬।୦୬।୨୦୨୧
ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଗଲ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, କର୍ତ୍ତବ୍ୟପରାୟଣତା ଚିରସ୍ମରଣୀୟ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସମସ୍ତ ବନ୍ଧୁ ଏବଂ ପରିବାରବର୍ଗ
ଧ-୨୦୮୯୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିଜନ କୁମାର ମିଶ୍ର
ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୮୯
ତିରୋଧାନ: ୨୩।୦୫।୨୦୨୧
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
PARENTS, EKAMRA COLLEGE AIR NCC ALUMNI & AIR NCC Bhubaneswar.
ଧ-୭୦୭୧୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଗୀତାରାଣୀ ଦାଶ
ଚୂଡ଼ଙ୍ଗ ସାହି, ପୁରୀ
ଆବିର୍ଭାବ: ୧୪।୧୧।୧୯୫୨
ତିରୋଧାନ: ୦୭।୦୬।୨୦୨୧
ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ହତଭାଗ୍ୟ ସ୍ୱାମୀ: ଲୋକନାଥ ଦାଶ, ବନ୍ଧୁ ଓ ଆତ୍ମୀୟସ୍ୱଜନବୃନ୍ଦ
ଧ-୨୦୮୯୧

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ଚକ୍ରଧର ମହାପାତ୍ର
ମାଧପୁର, ବରୁଆଁ, ଯାଜପୁର
ଆବିର୍ଭାବ: ୧୨।୧୦।୧୯୪୦
ତିରୋଧାନ: ୦୫।୦୬।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ:-
ପତ୍ନୀ: କଳ୍ପନା, ପୁଅ: ତ୍ରିନାଥ, ଝିଅ-ଜ୍ୱାଇଁ, ଭାଇ-ଭଉଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୮୯୫

## ବର୍ଷା ଦିନେ ଗୋରୁଙ୍କ ଯତ୍ନ



ବର୍ଷାଋତୁରେ ଗୋ-ମହିଷି ଏବଂ ବାଛୁରିଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ। ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ଏହି ମାସରେ ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ। ଗୋ-ମହିଷିଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ। ଏହି ଜ୍ୱରର ଉପଶମ ପାଇଁ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ। ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ। ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ। ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ। ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଗୁହାଳ ତଳ ଓଦା ରଖନ୍ତୁ ନାହିଁ। ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ।

## ପନିପରିବାରେ ଅଷ୍ଟପଦୀ ପୋକ ଲାଗିଲେ...



ପନିପରିବା ଫସଲରେ ଅଷ୍ଟପଦୀର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୪ ମିଲି ହିସାବରେ କେଲଥେନ କିମ୍ବା ଡାଇକୋଫଲ ମିଶା ସିଞ୍ଚନ କରନ୍ତୁ। ଦିନର ତାପମାତ୍ରା ବଢୁଥିଲେ ବାଇଗଣରେ ଝାଉଁଳା ରୋଗ ହେବାର ଆଶଙ୍କା ଅଛି। ତାହାର ନିୟନ୍ତ୍ରଣ ପାଇଁ ପ୍ରତି ୧୦ ଲିଟର ପାଣିରେ ଏକ ଗ୍ରାମ୍ ହିସାବରେ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ ସହିତ ୨୦ଗ୍ରାମ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ।

## ନଳିତା ଚାଷରେ ଘାସ ବଛା



ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ । ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଏବଂ ଘାସ ବଛା କରି ଗଛ ପତଳା କରି ଦିଅନ୍ତୁ, ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ । ଏହି ସମୟରେ ହେକ୍ଟର ପ୍ରତି ୨୦-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଏ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ । ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ବା ୧ ଲିଟର ଟ୍ରାଇଆଜୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

### ଲକ୍‌ଡାଉନରେ

# ଛତୁଚାଷୀଙ୍କ ସମସ୍ୟା ଓ ସମାଧାନ



କାଦମ୍ବିନୀ ରାୟ



ଧାନଚାଷ, ପରିବା ଚାଷ, ଦୁଗ୍ଧ ଉତ୍ପାଦନ ଭଳି ଆଜକୁ ୨୦/୩୦ ବର୍ଷ ହେବ ଆମ ରାଜ୍ୟର କେତେକ ଲୋକ ଛତୁଚାଷ, ମଞ୍ଜି ଉତ୍ପାଦନ, ଛତୁ ବିକ୍ରୟ କରି ଜୀବିକାର୍ଜନ କରୁଛନ୍ତି। ବିଶେଷକରି ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବାୟୁ ଅଧିକ ଆର୍ଦ୍ରତା ଥିବା ସହିତ ପାଳଛତୁ ପାଇଁ ଆବଶ୍ୟକୀୟ ଉତ୍ତାପ ମିଳୁଥିବା ଯୋଗୁ ବର୍ଷତମାମ ଲୋକମାନେ ପାଳଛତୁ କରୁଛନ୍ତି। ଅନ୍ୟାନ୍ୟ ଛତୁଗୁଡ଼ିକଠାରୁ ପାଳଛତୁର ସ୍ୱାଦ ଅତ୍ୟନ୍ତ ଉତ୍କୃଷ୍ଟ ଓ କମ୍ ଦିନ ଅର୍ଥାତ୍ ୧୨/୧୩ ଦିନରେ ଅମଳ ମିଳୁଥିବା ହେତୁ ଏହି ଛତୁଚାଷ କରିବା ପାଇଁ ଆମ ରାଜ୍ୟର

> "ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବାୟୁ ଅଧିକ ଆର୍ଦ୍ରତା ଥିବା ସହିତ ପାଳଛତୁ ପାଇଁ ଆବଶ୍ୟକ ଉତ୍ତାପ ମିଳୁଥିବାରୁ ଏଠାରେ ଲୋକେ ବର୍ଷତମାମ ପାଳଛତୁ କରୁଛନ୍ତି। ଅନ୍ୟାନ୍ୟ ଛତୁଗୁଡ଼ିକଠାରୁ ପାଳଛତୁର ସ୍ୱାଦ ଉତ୍କୃଷ୍ଟ ଓ କମ୍ ଦିନ ଅର୍ଥାତ୍ ୧୨/୧୩ ଦିନରେ ଅମଳ ହେଉଥିବାରୁ ଏହି ଛତୁ ଚାଷ ପାଇଁ ଆମ ରାଜ୍ୟରେ ଅଧିକ ଆଗ୍ରହ ପ୍ରକାଶ ପାଉଛି।"

ଲୋକମାନେ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି। ଫଳରେ ରାଜ୍ୟରେ ବହୁଳ ଭାବରେ ପାଳଛତୁ ଉତ୍ପାଦନ କରାଯାଇ ରାଜ୍ୟର ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତରେ ପ୍ରତିଦିନ ମାଛ, ମାଂସ, ଦୁଗ୍ଧ, ଅଣ୍ଡା ଭଳି ବିକ୍ରୟ ହେଉଛି। ତା' ସହ ବାହାର ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକୁ ମଧ୍ୟ ଯୋଗାଇ ଦିଆଯାଉଛି। ଏହା ବ୍ୟତୀତ ୨/୩ ମାସ ଶୀତଦିନରେ ଧିଙ୍ଗିରୀ ଛତୁ ଉତ୍ପନ୍ନ କରାଯାଇ ରାଜ୍ୟରେ ବିକ୍ରୟ ହେଉଛି। ବାହାରୁ ଶୀତଦିନରେ ଧିଙ୍ଗିରୀ ଛତୁ ଆଣି ରାଜ୍ୟରେ ବିକ୍ରୟ ହେଉଛି। ବାହାରୁ ଶୀତଦିନରେ ବିଶେଷକରି ପୁନା, ଆକୋଲା ଓ ଦିଲ୍ଲୀର ବଡ଼ ଶିଳ୍ପପତିଙ୍କ ଦ୍ୱାରା ଉତ୍ପନ୍ନ ବୋତାମ ଛତୁ ମଧ୍ୟ ଆମ ରାଜ୍ୟରେ ବିକ୍ରୟ ହେଉଛି। ଶୀତଦିନରେ ଆମ ରାଜ୍ୟର ସମସ୍ତ ସହରରେ ପାଳଛତୁ, ଧିଙ୍ଗିରୀ ଛତୁ ଓ ବୋତାମ ଛତୁ ଉପଲବ୍ଧ ହୋଇଥାଏ। ଅନ୍ୟ ରାଜ୍ୟରେ ଏହିଭଳି ୨/୩ ପ୍ରକାର ଛତୁ ବିକ୍ରୟର ବ୍ୟବସ୍ଥା ନାହିଁ।

ପାଳଛତୁ ଭଳି ଗରମ ପାଣିପାଗରେ ଅନ୍ୟ ଏକ ଛତୁ ଦୁଧଛତୁ ଉତ୍ପାଦନ ଆମ ରାଜ୍ୟରେ କରାଯାଇ ପାରିବାର ସମ୍ଭାବନା ଅଛି। ୧୫/୨୦ ବର୍ଷ ପୂର୍ବରୁ ଦୁଧଛତୁର ଉତ୍ପାଦନ କୌଶଳ ଆମ ପାଣିପାଗରେ କରାଯିବା ପାଇଁ ପ୍ରଣାଳୀ ପ୍ରସ୍ତୁତ ପ୍ରାକ୍ତନ ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର କରିଯାଇଛନ୍ତି। ଦୁଧଛତୁ ପାଳଛତୁ ଭଳି ସୁଆଦିଆ ନ ହେଲେ ମଧ୍ୟ ପ୍ରେସରକୁକରରେ ୨ଟି ହୁଇସିଲ୍ ପର୍ଯ୍ୟନ୍ତ ସିଝାଇ ରାନ୍ଧିଲେ ସ୍ୱାଦିଷ୍ଟ ବ୍ୟଞ୍ଜନରେ ପରିଣତ ହୁଏ। ଦୁଧଛତୁର ଭଲଗୁଣ ୨/୩ଦିନ ପର୍ଯ୍ୟନ୍ତ ତାଜା ରହିପାରିବ। ମାତ୍ର ପାଳଛତୁ ୧୫/୨୦ ଘଣ୍ଟା ପରେ ସତେଜତା ହରାଇବ। ଧିଙ୍ଗିରୀ ଛତୁର ଅବସ୍ଥା ମଧ୍ୟ ସେୟା ୨୨/୨୪ଘଣ୍ଟା ଭିତରେ ଶଢ଼ିଯିବ।

ବିଗତ ୩/୪ମାସ ହେବ କୋଭିଡ୍-୧୯ ଭୂତାଣୁ କବଳରୁ ଆମ ରାଜ୍ୟବାସୀଙ୍କୁ ରକ୍ଷା କରିବା ପାଇଁ ଆମ ରାଜ୍ୟ ସରକାରଙ୍କ ଦ୍ୱାରା ଶନିବାର ଓ ରବିବାର କିମ୍ବା ଛୁଟିଦିନରେ ଲକ୍‌ଡାଉନ ନଚେତ୍ ଶଟ୍‌ଡାଉନ କରାଯାଉଛି। ଏହାଦ୍ୱାରା ଛତୁଚାଷୀ ଓ ଛତୁ ବ୍ୟବସାୟୀମାନେ ଛତୁ ବିକ୍ରୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଛତୁ ଶଢ଼ିଯାଉଛି କିମ୍ବା ଅଦରରେ ବିକ୍ରୟ କରି ଚାଷୀ ବା ବ୍ୟବସାୟୀ ତା'ର ମୂଳତକ ଧରି ମୁଣ୍ଡରେ ହାତ ମାରି ରହୁଛନ୍ତି। ଏହାର ସମାଧାନର ବାଟ ହେଉଛି ଛତୁକୁ ଆଚାର କରାଯାଇ ସୁବିଧାଜନକ ସମୟରେ ବିକ୍ରୟ କରାଯାଇ ପାରିବ। ଏହାଦ୍ୱାରା ଶଟ୍‌ଡାଉନ ଯୋଗୁ ଛତୁକୁ ଶଢ଼ିବାରୁ ରକ୍ଷା କରିବା ସହିତ ମଜା ଛତୁଠାରୁ ଆଚାର ବିକ୍ରୟରେ ଅଧିକ ଆୟ ମିଳିବ। ଅତୀତରେ ବିଭିନ୍ନ ସ୍ଥାନରେ କିଛି ଛତୁ ଚାଷୀ ଛତୁ ଆଚାର ବିକ୍ରୟ କରି ଭଲ ଆୟ କରିଛନ୍ତି। ଲୋକମାନଙ୍କ ଭିତରେ ଛତୁ ସହିତ ଛତୁ ଆଚାରର ଚାହିଦା ରହିଛି। ବିଭିନ୍ନ କିସମର ଲୋକମାନଙ୍କର ସ୍ୱାଦକୁ ବିଚାର କରି ଖଟା ଆଚାର, ରାଗ ଛତୁ ଆଚାର, ଖଟା ଓ ମିଠା ଛତୁ ଆଚାର, ପରିବା ମିଶ୍ରଣ ଛତୁ ଆଚାର ଆଦି ବଜାରରେ ଉପଲବ୍ଧ ହେଲେ ମଜା ଛତୁ ସହିତ ଆଚାର ମଧ୍ୟ ଭଲ ବିକ୍ରୟ ହେବ।

ଏହା ବ୍ୟତୀତ ଛତୁ ମୁରୁବା, ଛତୁଚଟଣି, ଛତୁ ବଡ଼ି, ଛତୁ ନ୍ୟୁଡୁଲ, ଛତୁ ଇନ୍‌ଷ୍ଟାଣ୍ଟ ସୁପ ପାଉଡର କରିପାରିବା। ଛତୁକୁ ଶୁଖାଇ ଆଲୁମିନିୟମ ଫଏଲରେ ପ୍ୟାକିଂ କରି ମଧ୍ୟ ବିକ୍ରୟ କରିପାରିବା। ଖାଉଟି ପାକିଂରୁ ଶୁଖିଲା ଛତୁ ବାହାର କରି ଉଷୁମ ପାଣିରେ ବତୁରାଇବେ ଏବଂ ବିଭିନ୍ନ ତରକାରି କରିପାରିବେ। ବହୁବର୍ଷ ପୂର୍ବେ କୃଷି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରଦର୍ଶନୀରେ ଛତୁଷ୍ଟଲ ଦିଆଯାଇ ଛତୁଚାଷର ପ୍ରଦର୍ଶନ ସହିତ ଶୁଖିଲା ଛତୁରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ସାଧାରଣ ଖାଉଟିମାନଙ୍କୁ ଶୁଖିଲା ଛତୁର ବ୍ୟବହାର ଓ ବିଭିନ୍ନ ଛତୁ ଖାଦ୍ୟ ପ୍ରସ୍ତୁତି ସମ୍ବନ୍ଧରେ ଧାରଣା ଦିଆଯାଉଥିଲା।

ଏଥିସହିତ ଲୁଣପାଣି ଭରା ପାଉଚ ବା ଟିଣ ଡବାରେ ଛତୁ ସଂରକ୍ଷଣ କରାଯାଇ ସୁବିଧା ଦେଖି ବଜାରରେ ବିକ୍ରୟ କରାଯାଇପାରିବ।

ସରକାରଙ୍କ ପକ୍ଷରୁ ଫନୀ, ହୁଡହୁଡ ଭଳି ପ୍ରାକୃତିକ ଦୁର୍ବିପାକରେ ଅନ୍ୟ ଚାଷୀଙ୍କ ସହିତ ଛତୁଚାଷୀଙ୍କୁ ସାହାଯ୍ୟ ଯେଉଁଭଳି ଦିଆଯାଉଛି, ସେହିଭଳି ମାର୍କେଟିଂ ଓ ଖାଦ୍ୟ ପ୍ରକ୍ରିୟାକରଣରେ ସାହାଯ୍ୟ କରାଯାଉ।

ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ଛତୁ ଚାଷକୁ ଚାଷୀମାନେ ଗୁରୁତ୍ୱ ଦେଉଛନ୍ତି। ସେହି ଅନୁରୂପ ସରକାରୀ ପ୍ରୋତ୍ସାହନ ଅଧିକ ହେଲେ ଆମ ରାଜ୍ୟର ଛତୁ ସାରା ଦେଶରେ ବିକ୍ରୟ ହୋଇପାରିବାର ସମ୍ଭାବନା ଅଛି।

ଏ ବିଷୟରେ ଅଧିକ ଜାଣିବା ପାଇଁ ମ୍ୟୁଜିୟମ ଆସିଷ୍ଟାଣ୍ଟ, ଅଧ୍ୟକ୍ଷ, ସମ୍ପ୍ରସାରଣ ବିଭାଗ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରଙ୍କ ସହ ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରିପାରିବେ।

ମୋ: ୯୪୩୭୩୮୬୭୫୩
୭୭୩୫୧୬୦୭୫୫





## ସଂକ୍ଷେପରେ...



- ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ। ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୨ ମି.ଲି. କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ପ୍ରୟୋଗ କରନ୍ତୁ। ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ।
- ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ।
- ସୂର୍ଯ୍ୟମୁଖୀ ଚାଷରେ କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ। ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ। ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପରଅକ୍ସିକ୍ଲୋରାଇଡ୍ / ଥାୟୋଫ୍ୟାନେଟ୍ ମିଥାଇଲ୍ ୧.୫ ଗ୍ରାମ୍ / ଲିଟର ମିଶାଇ ସିଞ୍ଚନ କରନ୍ତୁ।

## ଚିନାବାଦାମରେ ସାର ପ୍ରୟୋଗ



ଚିନାବାଦାମ ଚାଷ କରୁଥିଲେ ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ। ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ। ଏହାପୂର୍ବରୁ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଳଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ। କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ।

## ଡାଲି ଜାତୀୟ ଫସଲ: ବିହନ ବିଶୋଧନ

ଡାଲିଜାତୀୟ ଫସଲ ପାଇଁ ବିହନ ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ। ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ। ଜମି ପ୍ରସ୍ତୁତ କରି ନିଗିଡ଼ା ଡିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ।

## ଫଳ ଚାରା ଲଗାଇବା ପୂର୍ବରୁ...

ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ଦୁଇ ତିନି ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡ଼ିଆ, ପିଜୁଳି, ପଣସ, ଲିଚୁ ଇତ୍ୟାଦି ପାଇଁ ଏକ ମିଟର ଗଭୀର ଓ ଏକ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ। ଓଡ଼ିଶାର ଜଳବାୟୁରେ ନାନାପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି।





# ବର୍ଷାଦିନିଆ ଧାନ ବିହନ କିସମ ଚୟନ

ଡ. ପରେଶ କୁମାର ପଣ୍ଡା

(ଶେଷ ଭାଗ)



ଲୁଣି ଓ କ୍ଷାରି ଜମି ପାଇଁ ଉପଯୁକ୍ତ କିସମ ହେଲା-ଜଗଜ୍ଜୀବନ, ଲୁଣା ସାଖୀ, ଲୁଣା ସମ୍ପଦ, ଲୁଣା ସ୍ୱର୍ଣ୍ଣ, ଲୁଣା ବରିଆଲ, ସି.ଆର.ଧାନ-୪୦୫, ସି.ଆର.ଧାନ-୪୦୬, ସୋନାମଣୀ, ଗୋସାବା-୫। ମରୁଡି ସହଣି କିସମ ମଧ୍ୟରେ ଯୋଗେଶ, ସିଦ୍ଧାନ୍ତ, ସହଭାଗୀ ଧାନ, ସି.ଆର୍. ଧାନ-୧୦୦ ଓ ସି.ଆର୍.ଧାନ ସିରିଜର ୧୦୧, ୧୦୨, ୮୦୧, ୮୦୨, ଡି.ଆର୍.ଆର୍. ଧାନ-୪୨ ଓ ଡି.ଆର୍.ଆର୍. ଧାନ ସିରିଜର ୪୩, ୪୪, ୪୬, ସ୍ୱର୍ଣ୍ଣ ଶ୍ରେୟା, ସନ୍ଥଭୀମ, ଶୁଖା ଧାନ-୫, ଶୁଖା ଧାନ-୬, ତେଲେଙ୍ଗାନା ସୋନା ସଫଳତାର ସହ ଚାଷ ହୋଇଥାଏ। ତେଲେଙ୍ଗାନା ସୋନା (ଆରଏନଆର-୧୫୦୪୮) ଡାଇବେଟିକ୍ ରାଇସ ଭାବେ ବର୍ଷସାରା ଚାଷ ହୋଇଥାଏ।

ଆମ ରାଜ୍ୟ ପାଇଁ ବାସନା ଧାନ କିସମ ମଧ୍ୟରେ ପୁଷା ସୁଗନ୍ଧ-୨, ନୂଆ ଧୂସରା, ଇମ୍ପ୍ରୁଭ୍‌ଡ ପୁଷା ବସୁମତୀ-୧, କେତକୀ ଦୋହା, ନୂଆ ଚିନି କାମିନୀ, ନୂଆ କଳାଜିରା, ସୁଗନ୍ଧମାଟି, ନୂଆ ଆଚାରମତି, ସିଆର ସୁଗନ୍ଧ ଧାନ-୯୦୭ ଓ ସିଆର ସୁଗନ୍ଧ ଧାନ ସିରିଜର ୯୦୮ ଏବଂ ୯୧୦ ବେଶ୍ ଲୋକପ୍ରିୟ। ଆମ ରାଜ୍ୟର ଲୋକପ୍ରିୟ ସଙ୍କର ଧାନ ମଧ୍ୟରେ ଅଜୟ, ରାଜଲକ୍ଷ୍ମୀ, ଡିଆରଆରଏଚ-୩, ସିଆର ଧାନ-୭୦୧ ଅନ୍ୟତମ। ବାୟୋବୀୟ ଧାନ (କମ୍ ପାଣିରେ ଶୁଖିଲା ଅବସ୍ଥାରେ ଚାଷ) କିସମଗୁଡିକ ହେଲା-ସରୁମୀନା, ପ୍ରିୟା, ପ୍ୟାରୀ, ସିଆର ଧାନ-୨୦୧, ୨୦୨।

ବହୁ ସମୟ ଧରି କୃଷକମାନେ ପୁରୁଣା ଲୋକପ୍ରିୟ କିସମ ବିକଳ୍ପ ଖୋଜିଥାଆନ୍ତି। ସେହି ପୁରୁଣା କିସମରେ ରୋଗପୋକ ସଂକ୍ରମଣ ଅଧିକ ହୋଇଥାଏ। ମାତ୍ର ନୂତନ ପ୍ରତିକୂଳ ଅବସ୍ଥା ସହଣି ଧାନ କିସମ ପ୍ରଚଳନ ଫଳରେ ରୋଗପୋକର ସମ୍ଭାବନା ହ୍ରାସ ପାଇବା ସହ ଅମଳ ଅଧିକ ମିଳିଥାଏ। ତେଣୁ ସେସବୁ ଦୃଷ୍ଟିରୁ ଆଇ.ଆର.-୬୪ ବଦଳରେ ଡିଆରଆର ଧାନ-୪୨, ଏମ.ଟି.ୟୁ-୧୦୧୦ ବଦଳରେ ଡିଆରଆର ଧାନ-୪୪, ବିପିଟି-୫୨୦୪ ବଦଳରେ ଡିଆରଆର ଧାନ-୫୦ କିମ୍ବା ସିଓ-୫୧ ଅଥବା ତେଲେଙ୍ଗାନା ସୋନା, ରଞ୍ଜିତ ବଦଳରେ ରଞ୍ଜିତ ସବ୍-୧, ସାବିତ୍ରୀ ବଦଳରେ ସିଆର-୧୦୦୯ ସବ୍-୧, ବନ୍ଦନା ଓ ଅଞ୍ଜଳି ବଦଳରେ ସିଆର ଧାନ-୧୦୦ (ସତ୍ୟଭାମା), ନବୀନ ବଦଳରେ ସିଆର ଧାନ-୩୦୪ କିମ୍ବା ସିଆର ଧାନ ୩୧୦, ଏମଟିୟୁ-୧୦୦୧ (ବିଜେତା) ବଦଳରେ ସିଆର ଧାନ-୩୦୭ (ମଉଡମଣି), ଲଲାଟ ବଦଳରେ ସିଆର ଧାନ-୩୦୪, ଏମଟିୟୁ-୭୦୨୯ ଓ ପୂଜା ବଦଳରେ ସ୍ୱର୍ଣ୍ଣ ମାସ୍ (ସିଆର ଧାନ-୮୦୦), ସିଆର ବୋରୋ ଧାନ-୨ ବଦଳରେ ସିଆର ଧାନ ୬୦୧ ନିଆଯାଇପାରେ।

ତେଣୁ ସାମଗ୍ରିକ ଦୃଷ୍ଟିକୋଣରୁ କୃଷକମାନେ ଜମିର ପ୍ରକାର, ଅନ୍ୟ କୃଷି ସମ୍ବଳ ତଥା ଫସଲ ପର୍ଯ୍ୟାୟକୁ ଧ୍ୟାନ ଦେଇ ଉପଯୁକ୍ତ ଧାନ କିସମର ବ୍ୟବହାର କରିବା ଦ୍ୱାରା ବର୍ଷାଦିନିଆ ଧାନ ଚାଷକୁ ନିଶ୍ଚିତ ରୂପେ ଉତ୍ତମ ଓ ଅଧିକ ଅମଳ ଦ୍ୱାରା ବେଶ୍ ଲାଭବାନ ହୋଇପାରିବେ।

*-ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର*
*ମୋ : ୭୨୦୫୦୯୬୦୮୦*

# ମୟଙ୍କ, ରାହୁଲ, ଶାର୍ଦ୍ଦୁଳ, ୱାଶିଂଟନଙ୍କୁ ସ୍ଥାନ ନାହିଁ

**ସାଉଥାମ୍ପଟନ, ୧୫।୬ (ପି.ଟି.)**

ଜୁନ୍ ୧୮ରୁ ଏଠାରେ ଆରମ୍ଭ ହେବାକୁଥିବା ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ମଙ୍ଗଳବାର ୧୫ଜଣିଆ ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ବ୍ରିସ୍‌ବେନ ଟେଷ୍ଟ ହିରୋ ଶାର୍ଦ୍ଦୂଳ ଠାକୁରଙ୍କ ପରିବର୍ତ୍ତେ ଦଳରେ ଭେଟେରାନ ସ୍ୱିଙ୍ଗ୍‌ଷ୍ଟର ଉମେଶ ଯାଦବଙ୍କୁ ନେବାକୁ ପସନ୍ଦ କରିଛନ୍ତି ଚୟନକର୍ତ୍ତା। ଉମେଶଙ୍କ ବ୍ୟତୀତ ଅଷ୍ଟ୍ରେଲିଆ ଟୁର୍ ବେଳେ ଇଞ୍ଜୁରୀ ହୋଇଥିବା ମହମ୍ମଦ ସାମି ଓ ହନୁମା ବିହାରୀ ୧୫ଜଣିଆ ଦଳରେ ସ୍ଥାନ ପାଇଛନ୍ତି। ଶାର୍ଦ୍ଦୁଳଙ୍କ ବ୍ୟତୀତ ଦଳରେ ସ୍ଥାନ ପାଇ ନ ଥିବା ଅନ୍ୟ ପ୍ରମୁଖ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ମୟଙ୍କ ଅଗ୍ରୱାଲ ଓ ୱାଶିଂଟନ ସୁନ୍ଦର। ଏମାନେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ମ୍ୟାଚରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିଲେ। ଇଂଲଣ୍ଡ ସିରିଜ ହିରୋ ଅକ୍ସର ପଟେଲଙ୍କୁ ମଧ୍ୟ ଦଳରେ ନିଆଯାଇ ନାହିଁ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ରୋଟୋକଲ ଅନୁସାରେ ଘୋଷଣା କରାଯାଇଥିବା ୧୫ ଜଣିଆ ଦଳରେ ସିନିୟର ବ୍ୟାଟ୍ସମ୍ୟାନ କେଏଲ୍ ରାହୁଲଙ୍କୁ ଦଳରେ ସ୍ଥାନ ମିଳି ନାହିଁ। ଇଣ୍ଟ୍ରା–ସ୍କ୍ୱାଡ୍ ପ୍ରକ୍ଟିସ ଗେମ୍‌ରେ ସେ କୋହଲିଙ୍କ ବିପକ୍ଷ ଦଳର ଅଧିନାୟକ ଥିଲେ। ମ୍ୟାଚରେ

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ**

ମଧ୍ୟ ସେ ଭଲ ପ୍ରଦର୍ଶନ କରିଥିଲେ। ତାଙ୍କୁ ଦଳରେ ନ ନିଆଯିବା ଅର୍ଥ ଅଷ୍ଟ୍ରେଲିଆ ଟୁର୍ ଆରମ୍ଭରେ ପ୍ରଥମ ପସନ୍ଦ ଖେଳାଳିଙ୍କୁ ଅଗ୍ରାଧିକାର ଦିଆଯାଇଛି। କୋହଲି ଅଧିନାୟକ ଦାୟିତ୍ୱ ଗ୍ରହଣ କରିବା ପରେ ଟିମ୍ ମ୍ୟାନେଜମେଣ୍ଟର ନୀତିରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଦଳର ପ୍ରଥମ ପସନ୍ଦ ଖେଳାଳିଙ୍କୁ ଗୁରୁତ୍ୱ ଦିଆଉଛି। ଜଣେ ରିଜର୍ଭ ଖେଳାଳି ଭଲ ପ୍ରଦର୍ଶନ କଲେ ମଧ୍ୟ ଜଣେ ସିନିୟର ଖେଳାଳି ଯେତେବେଳେ ଇଞ୍ଜୁରୀ ହୁଏ ତାଙ୍କୁ ସୁଯୋଗ ମିଳେ। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ବିଜୟ ବ୍ରିସ୍‌ବେନ୍ ଟେଷ୍ଟରେ ଶାର୍ଦ୍ଦୂଳ ଅର୍ଦ୍ଧଶତକ ସହ ୭ ଉଇକେଟ ଅକ୍ତିଆର କରିଥିଲେ ମଧ୍ୟ ତାଙ୍କ ସ୍ଥାନରେ ଉମେଶଙ୍କୁ ପସନ୍ଦ କରାଯାଇଛି। ଦଳରେ ଏକମାତ୍ର ଅଫ୍ ସ୍ପିନର ଭାବେ ରବିଚନ୍ଦ୍ରନ ଅଶ୍ୱିନ ସ୍ଥାନ ପାଇଛନ୍ତି। ରବିନ୍ଦ୍ର ଜାଡେଜାଙ୍କ ପ୍ରତ୍ୟାବର୍ତ୍ତନ କରିଥିବାରୁ ଅକ୍ଷର ପଟେଲଙ୍କୁ ଦଳରେ ନ ନିଆଯିବା ସ୍ୱାଭାବିକ। ଟିମ୍ ମ୍ୟାନେଜମେଣ୍ଟ ଉଭୟ ରୋହିତ ଶର୍ମା ଓ ଶୁବମନ ଗିଲଙ୍କୁ ଯଥେଷ୍ଟ ସୁଯୋଗ ଦେବାକୁ ଚାହୁଁଥିବାରୁ ରାହୁଲ ଓ ମୟଙ୍କ ଅଗ୍ରୱାଲ ଦଳରେ ସ୍ଥାପାଇବାରୁ ବଞ୍ଚିତ ହୋଇଛନ୍ତି। ଆଇସିସି ନିୟମାନୁସାରେ ଋଦ୍ଧିମାନ ଶାହାଙ୍କୁ ସବ୍‌ଷ୍ଟିଚ୍ୟୁଟ୍ ଉଇକେଟକିପର ଭାବେ ନିଆଯାଇଛି। **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଶବମନ ଗିଲ୍, ରୋହିତ ଶର୍ମା, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ଋଷଭ ପନ୍ତ (ଉଇକେଟକିପର), ରବିଚନ୍ଦ୍ରନ ଅଶ୍ୱିନ, ରବିନ୍ଦ୍ର ଜାଡେଜା, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ଈଶାନ୍ତ ଶର୍ମା, ମହମ୍ମଦ ସିରାଜ, ଋଦ୍ଧିମାନ ଶାହା (ଉଇକେଟକିପର), ଉମେଶ ଯାଦବ, ହନୁମା ବିହାରୀ।



ଉମେଶ ଯାଦବ

# ଖେଳିବେ କେନ୍ ୱିଲିୟମସନ

**ସାଉଥାମ୍ପଟନ, ୧୫।୬ (ପି.ଟି.)**

ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ନ୍ୟୁଜିଲାଣ୍ଡଦଳର ନେତୃତ୍ୱ ନେବା ଲାଗି କେନ୍ ୱିଲିୟମସନ ଉପଲବ୍ଧ ହେବେ। ଜୁନ୍ ୧୮ରୁ ଆରମ୍ଭ ହେବାକୁଥିବା ଏହି ମୁକାବିଲା ପାଇଁ ମୁଖ୍ୟ କୋଚ୍ ୧୫ଜଣିଆ ଦଳ ଘୋଷଣା କରିଛନ୍ତି। କହୁଣୀରେ ଇଞ୍ଜୁରୀ ଯୋଗୁ ୱିଲିୟମସନ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଉପଲବ୍ଧ ହୋଇ ନ ଥିଲେ। ଟମ୍ ଲଥାମଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ଏହି ମ୍ୟାଚ ୮ ଉଇକେଟରେ ବିଜୟ ଲାଭ କରିଥିଲା। ପିଠିରେ ଇଞ୍ଜୁରି ଯୋଗୁ ଦ୍ୱିତୀୟ ଟେଷ୍ଟ ଖେଳି ନ ଥିବା ଉଇକେଟକିପର ବିଜେ ୱାଟଲିଂ ମଧ୍ୟ ଦଳରେ ନିଆଯାଇଛି। ୱିଲିୟମସନ ଓ ୱାଟଲିଂ ଏକ ସପ୍ତାହ ଧରି ବିଶ୍ରାମ ଓ ରିହାବିଲିଟେଶନରେ ରହିଥିବାରୁ ଫାଇନାଲ ବେଳକୁ ସେମାନେ ଫିଟ୍ ହେବା ସହ ଉପଲବ୍ଧ ହେବେ ବୋଲି ଷ୍ଟେଡ୍ ଆଶା ପ୍ରକାଶ କରିକହିଛନ୍ତି। ସେ କହିଛନ୍ତି ଇଂଲଣ୍ଡ ବିପକ୍ଷରେ ସେମାନେ ବିଜୟ ହାସଲ କରିଥିଲେ ହେଁ ଭାରତକୁ ସାମ୍ନା କରିବା ସେମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହେବ। ଭାରତ ବିଶ୍ୱର ଏକ ଅନ୍ୟତମ ଶକ୍ତିଶାଳୀ ଦଳ। ଏହି ଦଳରେ ଅନେକ ମ୍ୟାଚ ବିଜୟୀ ଖେଳାଳି ରହିଛନ୍ତି। ତେଣୁ ଏହି ଦଳକୁ ପରାସ୍ତ କରିବା ସହଜ ନୁହେଁ। ନ୍ୟୁଜିଲାଣ୍ଡ ଦଳରେ ଜଣେ ସ୍ପେସାଲିଷ୍ଟ ସ୍ପିନର ୩୨ ବର୍ଷୀୟ ୩୨ ବର୍ଷୀୟ ବାମହାତୀ ସ୍ପିନର ଏଜାଜ ପଟେଲ ଏବଂ ଅଲରାଉଣ୍ଡର କଲିନ୍ ଗ୍ରାଣ୍ଡହୋମ୍‌ଙ୍କୁ ସ୍ଥାନ ଦେଇଛି। ସ୍ପେଶାଲିଷ୍ଟ ବ୍ୟାଟିଂ କଭର ପାଇଁ ଦଳରେ ୱିଲ୍ ୟଙ୍ଗ୍‌ଙ୍କୁ ନିଆଯାଇଥିବା ବେଳେ ଟମ୍ ବ୍ଲଣ୍ଡେଲଙ୍କୁ ବ୍ୟାକ୍‌ଅପ୍ ଉଇକେଟକିପର ଭାବେ ଦଳରେ ସାମିଲ କରାଯାଇଛି। **ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ଟମ୍ ବ୍ଲଣ୍ଡେଲ, ଟ୍ରେଣ୍ଟ ବୋଲ୍ଟ, ଡେଭନ କନୱେ, କଲିନ୍ ଡି' ଗ୍ରାଣ୍ଡହୋମ୍, ମ୍ୟାଟ୍ ହେନ୍‌ରୀ, କାଇଲ ଜେମିସନ, ଟମ୍ ଲଥାମ, ହେନ୍‌ରି ନିକୋଲ୍ସ, ଏଜାଜ ପଟେଲ, ଟିମ୍ ସୌଦି, ରସ୍ ଟେଲର, ନିଲ୍ ୱାଗନର, ବିଜେ ୱାଟଲିଂ ଓ ୱିଲ ୟଙ୍ଗ୍।



କେନ୍ ୱିଲିୟମସନ

## କ୍ୱାଲିଫାୟର୍ସ ତୃତୀୟ ରାଉଣ୍ଡରେ ଭାରତ

**ଦୋହା, ୧୫।୬:** ଭାରତୀୟ ଫୁଟବଲ ଦଳ ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ଏସିଆନ୍ କପ୍ କ୍ୱାଲିଫାୟର୍ସର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛି। ସ୍ଥାନୀୟ ଜାସିମ ବିନ୍ ହମାଦ ଷ୍ଟାଡିୟମରେ ମଙ୍ଗଳବାର ୨୦୨୨ ଫିଫା ବିଶ୍ୱକପ୍ ତଥା ଏସିଆନ କପ୍ କ୍ୱାଲିଫାୟର୍ସରେ ଭାରତ ଓ ଆଫଗାନିସ୍ତାନ ମ୍ୟାଚ୍ ୧–୧ ଗୋଲରେ ଅମୀମାଂସିତ ରହିଛି। ୭୫ତମ ମିନିଟ୍‌ରେ ଆଫଗାନିସ୍ତାନ ଗୋଲକିପର ଓଭାୟସ ଅଜିଜି ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ୮୨ତମ ମିନିଟ୍‌ରେ ହୋସେନ ଜମାନୀ ଗୋଲ ଦେଇ ମ୍ୟାଚ୍‌କୁ ଅମୀମାଂସିତ ରଖିଥିଲେ। ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରୁ ବାଦ୍ ପଡିଥିଲେ ମଧ୍ୟ ଭାରତ ଏସିଆନ୍ କପ୍ କ୍ୱାଲିଫାୟର୍ସର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛି।





Helpline : 8196822222

ନିଜ ଆଖିକୁ ଦିଅନ୍ତୁ ପ୍ରାକୃତିକ ଆଇ ମନ୍ତ୍ରା




Dr. Juneja's EYE Mantra

12 ଗୁଣକାରୀ ଆୟୁର୍ବେଦିକ ଔଷଧୀ ଯେପରି ଗୋଲାପ, ତୁଳସୀ, ଅଁଳା, ନିମ୍ବ, ପୋଦିନା, ମହୁ ଇତ୍ୟାଦିର ଯୋଗରେ ପ୍ରସ୍ତୁତ 'ଆଇ ମନ୍ତ୍ରା' ଆୟୁର୍ବେଦିକ ଆଇ ଡ୍ରପ୍, ଆଖିରେ ଦେଖାଦେଉଥିବା ସମସ୍ୟା ଯେପରି ଆଖିର କ୍ଲାନ୍ତି, ଆଖିରେ ଚାପ ପଡ଼ିବା, ଜ୍ୱଳନ, ପୀଡ଼ା, ଆଖି ଧରିବା, ଆଖି ଫୁଲିବା ଇତ୍ୟାଦି ଦୂର କରିବାରେ ସହାୟତା କରିଥାଏ। ଆୟୁର୍ବେଦିକ ହୋଇଥିବା କାରଣରୁ ଏହା ସୁରକ୍ଷିତ ହେବା ସହ ଆଖି ଉପରେ ଏହାର କୌଣସି କୁପ୍ରଭାବ ମଧ୍ୟ ପଡ଼ି ନ ଥାଏ।

ସମ୍ପୂର୍ଣ୍ଣ ସ୍ୱଦେଶୀ
ସମ୍ପୂର୍ଣ୍ଣ ଆୟୁର୍ବେଦିକ
#VocalforLocal

Orissa S.S. : Orissa Drug Distributor (Cuttack) : 2308926, 2308090, 6371713025, Angul : 232710, 231021, 233578, 9861121114, 9439138737, Aska : 9437424001, 272476, Balasore : 9040605196, 8984225824, 266871, 9437754792, 264594, 9437296785, 260025, 260611, 263459, Bamra : 229249, 9937581962, 229266, Barbil : 277283, Bargarh : 246906, 231319, 9437344300, 9777189794, 8093836557, 233089, 230244, Baripada : 9437320423, 9861138256, 9438250003, 9437188717, 257155, 9437320602, Begunia (Khurda) : 9437429268, Berhampur : 9437438256, 9438430070, 9437062015, 2250508, 2250732, 8093328828, 2250789, 9437114236, 9439643040, 2250815, 2250741, Bhadrak : 9437215761, 9040193860, 325007, Bhawanipatna : 233203, Bhubaneswar : 2530442, 9861289000, 9937070886, 2531215, 9437353502, 2530804, 9853451234, 2303977, 9437359374, 2536051, 9040057896, 9437307031, 2532184, 2507586, Bolangir : 9437093264, 233055, 9437210750, 235303, Boudh : 9437154867, Cuttack : 9437247237, 9861102904, 2526335, 6548643, 9583910000, 2308918, 2308627, 2518862, 9937541732, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, 9338620009, Jaraka : 273230, 9437073032, Jatni : 9437162097, Jeypore : 9437406230, 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437689233, 9437250042, 271023, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, 9437070921, Khandapada : 7873439046, 9438424230, Khelar : 9437884540, Khurda : 220419, 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 233156, 9937071720, 225819, Rayagada : 9437643418, 222791, 9937060531, 223356, Rourkela : 2522187, 2522975, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 2532553, 9937065848, 2511996, 9439027507, 2400281, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385








New 1.5L Petrol Engine

New Automatic Transmission with Hill-hold Assist

New Smartplay Studio with Android Auto & Apple CarPlay*

Next Gen Smart Hybrid Technology

Sharp & Crystalline LED Projector Headlamps with LED DRLs

NEXA Safety Shield – Standard Across All Variants
- DUAL FRONT AIRBAGS
- ABS WITH EBD
- PEDESTRIAN PROTECTION COMPLIANCE
- FULL FRONTAL IMPACT COMPLIANCE, FRONTAL OFFSET IMPACT COMPLIANCE, SIDE IMPACT COMPLIANCE

Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only.

Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

**BHUBANESWAR: NEXA RAJ BHAVAN ROAD** (NARAYANI MOTORS PH: 9583022008, 7440019521), **NEXA CYBER CITY** (JYOTE MOTORS PH: 9798190190), **NEXA TWIN CITY** (SKY AUTOMOBILES PH: 9776497764, 7064400101), **BERHAMPUR: NEXA BERHAMPUR NH5** (SKY AUTOMOBILES PH: 9583000447), **SAMBALPUR: NEXA SAMBALPUR HIGHWAY** (ODYSSEY MOTORS PVT. LTD. PH: 7008987669, 8599039994), **BALASORE: NEXA BALASORE HIGHWAY** (JYOTE MOTORS (BALASORE) PVT. LTD. PH: 9798190190), **ANGUL: NEXA ANGUL CENTRAL** (ODYSSEY MOTORS PVT. LTD. PH: 9938948207), **CUTTACK: NEXA STADIUM ROAD** (JYOTE MOTORS PH: 9798190190), **ROURKELA: NEXA CIVIL TOWN** (ORBIT MOTORS PH: 8337900222, 7077727977).

SMART FINANCE
AN ONLINE END-TO-END CAR FINANCE SOLUTION
Scan to know more.
- Pre-approved loans
- Custom generated loans
- Multiple financiers
- Loan status tracking

*Android Auto is TM of Google and Apple CarPlay is TM of Apple Inc.


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ